R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୧
ତିଥି : ଚତୁର୍ଦ୍ଦଶୀ
୧୬ ଅକ୍ଟୋବର ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




## ମହାରାଷ୍ଟ୍ର, ଝାଡଖଣ୍ଡ ବିଧାନସଭା ନିର୍ବାଚନ ଘୋଷଣା

### ମହାରାଷ୍ଟ୍ରରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍
### ଝାଡଖଣ୍ଡରେ ଦୁଇ ପର୍ଯ୍ୟାୟରେ ଭୋଟ୍
### ନଭେମ୍ବର ୨୩ରେ ଭୋଟ୍ ଗଣତି
### ନଭେମ୍ବର ୧୩, ୨୦ରେ ଝାଡଖଣ୍ଡ, ମହାରାଷ୍ଟ୍ରରେ ୨୦ରେ ମତଦାନ
### ୱାୟନାଡ୍ ଲୋକସଭା ସମେତ ୪୭ ବିଧାନସଭା ଉପନିର୍ବାଚନ ତାରିଖ ଘୋଷଣା

ନୂଆଦିଲ୍ଲୀ, ୧୫।୧୦ : ମହାରାଷ୍ଟ୍ର ଓ ଝାଡଖଣ୍ଡ ବିଧାନସଭା ଲାଗି ନିର୍ବାଚନ ତାରିଖ ଘୋଷଣା କରାଯାଇଛି । ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟ ଅର୍ଥାତ୍ ନଭେମ୍ବର ୨୦ରେ ଭୋଟ୍ ଗ୍ରହଣ କରାଯିବ । ତେବେ ଝାଡଖଣ୍ଡର ୮୧ ଆସନ ଲାଗି ଦୁଇ ପର୍ଯ୍ୟାୟ ଅର୍ଥାତ୍ ନଭେମ୍ବର ୧୩ ଓ ୨୦ରେ ଭୋଟ୍ ଗ୍ରହଣ କରାଯିବ । ଏହାସହ ନିର୍ବାଚନ କମିଶନ ମଧ୍ୟ ଲୋକସଭା ଓ ବିଧାନସଭାର ଉପନିର୍ବାଚନ ଲାଗି ତାରିଖ ଘୋଷଣା କରିଛନ୍ତି । ୪୭ ବିଧାନସଭା ଉପନିର୍ବାଚନ ସମେତ ୱେନାଡ୍ ଲୋକସଭା ଆସନ ଲାଗି ନଭେମ୍ବର ୧୩ରେ ଭୋଟ୍ ଗ୍ରହଣ ହେବ ।

ସୂଚନାଯୋଗ୍ୟ କଂଗ୍ରେସ ନେତା ରାହୁଲ ଗାନ୍ଧି ଏଥର ଲୋକସଭା ନିର୍ବାଚନରେ ଉଭୟ ୱେନାଡ୍ ଓ ରାଇବରେଲିରୁ ନିର୍ବାଚନ ଜିତିଥିଲେ ପରେ ସେ ୱେନାଡ୍ ଛାଡିଥିଲେ । ସେଠାରେ ଏଥର ପ୍ରିୟଙ୍କା ଗାନ୍ଧି ପ୍ରତିଦ୍ୱନ୍ଦ୍ୱିତା କରି ପ୍ରଥମ ଥର ପାଇଁ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି । ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର ନିର୍ବାଚନ ତାରିଖ ଘୋଷଣା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ମହାରାଷ୍ଟ୍ର ବିଧାନସଭା ଲାଗି ଅକ୍ଟୋବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବ । ଅକ୍ଟୋବର ୨୯ ସୁଦ୍ଧା ନାମାଙ୍କନ ଦାଖଲ ହେବ ଓ ୩୦ ତାରିଖରେ ଯାଞ୍ଚ ହେବ । ନଭେମ୍ବର ୪ ତାରିଖ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି । ନଭେମ୍ବର ୨୦ରେ ଭୋଟ୍ ଗ୍ରହଣ କରାଯିବ ଓ ନଭେମ୍ବର ୨୩ରେ ଭୋଟ୍ ଗଣତି ହେବ । ନଭେମ୍ବର ୨୩ରେ ଉଭୟ ଝାଡଖଣ୍ଡ ଓ ମହାରାଷ୍ଟ୍ର ସମେତ ଉପନିର୍ବାଚନ ଲାଗି ଭୋଟ୍ ଗ୍ରହଣ କରାଯିବ । ମହାରାଷ୍ଟ୍ରରେ ୯.୬୩ କୋଟି ଯୋଗ୍ୟ ଭୋଟର ଥିବାବେଳେ



ଝାଡଖଣ୍ଡରେ ୨.୬ କୋଟି ଭୋଟର ରହିଛନ୍ତି । ମହାରାଷ୍ଟ୍ରରେ ବିଜେପି ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା, ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଓ ବିଜେପି ସହ ମେଣ୍ଟ କରି ସରକାରରେ ରହିଛି । ସେହିଭଳି ଝାଡଖଣ୍ଡରେ କଂଗ୍ରେସ ଓ ଜେଏମ୍ଏମ୍ ମେଣ୍ଟ ସରକାରରେ ଅଛନ୍ତି ।

## ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ହରିୟାଣା, ମୁମ୍ବାଇ ଗସ୍ତ

ଭୁବନେଶ୍ୱର, ୧୫।୧୦ (ସବ୍ୟୁ): ଆସନ୍ତାକାଲି (ବୁଧବାର) ଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହରିଆଣା ଓ ମୁମ୍ବାଇ ଗସ୍ତରେ ଯାଉଛନ୍ତି । ୧୬ ତାରିଖ ଅପରାହ୍ନରେ ସେ ହରିଆଣା ଅଭିମୁଖେ ଗସ୍ତ କରି ୧୭ରେ ଚଣ୍ଡିଗଡରେ ନବ ଗଠିତ ହରିଆଣା ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବେ । ସେଦିନ ଅପରାହ୍ନରେ ଚଣ୍ଡିଗଡରେ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଯୋଗ ଦେବେ । ଚଣ୍ଡିଗଡ ପରେ ମୁଖ୍ୟମନ୍ତ୍ରୀ ମୁମ୍ବାଇ ଗସ୍ତରେ ଯାଇ ୧୮ ତାରିଖ (୯ ପୃଷ୍ଠାରେ)

## ବଙ୍ଗୋପସାଗରରେ ଦୁଇ ଲଘୁଚାପ

### ୧୮ରୁ ବିକ୍ଷିପ୍ତ ବର୍ଷା

ଭୁବନେଶ୍ୱର, ୧୫।୧୦ (ସବ୍ୟୁ) : ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ଅପରାହ୍ନ ୩ଟାରେ ତାମିଲନାଡୁର ବହୁ ଦୂରରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଥିଲା । କ୍ରମଶଃ ଏହା ପଶ୍ଚିମକୁ ଗତି କରି ୧୭ ତାରିଖ ସକାଳ ସୁଦ୍ଧା ତାମିଲନାଡୁ ଉପକୂଳ ସ୍ପର୍ଶ କରିବ । ୧୮ରେ ଆରବସାଗରରେ ପହଞ୍ଚିବାର ସମ୍ଭାବନା ରହିଛି । ଫଳରେ ରାଜ୍ୟକୁ ବଙ୍ଗୋପସାଗରୀୟ ପବନ ବୋହିବ ଏବଂ ରାତ୍ରି ତାପମାତ୍ରା କମିବ ନାହିଁ । ୧୮ ଓ ୧୯ ତାରିଖରେ ଦକ୍ଷିଣ ଉପକୂଳ ଏବଂ ଆଭ୍ୟନ୍ତର ଦକ୍ଷିଣରେ ପାଗ ମେଘୁଆ ସହିତ ବିକ୍ଷିପ୍ତ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ । ଏପରି ଆକଳନ କରିଛନ୍ତି କୃଷି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ ।

ଶ୍ରୀ ପଶୁପାଳକ କହିଛନ୍ତି, ୧୯ରୁ ୨୨ ତାରିଖ ମଧ୍ୟରେ ଉତ୍ତର-ପୂର୍ବ ପବନ ବୋହିବା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ରାତିର ତାପମାତ୍ରା ୧ରୁ ଦେଢ଼ ଡିଗ୍ରୀ କମିପାରେ । ୨୧ରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୨୨ରେ ଲଘୁଚାପ ରୂପ ନେଇପାରେ । ଏହା ଅଧିକ ଘନୀଭୂତ ହୋଇ ଅବପାତ ହେବାର ସମ୍ଭାବନା ରହିଛି । ଏହା ଉତ୍ତର ବା ଉତ୍ତର-ପଶ୍ଚିମକୁ ଗତି କରିବ । ଏହାଫଳରେ ରାଜ୍ୟରେ ୩ ଦିନ ଅର୍ଥାତ ୨୩ରୁ ୨୫ ତାରିଖ ଯାଏ ପାଗ ମେଘୁଆ ରହିପାରେ । ଦିନ ବେଳା କୋହଲା ଓ ରାତି ତାପମାତ୍ରା ପ୍ରାୟ ଦେଢ଼ ଡିଗ୍ରୀ ସେଲ୍‌ସିୟସ ବଢ଼ିବା ସହିତ ବର୍ଷା ହୋଇପାରେ । ତେବେ କେତେ ବର୍ଷା ହେବ, ତାହା ରାଜ୍ୟ ଉପକୂଳରୁ କେତେ ଦୂରରେ ଯିବ, ନିର୍ଭର କରୁଛି । ଯଦି ଓଡ଼ିଶା ଛୁଇଁବ ବା ଉପକୂଳ ନିକଟରେ ଯିବ, ତାହାଲେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ । ବର୍ତ୍ତମାନ ରହିଥିବା ଲଘୁଚାପର ଅପସାରଣ ପରେ ଅଧିକ ସୂଚନା ଦେଇହେବ । ବିଳମ୍ବ ଲଗାଯାଇଥିବା ଧାନରେ ଥୋଡ଼ ସାର ପ୍ରୟୋଗ କରନ୍ତୁ । ମାଟି ବତର ଦେଖି ସୋରିଷ, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଲଗାନ୍ତୁ ବୋଲି ଶ୍ରୀ ପଶୁପାଳକ ପରାମର୍ଶ ଦେଇଛନ୍ତି ।

## ଗଞ୍ଜେଇ ଯାଞ୍ଚ ବେଳେ ମିଳିଲା ୧.୬୫ କେଜି ରୁପା, ୩ ଅଟକ

ସମ୍ବଲପୁର, ୧୫।୧୦ (ସବ୍ୟୁ) : ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଅଞ୍ଚଳରେ ଦେ କ୍ୱିଣ୍ଟାଲରୁ ଅଧିକ ରୁପା ଜବତ ହୋଇଛି । ଜବତ ରୁପାର ଆନୁମାନିକ ମୂଲ୍ୟ ଦେଢ଼ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ତେବେ ଅବକାରୀ ବିଭାଗ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଯାଞ୍ଚ କରୁଥିବା ବେଳେ ଏହା ଧରା ପଡ଼ିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଏକ କାରରେ ବେଆଇନ ଭାବେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ସୂଚନା ମୁତାବକ ସମ୍ବଲପୁର-ଝାରସୁଗୁଡା ବିଜୁ ଏକ୍ସପ୍ରେସ୍ ୱେ'ର ରେଙ୍ଗାଲି ଝୁରିପଡା ନିକଟରେ ଚୋରା ଗଞ୍ଜେଇ ଧରିବା ପାଇଁ ଅବକାରୀ ବିଭାଗ ଜଗି ରହିଥିଲା । ଏହି ସମୟରେ କାର ଗାଡ଼ି ନମ୍ବର (ଏମଏଚ୧୪ଏଚ୧୬୯୩)କୁ ସନ୍ଦେହ ହେବାରୁ ଅବକାରୀ ବିଭାଗ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ କାରର ସିକ୍ରେଟ ଚାମ୍ବରରୁ ରୁପାର ପାଇଁଜି, ଝୁମକା, ରୁପାର ମୂର୍ତ୍ତି, ରୁପାର ଗ୍ଲାସ ଆଦି ବିପୁଳ ପରିମାଣର ଜବତ ହୋଇଛି । ଜବତ ରୁପାକୁ ଜିଏସଟି ବିଭାଗ ଜବତ କରିଛି । ଏସବୁର ଓଜନ ୧କ୍ୱିଣ୍ଟାଲ ୬୫ କିଗ୍ରା ଅଟେ । ଏହି ଘଟଣାରେ ଗୋଟିଏ କାର୍, ୩ଜଣ ଚାଲାଣକାରୀକୁ ଜିଏସଟି ବିଭାଗ ଅଟକ ରଖି ପଚରାଉଚୁରା ଜାରି ରଖିଛି । ଏହି ଜବତ ରୁପା ସବୁ ମହାରାଷ୍ଟ୍ରରୁ ରାଞ୍ଚି ଚୋରା ଚାଲାଣ ହେଉଥିଲା ବୋଲି ଜଣାପଡିଛି। ଓଜନ ପରେ ଏହାକୁ ସମ୍ବଲପୁର ଟ୍ରେଜେରୀରେ ଜମା ଦିଆଯିବ ବୋଲି ସିଟି ଜିଏସଟି ଡେପୁଟି କମିଶନର ଟେକଚାନ୍ଦ ମେହେର କହିଛନ୍ତି । ଆଗକୁ ଦୀପାବଳି ତଥା ଧନତେରେଶ (୯ ପୃଷ୍ଠାରେ)

## ବାଇକକୁ ଧକ୍କା ଦେଇ ଜଳିଗଲା ବସ



### ଜଣେ ମୃତ, ଅଳ୍ପକେ ବର୍ତ୍ତିଲେ ୫୦ ଯାତ୍ରୀ

ଛତିଆ/ଚଣ୍ଡିଖୋଲ, ୧୫।୧୦ (ସବ୍ୟୁ) : ୧୬ ନମ୍ବର ଜାତୀୟ ରାଜପଥର ଯାଜପୁର ଜିଲ୍ଲା ଛତିଆ କାକରା ବଜାର ସମ୍ମୁଖରେ ପୁଣି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ଏକ ଦ୍ରୁତଗାମୀ ଯାତ୍ରୀବାହୀ ବସ ଏକ ବାଇକକୁ ଧକ୍କାଦେଇ ଘୋଷାଡି ନେବାପରେ ହଠାତ ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ବସଟି ସମ୍ପୂର୍ଣ୍ଣ ପୋଡି ଭସ୍ମୀଭୂତ ହୋଇଯାଇଥିଲା । (୯ ପୃଷ୍ଠାରେ)

### ଖରିଫ ଧାନ ସଂଗ୍ରହ ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ମଣ୍ଡି ତଦାରଖ କରିବେ ମନ୍ତ୍ରୀ

### ଅନିୟମିତତା, ଦୁର୍ନୀତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ
### ସୀମାବର୍ତ୍ତୀ ଜିଲ୍ଲାଗୁଡିକ ସିଲ୍ କରାଯିବ

ଭୁବନେଶ୍ୱର, ୧୫।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଚଳିତ ବର୍ଷ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମୀକ୍ଷା କରି ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଧାନ ସଂଗ୍ରହରେ ହେଉଥିବା ଅନିୟମିତତା, ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ ଯେପରି ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବ ତାହା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଥର ପାଇଁ ଧାନର ସର୍ବନିମ୍ନ ମୂଲ୍ୟ ଉପରେ ୮୦୦ ଟଙ୍କା ଅଧିକ ଦିଆ ଯାଉଛି । ସେଥିପାଇଁ ଚାଷୀମାନଙ୍କ ଭିତରେ ବିପୁଳ ଉତ୍ସାହ ରହିଛି । ତେଣୁ ଧାନ ସଂଗ୍ରହ ପ୍ରକ୍ରିୟା ଯେପରି ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ ହେବ, ସେଥିପାଇଁ ପ୍ରତ୍ୟେକ ମନ୍ତ୍ରୀ ଗୋଟିଏ ବା ଦୁଇଟି ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବେ । ସେମାନେ ସରକାରଙ୍କ ପାଇଁ ୱାନ୍ ପଏଣ୍ଟ କଣ୍ଟାକ୍ଟ ଭାବେ କାର୍ଯ୍ୟ କରିବେ । ମନ୍ତ୍ରୀମାନେ ଜିଲ୍ଲା ତଥା ବିଭିନ୍ନ ମଣ୍ଡି ଗସ୍ତ କରି ଚାଷୀମାନଙ୍କ କଥା ଶୁଣି ତା'ର ପ୍ରତିକାର କଲେ, ସାଧାରଣ ଜନତା ସରକାରଙ୍କ ଆନ୍ତରିକତା ଅନୁଭବ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେଥିପାଇଁ ପୁରା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ସମସ୍ତ ସଂପୃକ୍ତ ବିଭାଗ ଓ ଜିଲ୍ଲାପାଳମାନେ ସମନ୍ୱୟ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମୁଦାୟ ପଞ୍ଜିକୃତ ଚାଷୀମାନଙ୍କ ମଧ୍ୟରୁ ୮୩.୧୬ ପ୍ରତିଶତ ହେଉଛନ୍ତି କ୍ଷୁଦ୍ର ଚାଷୀ । ସେମାନେ ଯେପରି ବିନା କୌଣସି ଅସୁବିଧାରେ ସେମାନଙ୍କ ଧାନ ବିକ୍ରି କରିପାରିବେ ତାହା ସୁନିଶ୍ଚିତ କରିବା (୯ ପୃଷ୍ଠାରେ)



## ଲୁଟ୍ କରି ୪ ୱେବ ସାମ୍ବାଦିକ ଗିରଫ

ଭବାନୀପାଟଣା/କଣ୍ଟାବାଞ୍ଜି, ୧୫।୧୦ (ସବ୍ୟୁ): ଅକ୍ଟୋବର ୨ ତାରିଖରେ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିର ବ୍ୟବସାୟୀ ଆକବର ଖାଁ ନିଜ କାରରେ ହାଇଦ୍ରାବାଦରୁ ଘରକୁ ଫେରୁଥିଲେ। ତେବେ ଭବାନୀପାଟଣା ନିକଟସ୍ଥ ଭଙ୍ଗାବାରି ନିକଟରେ ଦୁର୍ବୃତ୍ତମାନେ ତାଙ୍କ କାରକୁ ଅଟକାଇ ୨ ଲକ୍ଷ ୫୫ ହଜାର ଟଙ୍କା ଲୁଟ୍ କରି ନେଇଥିଲେ। ଏହି ଲୁଟ୍ ଅଭିଯୋଗରେ ବନ୍ଧା ହେଲେ ୪ ୱେବ୍ ସାମ୍ବାଦିକ ଓ ଜଣେ ବ୍ୟବସାୟୀ। ଆହୁରି ୫ ଜଣ ଫେରାର ଅଛନ୍ତି। ସେମାନଙ୍କୁ ଖୋଜୁଛି ଭବାନୀପାଟଣା ପୁଲିସ୍।। ଏନେଇ ବ୍ୟବସାୟୀ ଆକବର ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଲୁଟ୍ ହେବାର ୧୧ ଦିନ ପରେ ପୁଲିସ ୪ ୱେବ ସାମ୍ବାଦିକଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀରଞ୍ଜନ ବାଗ, ଅଜିତ କୁମାର (୯ ପୃଷ୍ଠାରେ)

## ଏୟାର ଇଣ୍ଡିଆ ବିମାନରେ ବୋମା ଗୁଜବ

### କାନାଡାରେ ଜରୁରୀ ଅବତରଣ

ନୂଆଦିଲ୍ଲୀ, ୧୫।୧୦ : ନୂଆଦିଲ୍ଲୀରୁ ଚିକାଗୋ ଯାଉଥିବା ଏୟାର ଇଣ୍ଡିଆ ବିମାନରେ ବୋମା ଥିବା ଖବର ମିଳିବା ପରେ କାନାଡାର ଇକାଲୁଇଟ୍ ବିମାନ ବନ୍ଦରରେ ଏହାର ଜରୁରୀ ଅବତରଣ କରାଯାଇଛି । ୪ ବିମାନରେ ବୋମା ଥିବାନେଇ ଗୁଜବ ହୋଇଥିଲା। ତେଣୁ ସୁରକ୍ଷା ବିପଦକୁ ଆଶଙ୍କା କରି ସୋସିଆଲମିଡିଆରେ ଯାଞ୍ଚ ହୋଇନଥିବା ଏକ ଖବରକୁ ନେଇ ଏଭଳି ହଇଚଇ ସୃଷ୍ଟି ହୋଇଥିଲା ।

ମଙ୍ଗଳବାର ଏୟାର ଇଣ୍ଡିଆର ବିମାନ ଏଆଇ-୧୨୭ ଦିଲ୍ଲୀରୁ ଚିକାଗୋ ଯାଉଥିଲା । ତେବେ ବିମାନରେ ବୋମା ଥିବାନେଇ ଅନ୍‌ଲାଇନ୍‌ରେ ଏକ ପୋଷ୍ଟ ଦେଖିବାକୁ ମିଳିଥିଲା । ତେଣୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କାନାଡା ବିମାନ ବନ୍ଦରରେ ଏହାର ଅବତରଣ କରାଯାଇଥିଲା । ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ବିମାନ ଓ ଯାତ୍ରୀମାନଙ୍କର ସମ୍ପୂର୍ଣ୍ଣ ସୁରକ୍ଷା ପ୍ରୋଟୋକଲ ଅନୁଯାୟୀ ପୁଣି ପୁନଃ ଯାଞ୍ଚ କରାଯାଇଥିଲା । (୯ ପୃଷ୍ଠାରେ)

## କଂଗ୍ରେସର ଅଭିଯୋଗକୁ ଖଣ୍ଡନ କଲେ ଇସିଆଇ

ନୂଆଦିଲ୍ଲୀ, ୧୫।୧୦ : ହରିୟାଣା ବିଧାନସଭା ନିର୍ବାଚନରେ ଇଭିଏମ୍ ବ୍ୟାଟେରିର ଚାର୍ଜ ପ୍ରତିଶତକୁ ନେଇ କଂଗ୍ରେସ ଯେଉଁ ଅଭିଯୋଗ ଆଣିଥିଲା ତାକୁ ବାଏଁ ବାଏଁ ଉଡାଇ ଦେଇଛନ୍ତି ମୁଖ୍ୟ ନିର୍ବାଚନ କମିଶନ (ଇସିଆଇ) । ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର କହିଛନ୍ତି ଯେ ଇଭିଏମ୍ ହେଉଛି ଏକ କାଲକ୍ୟୁଲେଟର ଭଳି । ମେସିନ୍‌କୁ ପେଜର ଭଳି ଟାମ୍ପରିଂ କରାଯାଇପାରିବ ନାହିଁ । ଇଭିଏମ୍ କାଲ୍‌କ୍ୟୁଲେଟରରେ ଗୋଟିଏ ଗୋଟିଏ ଥର ବ୍ୟବହାର ହେଉଥବା ବ୍ୟାଟେରି ରହିଥାଏ । ଏହା ଗୋଟିଏ ମୋବାଇଲ ବ୍ୟାଟେରି ନୁହେଁ । ଇଭିଏମ୍ ସମ୍ପୂର୍ଣ୍ଣ ଭାବେ ସୁଦୃଢ଼ ଓ ସୁରକ୍ଷିତ ଥିଲା । ସେହିପରି ୧୫ ରୁ ୨୦ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି ଯେ ଇଭିଏମ୍‌ରେ କୌଣସି ତ୍ରୁଟି ନଥିଲା ।



କଂଗ୍ରେସ ନେତା ରାସିଦ ଅଲଭି ଅଭିଯୋଗ କରିଥିଲେ ଯେ ଯେଉଁଭଳି ହେଜବୁଲ୍ଲାର ପେଜର୍ସକୁ ହ୍ୟାକ୍ କରି ଇସ୍ରାଏଲ ଆକ୍ରମଣ କରିଥିଲା, ସେହିଭଳି ମଧ୍ୟ ଇଭିଏମ୍‌କୁ ଟାମ୍ପରିଂ କରାଯାଇ ପାରିବ । ଇସିଆଇ ଏହାକୁ ଖଣ୍ଡନ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ପେଜର୍ସ ସଂଯୋଗ ହୋଇ ରହିଥାଏ । ଇଭିଏମ୍ କାହା ସହ ସଂଯୋଗ ହୋଇନଥାଏ । ବ୍ୟାଟେରି ସମେତ ଇଭିଏମ୍ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ରହିଥାଏ । ନିର୍ବାଚନର ୫/୬ମାସ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଯାଞ୍ଚ କରାଯାଏ । ଭୋଟ ହେବାର ୫/୬ଦିନ ପୂର୍ବରୁ କେଉଁ ଇଭିଏମ୍ ବ୍ୟବହାର ହେବ ତା'ର ନିଷ୍ପତ୍ତି ହୁଏ । ସେହିଦିନ ଗୋଟିଏ ନୂଆ ବ୍ୟାଟେରୀ ଇଭିଏମ୍‌ରେ ଲଗାଯାଇଥାଏ । ମେସିନ ସିଲ୍ ହେବା ପୂର୍ବରୁ ରାଜନୈତିକ ଦଳର ଏଜେଣ୍ଟମାନେ ଇଭିଏମ୍ ଓ ବ୍ୟାଟେରୀକୁ ବନ୍ଦ କରନ୍ତି । ଏହା ପରେ ଇଭିଏମ୍ ଷ୍ଟ୍ରଙ୍ଗ୍‌ରୁମ୍‌କୁ ପଠାଯାଏ । ଏଜେଣ୍ଟମାନଙ୍କ ସମ୍ମୁଖରେ ଡବଲ ଲକ୍ କରାଯାଏ ଏବଂ ପୂରା ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଏ । କଂଗ୍ରେସ ପକ୍ଷରୁ ହରିୟାଣା ବିଧାନସଭା ନିର୍ବାଚନର ଫଳାଫଳକୁ ନେଇ ଅଭିଯୋଗ କରାଯାଇଥିଲା ଯେ ଯେଉଁ ଇଭିଏମ୍‌ରେ ବ୍ୟାଟେରୀ ଚାର୍ଜ ୯୯% ଥିଲା ସେଠାରେ କଂଗ୍ରେସ ପ୍ରାର୍ଥୀ ପରାସ୍ତ ହୋଇଥିଲେ । ଯେଉଁ ଇଭିଏମ୍‌ର ବ୍ୟାଟେରୀ ୬୦ରୁ ୭୦% ରହିଥିଲା ସେଠାରେ କଂଗ୍ରେସ ପ୍ରାର୍ଥୀ ଜିତିଥିଲେ । ୨୦ଟି ନିର୍ବାଚନମଣ୍ଡଳୀରେ ଏଭଳି ଘଟଣା ଘଟିଥିଲା । ଏହାର ଜବାବରେ ଇସିଆଇ କହିଛନ୍ତି ଯେ ବ୍ୟାଟେରୀର ବୈଦେତୁକ କ୍ଷମତା ୭.୪ରୁ ୮ ଭୋଲ୍ଟ ପର୍ଯ୍ୟନ୍ତ ଏହା ମଧ୍ୟରେ ଥିଲେ ଇଭିଏମ୍‌ର ଚାର୍ଜ ୯୯% ପ୍ରଦର୍ଶିତ ହୋଇଥାଏ । ୭.୪ ଭୋଲ୍ଟରୁ ତଳକୁ ଖସିଲେ ଇଭିଏମ୍‌ରେ କେତେ ଚାର୍ଜ ଅଛି ତାହା ଡିସ୍‌ପ୍ଲେ ହୋଇଥାଏ। ଯେତେବେଳେ ୫.୮ ଭୋଲ୍ଟରେ ପହଞ୍ଚେ ସେତେବେଳେ ବ୍ୟାଟେରି ବଦଳାଇବାର ସଙ୍କେତ ଦେଇଥାଏ । ବ୍ୟାଟେରିର କ୍ଷମତା ମକ୍‌ପୋଲ ବେଳେ କେତେ ଭୋଲ୍ଟ ହେଲା, କେତେ ପୋଲିଂ ହେଲା, କେତେ ଲୋକ ଭୋଟ୍ ଦେଲେ ତା' ଉପରେ ନିର୍ଭର କଲେ ବୋଲି ସେ କହିଛନ୍ତି ।

## ଏନ୍‌ଏଚ୍‌ରେ ଜଳିଗଲା କାର

ଭୁବନେଶ୍ୱର, ୧୫।୧୦ (ସବ୍ୟୁ) : ଏନ୍‌ଏଚ୍‌ରେ ଏକ ବିଳାଶପୂର୍ଣ୍ଣ କାର ଜଳିଯାଇଥିବାବେଳେ ସେଥିରେ ଥିବା ଚାଳକ ଓ ଅନ୍ୟମାନେ ଅଳ୍ପକେ ବର୍ତ୍ତିଗଲେ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା ।

ଗୋଟିଏ ପରିବାର ବିହାରରୁ ଓଡ଼ିଶା ବୁଲି ଆସିଥିଲେ । ପୁରୀ, ଲିଙ୍ଗରାଜ ଓ ଧଉଳି ବୁଲିବା ପରେ ଉଦୟଗିରିରୁ ଫେରୁଥିଲେ । ମଙ୍ଗଳବାର ଅପରାହ୍ନରେ ନୂଆପଲ୍ଲୀ ଦୁର୍ଗାମଣ୍ଡପ ସାମ୍ନା ଏନ୍‌ଏଚ୍ ଉପରେ କାର୍‌ର ବ୍ରେକ୍ ନଲାଗିବାରୁ କ'ଣ ହେଲା ବୋଲି ବାହାରକୁ ଆସି ମାଲିକ ଓ ଡ୍ରାଇଭର ଦେଖିଲା ବେଳକୁ ନିଆଁ ଜଳୁଛି । କାରରେ ଥିବା ଗାଡ଼ିର ମାଲିକଙ୍କ ମା' ଓ ସ୍ତ୍ରୀ ପିଲାଙ୍କୁ ବାହାରକୁ ଓହ୍ଲାଇ ଦେଇଥିଲେ । ଏନ୍‌ଏଚ୍ ଉପରେ କାର୍‌ଟି ହୁ ହୁ ହୋଇ ଜଳୁଥିବାରୁ ଅଧଘଣ୍ଟାରୁ (୯ ପୃଷ୍ଠାରେ)



# କୁଆଁର ପୁନେଇଁ ଜହ୍ନ ଗୋ....







ପ୍ରାଚୀନ କାଳରୁ ଉତ୍କଳରେ ବହୁ ପର୍ବ ପର୍ବାଣୀ ପାଳିତ ହୋଇଆସୁଅଛି । କଥାରେ ଅଛି 'ବାରମାସରେ ତେର ପରବ' ଅର୍ଥାତ୍ ବେଳକାଳ ନେଇ ସାଧାରଣତଃ ପର୍ବ ପାଳନ କରାଯାଏ । ଜନସାଧାରଣ ପ୍ରକୃତି, ଈଶ୍ୱର, ମଣିଷ ଜୀବନକୁ ନେଇ ଧାର୍ମିକ ଭାବନାରେ ବହୁ ପର୍ବପର୍ବାଣୀ ପାଳନ କରିଥାନ୍ତି । ଜଗନ୍ନାଥ ଉତ୍କଳର ଇଷ୍ଟଦେବ । ତାଙ୍କୁ ନେଇ କେତେ ପର୍ବ ପ୍ରଚଳିତ । ଆଉ କିଛି କୃଷି ଭିତ୍ତିକ ଭାଇଚାରାର ପର୍ବ ହୋଇଥାଏ । ଋତୁଚକ୍ର ଅନୁଯାୟୀ ଶରତ ଋତୁରେ କୁମାର ପୂର୍ଣ୍ଣିମା ପାଳନ କରାଯାଏ । ଉତ୍କଳର ଗ୍ରାମେ ଗ୍ରାମେ ଏହି ପୂଜା ପାଳନ କରନ୍ତି । କୁମାରୀମାନେ ଚଉରା ମୂଳରେ ଜହ୍ନିଫୁଲରେ କୋଠି ତିଆରି କରନ୍ତି, ଚାଳକୁ



ଜହ୍ନି ଫୁଲ ସବୁ ଫୋପାଡ଼ନ୍ତି । ସେମାନେ ଏକ ଛୋଟ ଗୀତ ସେତେବେଳେ ବୋଲିଥାଆନ୍ତି, ଯଥା 'ଜହ୍ନି ଫୁଲ ଠୋ ଠା, ଗୁଣ୍ଡୁଚି ମୂଷା କହିଯାଇଛି ଚାଉଳ ଗଣ୍ଡେ ରଖିଥା' । ନବବସନ ପରିହିତା କୁମାରୀ ମାନଙ୍କର ନାଚଗୀତରେ ଉଚ୍ଛୁଳି ଉଠେ ଗାଁ ଦାଣ୍ଡ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ କୁମାର ପୂର୍ଣ୍ଣିମା (ଶରତ ପୂର୍ଣ୍ଣିମା)ରେ ଷୋଳକଳା ସଂପନ୍ନ ଅତି ଉଜ୍ଜ୍ୱଳ ଓ ତେଜମୟ ଚନ୍ଦ୍ର ପୃଥିବୀର ସବୁଠାରୁ ନିକଟବର୍ତ୍ତୀ ହୋଇଥାନ୍ତି । ତେଣୁ ଶାରଦୀୟ ପୂର୍ଣ୍ଣଚନ୍ଦ୍ର ନିଜ କିରଣରେ ଅମୃତ ବର୍ଷା କରିଥାନ୍ତି । ଏହି ଜୀବନଦାୟୀ କୁମାର ପୂର୍ଣ୍ଣିମାରେ ଚନ୍ଦ୍ର, ସୂର୍ଯ୍ୟ, ବିଷ୍ଣୁ ଓ ଲକ୍ଷ୍ମୀ (ଗଜଲକ୍ଷ୍ମୀ) ଆଦି ଦେବାଦେବୀଙ୍କର ପୂଜା କରାଯାଇଥାଏ । ସେହିଭଳି ପୁରାଣ ବର୍ଣ୍ଣନା ଅନୁସାରେ ଏହି ଶରତ ପୂର୍ଣ୍ଣିମାରେ ଶ୍ରୀକୃଷ୍ଣ ଗୋପୀମାନଙ୍କର ଇଚ୍ଛାକୁ ପୂରଣ କରିବାପାଇଁ ଯମୁନା ନଦୀ କୂଳରେ ମହାରାସ ରଚନା କରି ପ୍ରତ୍ୟେକ ଗୋପୀ ଓ ଶ୍ରୀରାଧାଙ୍କ ପାଇଁ ଗୋଟିଏ ଗୋଟିଏ କୃଷ୍ଣ ରୂପେ ଅବତୀର୍ଣ୍ଣ ହୋଇ ରାସଲୀଳା କରିଥିଲେ । ବୃନ୍ଦାବନରେ ମଧ୍ୟ ଏହି ମହାରାସ ପାଳନ କରାଯାଏ କିନ୍ତୁ ଓଡ଼ିଶାରେ ମହାରାସ କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ହୁଏ । ଏହିଦିନ ମା' ଲକ୍ଷ୍ମୀଙ୍କର ଜନ୍ମତିଥି ହୋଇଥିବାରୁ ପୃଥିବୀ ଭ୍ରମଣ କରି ଭାବ ଭକ୍ତିରେ ଯେଉଁ ମନୁଷ୍ୟ ଜାଗ୍ରତ ଥାଏ ମା' ତାକୁ ଧନ, ସୁଖ ଓ ସମୃଦ୍ଧି ପ୍ରଦାନ କରିଥାନ୍ତି । ଏହି ରାତିରେ 'ଜାଗର' ପାଳିବାରୁ ଏହାକୁ 'କୋଜାଗର ପୂର୍ଣ୍ଣିମା' ମଧ୍ୟ କୁହାଯାଏ । ଏହିଦିନ ଚନ୍ଦ୍ର ଦେବଙ୍କୁ ଯେଉଁ କ୍ଷୀର ନୈବେଦ୍ୟ ହୋଇଥାଏ ତାକୁ ଛାତ ଉପରେ ଖୋଲା ଆକାଶ ତଳେ ରଖି ତା' ପରଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ଭୋଗ ରୂପେ ଲୋକମାନେ ପାଇଥାନ୍ତି ।

ଶ୍ରୀକୃଷ୍ଣଙ୍କ ପାଟରାଣୀ ସତ୍ୟଭାମାଙ୍କ ଠାରୁ ଚୋରି କରି ସେଠାରୁ ପଳାୟନ କରିବା ସମୟରେ ଗରୁଡ଼ଙ୍କ ଦ୍ୱାରା ଯେତେଥର ନିହତ ହେଲେ ମଧ୍ୟ ତା'ର ମୃତ୍ୟୁ ହେଲାନାହିଁ । କୁମାର ପୂର୍ଣ୍ଣିମାରେ ଚନ୍ଦ୍ରଙ୍କର ଅମୃତ ଦୃଷ୍ଟି ଯୋଗୁଁ ଏହି ରାକ୍ଷସ ବଞ୍ଚି ଯାଉଥିଲା । ତେଣୁ ଜୀବ ଜଗତ ଏହିଦିନ ରାତ୍ରି ଉଜାଗର ରହି ଚନ୍ଦ୍ରଙ୍କର ଅମୃତ ଉଜ୍ଜ୍ୱଳ କିରଣ ଉପଭୋଗ କରିବା ଉଚିତ । କୁମାରୀ ମାନେ ଏହିଦିନ ନୂତନ ବସ୍ତ୍ର ପରିଧାନ କରି ପ୍ରଭାତ ସମୟରେ ସୂର୍ଯ୍ୟ ପୂଜା କରନ୍ତି । ସଂଧ୍ୟା ସମୟରେ ଚନ୍ଦ୍ରଙ୍କୁ ପୂଜା କରାଯାଇଥାଏ । ଆକାଶରେ ଉଭୟ ଚନ୍ଦ୍ର ଓ ସୂର୍ଯ୍ୟ ଥିବା ସମୟରେ ଉକ୍ତ ପୂଜା କରାଯାଏ । ସଂଧ୍ୟା ସମୟରେ ବିଭିନ୍ନ ଢଙ୍ଗରେ 'ଫୁଲ ବଉଳବେଣୀ' ଗୀତ ପରିବେଷଣ କରିଥାନ୍ତି ।

କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ
କୃଷ୍ଣ ଯେତେବେଳେ ଜନମ ହୋଇଥିଲେ
କୁଆଁ କୁଆଁ ରାବ ଦେଇ ଗୋ ଫୁଲ ବଉଳବେଣୀ ।
ଯଶୋଦା ଦୁଃଖ ଶଙ୍ଖାଳୀ ଗୋ ଫୁଲ ବଉଳବେଣୀ
କେତେ କଉତୁକ ଗୋପକଟକରେ
କରୁଛନ୍ତି ବନମାଳୀ ଗୋ ଫୁଲ ବଉଳବେଣୀ ।

କୁମାରୀ କନ୍ୟାମାନେ କୁମାର ପୂର୍ଣ୍ଣିମାରେ ଶିବ ପୁତ୍ର କାର୍ତ୍ତିକଙ୍କ ପରି ସୁନ୍ଦର ବରଟିଏ ପାଇବାପାଇଁ ମାସ ସାରା କରିଥିବା ଜହ୍ନିଓଷା କୁମାର ପୂର୍ଣ୍ଣିମା ଦିନ ସମାପନ କରିଥାନ୍ତି । କୁମାରୀ କନ୍ୟାମାନେ ବିଭିନ୍ନ ଖେଳ କୌତୁକ ମିଳିମିଶି କରିଥାନ୍ତି । ଏହି ଅବସରରେ ପୁଚିଖେଳ ପ୍ରତିଯୋଗିତା ହୁଏ । ପୁଚିଖେଳରେ ପୁଚି ଗୀତ ବୋଲାଯାଏ –

ଠିଆପୁଚି ନାରଙ୍ଗ
ଗୋଡ଼ ଦି'ଟା ସାରଙ୍ଗ
ସାରଙ୍ଗ ବାଡ଼ିକୁ ଯାଇଥିଲି
ଶାଗ କେରି କେରି ଆଣିଥିଲି ।
ଅଧେ କରିଥିଲି ଭଜା
ଅଧେ କରିଥିଲି ଚୁଡ଼ଚୁଡ଼ା
କେମିତି ଲାଗିଲା ମଜା
ଆଲୋ କେମିତି ଲାଗିଲା ମଜା ।

ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା ଓ ବନ୍ଧୁତାର ବିକାଶ ହେଉଛି ପର୍ବ ପର୍ବାଣୀର ମୂଖ୍ୟ ଉଦ୍ଦେଶ୍ୟ ।

**ଅକ୍ଷୟ କୁମାର ରାଉତ**
**ମୋ –୯୯୩୭୬୯୧୪୭୫**

## ସୋସିଆଲ କୋଟ୍ସ



ଧାରାବାହିକରେ ଇମୋସନ କେତେ ରହିଛି, ତାହା ହିଁ ଗୁରୁତ୍ୱତା ରଖିଥାଏ । ଲକଡାଉନ୍ ସମୟରେ ଓଟିଟି ଓ ସୋସିଆଲ ମିଡିଆ ମଧ୍ୟରେ ବି ରାମାୟଣକୁ ଦର୍ଶକ ଢେରସାରା ଭଲପାଇବା ଦେଇଥିଲେ ।

ସୁନିଲ ଲହରି, ଅଭିନେତା



ମୋ ହାଇଟ୍‌କୁ ନେଇ ମୁଁ ବେଶ୍ ଇନ୍‌ସିକ୍ୟୁଅର ଥିଲି । ଭାବୁଥିଲି ଲୋକମାନେ ମୋତେ ପସନ୍ଦ କରିବେ କି ନାହିଁ । ହେଲେ ପରେ ନିଜ ଅଭିନୟ ବଳରେ ଲୋକଙ୍କ ହୃଦୟ ଜିତିବାରେ ସଫଳ ହୋଇପାରିଲି ।

ଅମିର ଖାନ୍, ଅଭିନେତା



ଟ୍ରୋଲରଙ୍କ ପାଖରୁ ମୋତେ ସବୁବେଳେ କିଛି ନା କିଛି ଶିଖିବାକୁ ମିଳିଥାଏ । ସେମାନଙ୍କ କମେଣ୍ଟ ମୋତେ ସବୁବେଳେ ଆଗକୁ ବଢିବାକୁ ପ୍ରେରଣା ଦେଇଥାଏ । ମୁଁ ଏ ସବୁକୁ ସବୁବେଳେ ସକରାତ୍ମକ ଢଙ୍ଗରେ ନେଇଥାଏ ।

ଦେବିନା ବାନାର୍ଜୀ, ଅଭିନେତ୍ରୀ

## ଇତିହାସ ପୃଷ୍ଠାରୁ

୧୯୦୫ – ଭାଇସରୟ ଲର୍ଡ କର୍ଜନଙ୍କ ଆଦେଶରେ ବଙ୍ଗ ବିଭାଜନ ।
୧୯୩୯ – ସାନ୍ତାଳି ଭାଷାର ବିଦ୍ୱାନ ଶିକ୍ଷାବିତ୍ ପଦ୍ମଶ୍ରୀ ଦିଗମ୍ବର ହାଂସଦାଙ୍କ ଜନ୍ମ ।
୧୯୪୮ – ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଜନ୍ମ ।
୧୯୪୮ – ସୁପ୍ରସିଦ୍ଧ ଅଭିନେତ୍ରୀ ହେମା ମାଳିନୀଙ୍କ ଜନ୍ମ ।
୧୯୫୧ – ଏକ ଜନସଭାରେ ଯୋଗ ଦେଇଥିବାବେଳେ ପାକିସ୍ତାନର ପ୍ରଥମ ପ୍ରଧାନମନ୍ତ୍ରୀ ଲିୟାକତ ଅଲୀଙ୍କୁ ହତ୍ୟା ।
୧୯୬୮ – ହରଗୋବିନ୍ଦ ଖୁରାନାଙ୍କୁ ଚିକିତ୍ସା କ୍ଷେତ୍ରରେ ନୋବେଲ୍ ।
୧୯୭୮ – ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ କପିଲ ଦେବଙ୍କ କ୍ରିକେଟ ପଦାର୍ପଣ ।
୧୯୮୩ – ଭାରତର ମହାନ ଭୌତିକ ବିଜ୍ଞାନୀ ଓ ଗଣିତଜ୍ଞ ହରିଶ ଚନ୍ଦ୍ରଙ୍କ ନିଧନ ।
୧୯୫୯ – ରାଷ୍ଟ୍ରୀୟ ମହିଳା ଶିକ୍ଷା ପରିଷଦର ସ୍ଥାପନା ।
୧୯୯୫ – ଭାରତୀୟ ମହିଳା କ୍ରିକେଟର ଦେବା କୃଷ୍ଣମୂର୍ତ୍ତିଙ୍କ ଜନ୍ମ ।

# ଶ୍ରେଷ୍ଠ ମେଡିଟେରିଆନ ଡାଏଟ୍

ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟ ଅବସ୍ଥା ତାର ଖାଦ୍ୟ ଶୈଳୀ ଉପରେ ନିର୍ଭର କରିଥାଏ। ସେ କିଭଳି ଖାଦ୍ୟ ଖାଉଛି ଓ କେତେ ପରିମାଣରେ ଖାଉଛି ଏସବୁର ପ୍ରଭାବ ତା ଜୀବନ ଶୈଳୀ ଉପରେ ବେଶ୍ ଅଧିକା ପରିମାଣରେ ରହିଥାଏ । ତେବେ ଦୁନିଆରେ ବିଭିନ୍ନ ଡାଏଟ୍



ରହିଛି, ଯାହାକୁ ଲୋକ ଅନୁସରଣ କରନ୍ତି । ସେଥିମଧ୍ୟରୁ ମେଡିଟେରିଆନ ଡାଏଟ୍‌କୁ ମିଳିଛି ଦୁନିଆର ବେଷ୍ଟ ଡାଏଟ୍ ଆୱାର୍ଡ । ୟୁଏସ୍ ନ୍ୟୁଜ୍ ଆଣ୍ଡ ୱାର୍ଲଡ ଲଗାତର ପଞ୍ଚମଥର ପାଇଁ ମେଡିଟେରିଆନ ଡାଏଟ୍‌କୁ ଦୁନିଆର ଶ୍ରେଷ୍ଠ ବୋଲି ଘୋଷଣା କରିଛି । ବୈଜ୍ଞାନିକଙ୍କ ଅନୁସାରେ ଏହି ଡାଏଟ୍ ଅନୁକରଣ କରିବା ଦ୍ୱାରା ବିଶେଷ ଲାଭ ମିଳିଥାଏ । ମଧୁମେହ, ସ୍ମରଣ ଶକ୍ତି ହ୍ରାସ, ସ୍ତନ କର୍କଟ, ହାର୍ଟ ଆଟାକ୍ ଭଳି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଏହି ଡାଏଟ୍ ଫଳପ୍ରଦ । ଏହା ଓଜନ ହ୍ରାସ ସହ ମୁଣ୍ଡ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ । ତେବେ ଏହି ମେଡିଟେରିଆନ ଡାଏଟ୍ ଏକ ପ୍ଲାଣ୍ଟ ବେସଡ୍ ଡାଏଟ୍ । ଏଥିରେ ଫଳ ଓ ପରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ । ଏହି ଡାଏଟ୍‌ରେ ବିଭିନ୍ନ ପ୍ରକାରର ଫଳ, ପରିବା, ମଞ୍ଜି, ଶସ୍ୟଜାତୀୟ ଖାଦ୍ୟ ସାମିଲ ହୋଇଥାଏ । ସେହିଭଳି ଏହି ଖାଦ୍ୟକୁ ଅଲିଭ ତେଲରେ ରନ୍ଧାଯାଇଥାଏ । ଆମିଷରେ ଏହି ଡାଏଟ୍‌ରେ ଓମେଗା–୩ରେ ଭରପୁର ମାଛକୁ ଖିଆଯାଇଥାଏ । ଏହି ଡାଏଟ୍ ଅନୁସରଣ କରିବା ଫଳରେ ହୃତପିଣ୍ଡ ସୁସ୍ଥ ରହିଥାଏ, ମାନସିକ ଶାନ୍ତି ମିଳିଥାଏ, ହାଡ ମଜବୁତ୍ ହେବା ସହିତ ମଧୁମେହ ନିୟନ୍ତ୍ରଣରେ ରହିଥାଏ ।

# କେରଳୀ ଚିଲି ଚିକେନ

**ସାମଗ୍ରୀ–** ୫୦୦ଗ୍ରାମ ବୋନ୍‌ଲେସ୍ ଚିକେନ୍, ୨ ଚାମଚ ଚିଲି ଫ୍ଲେକସ୍, ଏକ ଚାମଚ କଟା ଅଦା, ୨ଚାମଚ ରସୁଣ, ଅଳ୍ପ ଭୃସଙ୍ଗପତ୍ର, ୨ଚାମଚ ଭିନେଗାର, ଗୋଟିଏ ବଡ କଟା ପିଆଜ, ଅଧା କପ ଟମାଟ ରସ, ଅଧା କପ ନଡିଆ ତେଲ, ଅଧା ଚାମଚ ମରିଚ, ୨ଟି ଗୁଜୁରାତି, ଏକ ଚାମଚ ପାନମଧୁରୀ, ଅଳ୍ପ ପରିମାଣ ନଡିଆ କଟା ହୋଇଥିବା, ୪ଟି କଞ୍ଚା ଲଙ୍କା ।

**ପ୍ରଣାଳୀ–** ଚିକେକନକୁ ସଫା କରିନିଅନ୍ତୁ । ପ୍ରଥମେ ସମସ୍ତ ଗୋଟା ମସଲାକୁ ଅଳ୍ପ ଭାଜି ଗୁଣ୍ଡ କରିନିଅନ୍ତୁ । ଏହାପରେ ଚିକେନ୍‌ରେ ସେହି ଗୁଣ୍ଡ ମସଲା, ଚିଲି ଫ୍ଲେକସ୍, ଅଦା ରସୁଣ ପେଷ୍ଟ, ଭୃସଙ୍ଗପତ୍ର, ଭିନେଗାର ଓ ଲୁଣ ପକାଇ ଗୋଳାନ୍ତୁ । ଗୋଟିଏ ପ୍ୟାନରେ ନଡିଆକୁ ତେଲରେ ଭାଜି ନିଅନ୍ତୁ । ଏହାପରେ ସେହି ପ୍ୟାନ୍‌ରେ କଟା ପିଆଜ, କଞ୍ଚା ଲଙ୍କା ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ଏଥିରେ ଭୃସଙ୍ଗ ପତ୍ର ପକାଇ ଭାଜନ୍ତୁ । ପରେ ଏଥିରେ ଚିକେନ୍ ପକାଇ ୫ରୁ ୧୦ ମିନିଟ୍ ଯାଏଁ ଭାଜନ୍ତୁ । ଏହାକୁ ଘୋଡାଇ ସିଝିବା ଯାଏଁ ରାନ୍ଧନ୍ତୁ । ପରେ ଟମାଟ ରସ ପକାଇ ରାନ୍ଧନ୍ତୁ । ଯେତେବେଳେ ଟମାଟ ରସ ମରିବା ଆରମ୍ଭ କରିବ ସେତେବେଳେ ଏଥିରେ



ଭଜା ନଡିଆ ପକାନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା କେରଳୀ ଚିଲି ଚିକେନ୍ ।



# ପୋଲିସ ଭୂମିକାରେ କାଜୋଲ

ନିକଟରେ ରିଲିଜ୍ ହୋଇଛି କାଜୋଲ, କ୍ରିତି ସନନ୍ ଓ ଶହୀର ଶେଖଙ୍କର ଫିଲ୍ମ 'ଦୋ ପତି' । ଫିଲ୍ମଟିର କାହାଣୀ ଦୁଇଜଣ ଭଉଣୀଙ୍କୁ ନେଇ ନିର୍ମାଣ କରାଯାଇଛି । ଏହି ଫିଲ୍ମରେ ପ୍ରଥମଥର ପାଇଁ କାଜୋଲଙ୍କୁ ପୋଲିସ ଭୂମିକାରେ ଦେଖିବାକୁ ମିଳିବ । ଟ୍ରେଲରକୁ ସମସ୍ତେ ଅନେକ ପ୍ରଶଂସା କରିବାରେ ଲାଗିଛନ୍ତି । ସବୁବେଳେ ରୋମାଣ୍ଟିକ୍ ଅଭିନୟ କରୁଥିବା କାଜୋଲଙ୍କ ଆକସନ୍ ଦେଖିବାକୁ ଦର୍ଶକ ଖୁବ ଉତ୍ସାହିତ ଥିବା ଦେଖିବାକୁ ମିଳୁଛି । କେବଳ କାଜୋଲଙ୍କୁ ନୂଆ ଅବତାରରେ ନୁହେଁ କ୍ରିତି ସନନ୍‌ଙ୍କୁ ମଧ୍ୟ ହଟକେ ଅନ୍ଦାଜରେ ଦେଖିବାକୁ ମିଳିବ । ଫିଲ୍ମରେ କ୍ରିତିଙ୍କୁ ଡବଲ ରୋଲରେ ଦେଖିବାକୁ ମିଳିଛି । ଉଭୟ ଭଉଣୀ ଯାଆଁଳା ହୋଇଥିବାରୁ ଉଭୟଙ୍କ ଚରିତ୍ରରେ କ୍ରିତିଙ୍କୁ ଦେଖିବାକୁ ମିଳିଛି । ସେହିଭଳି କ୍ରିତି ସନନ୍‌ଙ୍କ ଅପୋଜିଟ୍‌ରେ ଟେଲି ଅଭିନେତା ଶହୀର ଶେଖଙ୍କୁ ଦେଖିବାକୁ ମିଳିଛି।

ଏହି ଫିଲ୍ମର ଆଉ ଏକ ହଟକେ କଥା ରହିଛି, ଏହି ଫିଲ୍ମ ଜରିଆରେ ପ୍ରଯୋଜକଭାବେ ଇଣ୍ଡଷ୍ଟ୍ରୀରେ ପାଦ ରଖିଛନ୍ତି କ୍ରିତି । ପୂର୍ବରୁ କିଛି ଫିଲ୍ମରେ ଡବଲ ରୋଲ ପ୍ଲେ କରିଥିବା କ୍ରିତି ନିଜ ଏହି ରୋଲକୁ ନେଇ ମଧ୍ୟ ଖୁବ ସକରାତ୍ମକ ଅଛନ୍ତି । ସେହିଭଳି ପ୍ରଥମ ଥର ପାଇଁ ଆକସନ୍ କରୁଥିବା କାଜୋଲ ମଧ୍ୟ ନିଜ ଚରିତ୍ରକୁ ନେଇ ଏକ୍ସସାଇଟେଡ୍ ଅଛନ୍ତି । ପୋଲିସ ଭୂମିକାରେ ଅଭିନୟ କରିବାକୁ କାଜୋଲ ନିଜ ସ୍ୱାମୀ ଅଜୟଙ୍କ ଠାରୁ ଟିପ୍ସ ନେଇଥିବା ପ୍ରକାଶ କରିଛନ୍ତି । ବଲିଉଡ୍‌ର ସୁପର କପ୍ ଭାବେ ଅଜୟ ଦେବଗନ୍ ପରିଚିତ । ତାଙ୍କୁ ଅନେକ ଫିଲ୍ମରେ ପୋଲିସ ଭୂମିକାରେ ଦେଖିବାକୁ ମିଳିଥାଏ, ତେଣୁ ତାଙ୍କ ଠାରୁ ଟିପ୍ସ ନେଇ କାଜୋଲ ଏହି ଫିଲ୍ମରେ ଅଭିନୟ କରିଥିବା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ଦୋ ପତ୍ତି ଫିଲ୍ମ ଆସନ୍ତା ୨୫ ଅକ୍ଟୋବରରେ ପରଦାକୁ ଆସିବ ।

## ସ୍ୱାସ୍ଥ୍ୟସେବା, କୃଷି ଏବଂ ସ୍ଥାୟୀ ସହର ଉପରେ ୩ଟି ଏଆଇ-ଉତ୍କର୍ଷ କେନ୍ଦ୍ର ଘୋଷଣା

# ସ୍ୱାସ୍ଥ୍ୟ, କୃଷି ଓ ସହରରେ ଥିବା ଆହ୍ୱାନର ସମାଧାନ ବାହାର କରିବ ଏଆଇ ଟେକ୍ନୋଲୋଜି : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସ୍ୱାସ୍ଥ୍ୟସେବା, କୃଷି ଓ ସହରରେ ଥିବା ପ୍ରମୁଖ ସମସ୍ୟାର ସମାଧାନ ବାହାର କରିବା ପାଇଁ ଏଆଇ ଟେକ୍ନୋଲୋଜିକୁ ବିକଶିତ କରିବା ଦିଗରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ ସ୍ୱାସ୍ଥ୍ୟସେବା, କୃଷି ଏବଂ ସ୍ଥାୟୀ ସହର କ୍ଷେତ୍ରକୁ ବିଶେଷ ଦୃଷ୍ଟିରେ ରଖି ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଛନ୍ତି । ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ରେ ଥିବା ୩ଟି ଉତ୍କର୍ଷ କେନ୍ଦ୍ର ବିଶ୍ୱର ଜନକଲ୍ୟାଣକାରୀ ମନ୍ଦିର ଭାବେ ଉଭା ହେବ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରର ନେତୃତ୍ୱ ଆଇଆଇଟି ଦିଲ୍ଲୀ ଏବଂ ଏମ୍ସ ଦିଲ୍ଲୀ ନେବ । କୃଷି କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରର ନେତୃତ୍ୱ ଆଇଆଇଟି ରୋପାର ନେବ ଏବଂ ଆଇଆଇଟି କାନପୁର ସ୍ଥାୟୀ ସହର(ସଷ୍ଟେନେବଲ ସିଟି) କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରକୁ ପରିଚାଳିତ କରିବ । ବିଶ୍ୱ ଏଆଇ ଦୃଶ୍ୟପଟ୍ଟରେ ଭାରତର ପରିଚୟକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଆଗାମୀ ଦିନରେ ଏହି ଉତ୍କର୍ଷ କେନ୍ଦ୍ର ଗୁଡ଼ିକ ବିଶ୍ୱର ସାର୍ବଜନୀନ ନୀତିର ଏକ ପ୍ରମୁଖ ଉପାଦାନ ହେବ ଏବଂ ବିଶ୍ୱର ସମାଧାନ ପ୍ରଦାନକାରୀ ରାଷ୍ଟ୍ର ଭାବରେ ଉଭା ହେବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସମସ୍ୟାର ସମାଧାନ ବାହାର କରିବେ । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଏକ ପ୍ରଭାବଶାଳୀ ଏଆଇ ଇକୋସିଷ୍ଟମକୁ ବିକଶିତ କରିବା ଏବଂ ଏହି




'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ତିନୋଟି ଉତ୍କର୍ଷ କେନ୍ଦ୍ରକୁ ଅଗ୍ରଣୀ ଶିକ୍ଷାନୁଷ୍ଠାନ, ଶିଳ୍ପ ଅଂଶୀଦାର ଏବଂ ଷ୍ଟାର୍ଟଅପମାନେ ନେତୃତ୍ୱ ପ୍ରଦାନ କରିବେ । ସେମାନେ ଆନ୍ତଃବିଭାଗୀୟ ଗବେଷଣା କରିବା ସହ ଅତ୍ୟାଧୁନିକ ଆପ୍ଲିକେସନ୍ ବିକଶିତ କରିବେ ଏବଂ ଏହି ତିନୋଟି କ୍ଷେତ୍ରରେ ସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଗୁଣାତ୍ମକ ମାନବ ସମ୍ବଳକୁ ପ୍ରସ୍ତୁତ କରିବା । ଏଆଇର ୩ଟି ଉତ୍କର୍ଷ କେନ୍ଦ୍ର 'ସ୍ୱାସ୍ଥ୍ୟସେବା, କୃଷି ଏବଂ ସ୍ଥାୟୀ ସହର' କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ । ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବା ସହ ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବ ଏବଂ ସହରାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ମୁକାବିଲା କରିବା ପାଇଁ ଏଆଇ ଉଦ୍ଭାବନ ଏବଂ ଗବେଷଣାକୁ ଗଣତାନ୍ତ୍ରିକ କରିବ । ଆମର ଅଗ୍ରଣୀ ଶିକ୍ଷାନୁଷ୍ଠାନର ନେତୃତ୍ୱରେ ଏହି ଉତ୍କର୍ଷ କେନ୍ଦ୍ର ଗୁଡ଼ିକ ଭାରତର ଏଆଇ ସାମର୍ଥ୍ୟକୁ ସୁଦୃଢ଼ କରିବ ଏବଂ ଭାରତର ଏଆଇ ଇକୋସିଷ୍ଟମର ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରିବ । ମୋଦୀ ସରକାର ୨୦୨୩-୨୪ ଆର୍ଥିକ ବର୍ଷରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ମୋଟ ୯୯୦ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସହିତ ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ତିଆରି ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ପଦକ୍ଷେପର କାର୍ଯ୍ୟକାରିତା ତଥା ତଦାରଖ କରିବା ପାଇଁ ଜୋହୋ କର୍ପୋରେସନର ପ୍ରତିଷ୍ଠାତା ତଥା ସିଇଓ ଡ. ଶ୍ରୀଧର ଭେମ୍ବୁଙ୍କ ଅଧ୍ୟକ୍ଷତାରେ ଏକ ସର୍ବୋଚ୍ଚ କମିଟି ଗଠନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ସଚିବ, ସର୍ବୋଚ୍ଚ କମିଟିର କୋ-ଚେୟାର, ଡ. ଶ୍ରୀଧର ଭେମ୍ବୁ, ନ୍ୟାସନାଲ ଏଜ୍ୟୁକେସନାଲ ଟେକ୍ନୋଲୋଜି ଫୋରମର ଚେୟାରମ୍ୟାନ, ଆଇଆଇଟିର ନିର୍ଦ୍ଦେଶକ, ଉଚ୍ଚ ଶିକ୍ଷାନୁଷ୍ଠାନର ମୁଖ୍ୟ, ଶିଳ୍ପନେତା, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ଏବଂ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।




ମାସ୍ ଇଭେଣ୍ଟ ପକ୍ଷରୁ ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଉଛି

## ଆସାମର ନାବାଳିକା କଟକରୁ ଉଦ୍ଧାର

କଟକ,(ସବ୍ୟୁ): ଆସାମର ଜଣେ ନାବାଳିକା କଟକରୁ ଉଦ୍ଧାର୍ ହୋଇଛି । ସୋସିଆଲ୍ ମିଡିଆରେ ପ୍ରେମ ସମ୍ପର୍କ ଯୋଡ଼ିବା ପରେ ଉକ୍ତ ନାବାଳିକା ଜଣେ ଯୁବକଙ୍କ ସହିତ ଟ୍ରେନରେ ଫେରାର ହୋଇଯାଇଥିଲେ । ଏହି ନାବାଳିକାଙ୍କୁ କଟକ ଆରପିଏଫ୍ ସ୍କ୍ୱାଡ୍ କଟକ ରେଳ ଷ୍ଟେସନରେ ଟ୍ରେନରୁ ଉଦ୍ଧାର କରିଛି । ଉଦ୍ଧାର ପରେ ଏ ସଂକ୍ରାନ୍ତରେ ଆସାମ ପୁଲିସକୁ ଅବଗତ କରାଯାଇଥିବା ବେଳେ ସେଠାକାର ପୁଲିସ ଏ ନେଇ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

ଆସାମ ନାଓଗାଁ ଜିଲ୍ଲା କାମପୁର ଥାନା ଅନ୍ତର୍ଗତ ଗରୁବନ୍ଧ ମିର୍କି ଗାଁର ଜଣେ ୧୫ ବର୍ଷୀୟା ନାବାଳିକା ନିଖୋଜ ହୋଇଥିବା ସଂକ୍ରାନ୍ତରେ ଗତ ୧୨ ତାରିଖ ଅପରାହ୍ନରେ କଟକ ଆରପିଏଫକୁ ସୂଚନା ମିଳିଥିଲା । ସମ୍ପୃକ୍ତ ନିଖୋଜ ନାବାଳିକାଙ୍କ ଫଟୋ ଓ ମୋବାଇଲ୍ ଲୋକେସନ୍ ମଧ୍ୟ ଦିଆଯାଇଥିଲା । ଲୋକେସନ୍ ଯାଞ୍ଚ ପରେ ସେମାନେ ଝାଡ଼ଖଣ୍ଡ ବରଲଖା ଅଞ୍ଚଳରେ ଥିବା ଜଣାପଡ଼ିଥିଲା । ଆରପିଏଫ୍ ଆଇଆଇସି ଅନିଲ ସିଂହ ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ । କିନ୍ତୁ ମୋବାଇଲ୍ ସୁଇଚ ଅଫ୍ ହୋଇଯାଇଥିଲା । ଗତ ୧୨ ତାରିଖରେ ନାବାଳିକା ପୁରୁଲିଆ ଓ ଟାଟା ନଗର ଜଂକସନ୍ ମଧ୍ୟରେ ଯାଉଥିବା ଜଣାପଡ଼ିଥିଲା । ଆସାମ ପୁଲିସ ପକ୍ଷରୁ ସମ୍ପୃକ୍ତ ନାବାଳିକାଙ୍କ ମୋବାଇଲ୍ ଲୋକେସନ୍ ଠାବ କରାଯାଇଥିଲା ।

## ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ

# ୧୬ ଓ ୧୭ ଦୁଇ ଦିନ ଧରି ବେଳାଭୂମିରେ ଅନୁଷ୍ଠିତ ହେବ ୪୫ କୁମାର ଉତ୍ସବ

ପୁରୀ, (ସବ୍ୟୁ): ପୁରୀର ପ୍ରମୁଖ ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପୁରୀ ପକ୍ଷରୁ ୪୫ ତମ କୁମାର ଉତ୍ସବ ଆସନ୍ତା ୧୬ ଓ ୧୭ ଦୁଇ ଦିନ ଧରି ବେଳାଭୂମି ସ୍ଥିତ ହୋଟେଲ ଫୋର୍ଟ ମହୋଦଧି ସମ୍ମୁଖରେ ଅନୁଷ୍ଠିତ ହେବ । ଏଥିରେ ଯୋଗ ଦେବେ ବହୁ ନାମୀ ଦାମୀ କଳାକାର । ଏ ନେଇ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ରଜନୀକାନ୍ତ ଲେଙ୍କା, ସାଧାରଣ ସଂପାଦକ ଆଲୋକ କୁମାର ମହାପାତ୍ର, କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ ଚଳିତମାସ ୧୬ ଓ ୧୭ ତାରିଖ ଦୁଇଦିନ ଧରି ଅନୁଷ୍ଠାନ ପକ୍ଷରୁ ସ୍ୱର୍ଣ୍ଣାଭ ବେଳାଭୂମି ଠାରେ ୪୫ ତମ କୁମାର ଉତ୍ସବ ପାଳନ କରାଯିବ । ୧୬ ତାରିଖ ବୁଧବାର ଉଦ୍ଘାଟନ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର, କ୍ରୀଡ଼ା ଓ ଯୁବବ୍ୟାପାର ଏବଂ ଓଡ଼ିଆଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ପରିଚଳନା ନିର୍ଦ୍ଦେଶକ, ନାଲକୋ, ଶ୍ରୀଧର ପାତ୍ର, ମ୍ୟୁନିସିପାଲିଟି କାର୍ଯ୍ୟକାରୀ ଅଧିକାରୀ, ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗଦାନ କରିବେ । ପରେ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ । ଏହାପରେ ଅନୁଷ୍ଠାନର ସଦସ୍ୟ ସଦସ୍ୟା ମାନଙ୍କ ଦ୍ୱାରା ନୃତ୍ୟ ଭିତିକ ସମବେତ ସଙ୍ଗୀତ ରୂପକ କୁମାର ପୂର୍ଣିମା ରାତି, ମନେ ଭରିଦିଏ ତାଡି ପରିବେଷଣ କରିବେ । ଏହାପରେ ମାହାରୀ ନୃତ୍ୟ, ଆରତି ଡ୍ୟାନ୍ସଗ୍ରୁପ ଦ୍ୱାରା ଆଧୁନିକ ନୃତ୍ୟ ପରିବେଷଣ କରାଯିବ । ସର୍ବ ଶେଷରେ ଓଡିଶା ସିନେ ଜଗତର ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଓଲିଉଡ୍ ନାଇଟ୍ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ସେହିଭଳି ୧୭ ତାରିଖ ଗୁରୁବାର ଉଦ୍ୟାପନୀ ଦିବସରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ , ଆରକ୍ଷୀ ଅଧିକ୍ଷକ ଭିନିତ୍ ଅଗ୍ରୱାଲ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ , ତପନ କୁମାର ଚାନ୍ଦ ପୂର୍ବତନ ସିଏମ୍‌ଡି ନାଲକୋ, ତାରିଣୀ ପ୍ରସାଦ ମହାନ୍ତି, ପରିଚାଳନା ମୁଖ୍ୟ, ଆଇସିସି ଫରଚ୍ୟୁର୍ଣ ଯୋଗଦାନ କରିବେ । ପ୍ରତି ବର୍ଷ ଭଳି ଅନୁଷ୍ଠାନର ଆକର୍ଷଣୀୟ ପୁରସ୍କାର ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଭକ୍ତ ଚରଣ ଦାସ, ବିଜୟ କୁମାର ଆପଟ୍ଟ, ସନ୍ତୋଷ ଶତପଥି, ରାଜେନ୍ଦ୍ର ନାରାୟଣ ହରିଚନ୍ଦନ ,ହରେକୃଷ୍ଣ ମିଶ୍ର, ଲକ୍ଷ୍ମୀନାରାୟଣ ପଣ୍ଡା, ପ୍ରଦୀପ୍ତ କୁମାର ମିଶ୍ର, ଅମିୟ ପ୍ରସାଦ ନାଗ୍ , ରଜନୀ କାନ୍ତ ମିଶ୍ର , ବିକ୍ରମ ପରିଡ଼ା , ପ୍ରଶାନ୍ତ ମୁଦୁଲି , ସରସ୍ୱତୀ ଦାସ ,ରୁଦ୍ର ନାରାୟଣ ମିଶ୍ର , ସୁବ୍ରତ ସାହୁ , ସୂର୍ଯ୍ୟ ନାରାୟଣ ମହାପାତ୍ର , ଗୋପାଳ ଘଡ଼େଇ , ମନୀଷା ମହାନ୍ତି , ରିତିକା ମହାନ୍ତି , ଜଗମୋହନ ପଟ୍ଟନାୟକ, ଭବାନୀ ଶଙ୍କର ମିଶ୍ର , ରଂଜିତ ସିଂ , ନାରାୟଣ ଗୋଛିକାର , ସଦାଶିବ ନାୟକ , ମୋହନ ନାୟକ , ଶୁଭମ୍ ନନ୍ଦ , ଅଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ମା' ନେଲେ ମେଲାଣି, କମ୍ପିଲା ରୌପ୍ୟନଗରୀ କଟକ, ୧୭୨ ମେଢ଼ ବିସର୍ଜିତ

କଟକ,(ସବ୍ୟୁ) ସରିଲା ଦଶହରା, ମେଲାଣି ନେଲେ ମହିଷାମର୍ଦ୍ଦିନୀ । ୧୬ଦିନ ହେବ ଚଳଚଞ୍ଚଳ ରହିଥିବା ଦେବୀପୀଠ ଏବେ ବିଶ୍ରାମରେ । ମଣ୍ଡପର ତମାମ କୋଳାହଳ ଏବେ ସ୍ତବ୍ଧ । ପିଣ୍ଡି ଛାଡ଼ି ମା' ନେଇଛନ୍ତି ମେଲାଣି । ମା'ଙ୍କୁ ବିଦାୟ ବେଳାରେ ଐତିହାସିକ ଦେବୀଗଡ଼ାରେ ଗୋଟିଏ ପରେ ଗୋଟିଏ ମୃଣ୍ମୟୀ ମୂର୍ତ୍ତି ଜଳରେ ଲୀନ ହୋଇଛନ୍ତି । ଶାନ୍ତିଶୃଙ୍ଖଳାର ସହିତ କଟକର ଦଶହରା ଭସାଣୀ ସମାପନ ହୋଇଛି । ପାରମ୍ପରିକ ବାଦ୍ୟ ଧ୍ୱନିରେ କମ୍ପିଛି କଟକ । ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ମା' । ସୁନ୍ଦର ପାଗରେ ଏଥର କଟକବାସୀ ଭସାଣୀର ମଜା ନେଇଛନ୍ତି । ଷଷ୍ଠୀର ବିଲ୍ୱବରଣ, ସପ୍ତମୀର ନବପତ୍ରିକା, ଅଷ୍ଟମୀର ସନ୍ଧିପୂଜା, ନବମୀର ନବଦିନାତ୍ମକ ପୂଜା ଓ ଦଶମୀ ପୂଜା ସାରି ଏକାଦଶୀ ତିଥିରେ ବିସର୍ଜନ ହୋଇ ଦେବୀଗଡ଼ା ଅଭିମୁଖେ ବାହାରିଥିଲେ ମା'ଦଶଭୂଜା । ଦୁଇଦିନ ଧରି ଚାଲିଥିବା ବିସର୍ଜନରେ ବିଳମ୍ବିତ ରାତ୍ରୀରେ ପଡିଛି ଭଟ୍ଟା । ଶେଷ ମେଢ଼ ଭାବେ ଚାନ୍ଦିନଚୌକର ମା ନେଇଛନ୍ତି ମେଲାଣି ଛଶଙ୍ଖ, ଘଣ୍ଟ, ମାଦଳ, ଗୋଲ ଭଳି ପାରମ୍ପରିକ ବାଦ୍ୟରେ ମା' ନେଇଛନ୍ତି ମେଲାଣୀ । ଭାବଭକ୍ତିରେ ଭିଜି ଶ୍ରଦ୍ଧାଳୁମାନେ ଦେଇଛନ୍ତି ମହାମାୟୀଙ୍କୁ ବିଦାୟ ।

ବିଭିନ୍ନ ପୂଜା କମିଟି ପକ୍ଷରୁ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ନେଇ ପୁରୀଘାଟ ଥାନା ପାଖ କାଠଯୋଡି ନଦୀର ଦେବୀଗଡାଠାରେ ବିସର୍ଜନ କରାଯାଇଥିଲା । ଚଳିତବର୍ଷ କଟକ ସହରରେ ମୋଟ ୧୭୨ଟି ମଣ୍ଡପରେ ପୂଜା ଆୟୋଜିତ ହୋଇଥିବା ବେଳେ ଦଶମୀ ରାତିରୁ ବଙ୍ଗୀୟ ପରମ୍ପରାରେ



ପୂଜା ପାଉଥିବା ୧୪ଟି ମୂର୍ତ୍ତି ବିସର୍ଜିତ ହୋଇଥିଲା । ୧୪ ତାରିଖ ରାତି ୧ଟା ସୁଦ୍ଧା ୧୩୦ରୁ ଅଧିକ ମୂର୍ତ୍ତି ବିସର୍ଜନ କରାଯାଇଥିଲା । ସହରର ବିଭନ୍ନ ସ୍ଥାନରେ ଦଳମତ ନିର୍ବିଶେଷରେ ମେଢଗୁଡିକୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିସର୍ଜନ ପାଇଁ ସିଏମ୍ସି ପକ୍ଷରୁ ଦେବୀଗଡାଠାରେ ୩ଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିଲା ।

ଭସାଣ ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସହରରେ ୭୦ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ପୂଜା ମଣ୍ଡପ ଓ ସହରର ମୁଖ୍ୟ ଛକରେ ଟ୍ରାଫିକ ପରିଚାଳନାରେ ସହଯୋଗ କରିବା ପାଇଁ ୭୦୦ ପୁଲିସ ଭଲ୍ୟୁଣ୍ଟିଅର (ସ୍ୱେଚ୍ଛାସେବୀ)ଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା । ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ବିଭିନ୍ନ ଥାନାକୁ ୬ଟି ଜୋନରେ ଭାଗ କରାଯାଇ ୬ ଜଣ ଏଡିସିପିଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଡିସିପି ଜଗମୋହନ ମୀନା ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ । ସେହିପରି ୨୦ଟି ଅତିରିକ୍ତ ପିସିଆର, ୩ଟି ସ୍ୱେଶିଆଲ ମୋବାଇଲ ଭ୍ୟାନ, ୪୦ ବାଇକ ପିସିଆର ପାଟ୍ରୋଲିଂ କରିଥିଲା । ସହରର ବିଭିନ୍ନ ମୁଖ୍ୟ ଛକ, ପ୍ରବେଶ ପଥ ଭଳି ଭିନ୍ନ ଭିନ୍ନ ସ୍ଥାନରେ ୩୧ଟି ଅସ୍ଥାୟୀ ପୁଲିସ ଏଡପୋଷ୍ଟ ଖୋଲାଯାଇ ଶୋଭାଯାତ୍ରାକୁ ନିୟନ୍ତ୍ରଣ କରାଯାଇଥିଲା । ସେହିପରି ପୂଜା ଆରମ୍ଭରୁ ଭସାଣ ପର୍ଯ୍ୟନ୍ତ ସମସ୍ତ ଚାନ୍ଦିମେଢ ପାଇଁ ଅତିରିକ୍ତ ଫୋର୍ସ ବା ସ୍ୱତନ୍ତ୍ର ବନ୍ଧୁକଧାରୀ ପୁଲିସଙ୍କୁ ନିୟୋଜିତ କରାଯାଇଥିଲା । ଭସାଣୀରେ ସମ୍ଭାବ୍ୟ ଅଘଟଣ ଆଶଙ୍କାକୁ ଏଡାଇବା ପାଇଁ ଦେବୀଗଡା ଘାଟରେ ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ମୁତୟନ ଥିଲେ ।

ପାରମ୍ପାରିକ ରାବଣ ପୋଡ଼ି : ବାରବାଟୀ ସର୍ବଧର୍ମ ସାଂସ୍କୃତିକ ପରିଷଦ ପକ୍ଷରୁ ରାବଣ ପୋଡି ଉତ୍ସବ ବାଲିଯାତ୍ରା ତଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆଇନ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍ଘାଟକ ଭାବେ ଯୋଗଦେଇଥିଲେ । ଅଧର୍ମ ଉପରେ ଧର୍ମର ବିଜୟ ଓ ଅସତ୍ୟ ଉପରେ ସତ୍ୟର ବିଜୟ ହେବା ଆବଶ୍ୟକତା ଅଛି ବୋଲି ସେ ଏହି ଅବସରରେ କହିଥିଲେ । ମେୟର ସୁବାସ ସିଂହ, ବାରବାଟୀ- କଟକ ବିଧାୟିକା ସୋଫିଆ ଫିର୍ଦୋଷ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ସମୀର ଦେ, ବାର ଆସୋସିଏସନ ସଭାପତି ବିଜୟ ଦାସ, ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ରାତି ୧୨ ଟାରେ ଅତିଥିମାନେ ଅଗ୍ନି ସଂଯୋଗ କରି ରାବଣ ଦହନ କରିଥିଲେ । ଏହି ଅବସରରେ ବନାଟି ଖେଳ ଅନ୍ୟତମ ଆକର୍ଷଣ ଥିଲା ।

# ବାଇକରେ ଯାଉଥିବା ବେଳେ ଯୁବକଙ୍କୁ ପିଟି ପିଟି ହତ୍ୟା

କେନ୍ଦୁଝର , (ସ୍ୱପ୍ର): ମଙ୍ଗଳବାର ସନ୍ଧ୍ୟାରେ ବାଇକରେ ଯାଉଥିବା ଜଣେ ଯୁବକଙ୍କୁ ରାସ୍ତାରେ ପିଟିପିଟି ହତ୍ୟା କରାଯାଇଛି। ଏପରି ବୀଭତ୍ସ ହତ୍ୟାକାଣ୍ଡ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଘଟିଛି।ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ସୁରକ୍ଷା ଦୃଷ୍ଟିରୁ ଗାଁରେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି। କେନ୍ଦୁଝରଜିଲ୍ଲା ରାମଚନ୍ଦ୍ରପୁର ଥାନା ପଣ୍ଡୁଆ ଗାଁର ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିବା ଜଣେ ଯୁବକ ମଙ୍ଗଳବାର ସନ୍ଧ୍ୟା ବେଳେ ବାଇକାରେ ଘରକୁ ଫେରୁଥିଲେ। ଠିକ୍ ସେତିକି ବେଳେ ମଝି ରାସ୍ତାରେ ସେହି ଗାଁର ଅନ୍ୟ ଜଣେ ଯୁବକ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରି ପିଟି ଚାଲିଥିଲେ। ଫଳରେ ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଆକ୍ରମ କରିଥିବା ଯୁବକଙ୍କ ଘରରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଲିଭାଇବା ପାଇଁ ଆସିଥିବା ଅଗ୍ନିଶମ ଗାଡ଼ିକୁ ଛାଡ଼ି ନଥିଲେ।ମୃତଦେହ ରଖି ଗୋଟିଏ ଗୋଷ୍ଠୀ ରାସ୍ତାରୋକ କରିଥିଲେ। ଖବର ଲେଖା ବେଳେକୁ ଗାଁରେ ଉତ୍ତେଜନା ଲାଗି ରହିଛି। ମୃତକଙ୍କ ସମ୍ପର୍କୀମାନେ ବିପକ୍ଷ ଗୋଷ୍ଠୀର ଲୋକଙ୍କୁ ଆକ୍ରମଣ କରିଛନ୍ତ। ଯାହାଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି।ସେମାନଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ରାମଚନ୍ଦ୍ରପୁର ଥାନା ପୁଲିସ୍ ଗାଁରେ ପହଞ୍ଚି ବୁଝାସୁଝା କରୁଥିଲେ ମଧ୍ୟ ଉତ୍ତେଜନା କାବୁ ହେଉନି। ସୁରକ୍ଷା ଦୃଷ୍ଟିରୁ ଗାଁରେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି।ସେପଟେ ଆକ୍ରମଣ ପରେ ଅଭିଯୁକ୍ତ ଫେରାର ହୋଇଯାଇଛି। ପୁଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚଳାଇଛି। ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ପୂର୍ବ ଶତ୍ରୁତାରୁ ଏପରି ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହେଉଛି। ହେଲେ ଏନେଇ ପୁଲିସ ପ୍ରତିକ୍ରିୟା ମିଳିପାରିନି।

## ବସିଛି ଅସ୍ଥାୟୀ ଦୋକାନର ପସରା

କଟକ,(ସବ୍ୟୁ)ଭସାଣ ଉତ୍ସବ ପାଇଁ କାଠଯୋଡିର ରିଙ୍ଗ ବନ୍ଧ(ମଳାଚଣ୍ଡିଆରୁ ପୁରୀଘାଟ ଥାନା)ରେ ସଂଖ୍ୟାଧିକ ଅସ୍ଥାୟୀ ଦୋକାନର ପସରା ଦେଖିବାକୁ ମିଳିଥିଲା । ଖେଳଣା ଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ଘରକରଣା ସାମଗ୍ରୀ ଏଠାରେ ୮ଦିନ ବ୍ୟାପି ବିକ୍ରି କରାଯିବ । ବାଙ୍କି, ଆଠଗଡ, ଦଶପଲ୍ଲା ଓ ନୟାଗଡ ଭଳି ବିଭିନ୍ନ ଅଞ୍ଚଳରୁ ସଂଖ୍ୟାଧିକ ବେପାରୀ ବ୍ୟବସାୟ କରୁଛନ୍ତି । ପ୍ରାୟ ୩୦ରୁ ଅଧିକ ପରିବାର ବାଉଁଶ ତିଆରି କୁଲା, ବାଉଁଶିଆ, ପାଚିଆ, ଟୋକେଇ ଆଦିର ପସରା ନେଇ ଆସିଛନ୍ତି ଛ କଟକିଆ ସାଧାରଣତଃ ଭସାଣ ବେଳେ ଦେବୀଗଡା ନିକଟରେ ପଡୁଥିବା ଘରକରଣା ସାମଗ୍ରୀର ପସରା ପାଇଁ ମନ ବଳାଇଥାନ୍ତି ଛ ସେହିପରି ଅସ୍ତରଙ୍ଗ, ସୁନାଖଳା, ଓ ପାରାଦ୍ୱିପରୁ ଆସିଛନ୍ତି ଏଥର ୨୫ରୁ ଅଧିକ ଶୁଖୁଆ ବେପାରି । ଶୁଖୁଆ କେଜି ପ୍ରତି ଦର ଏଥର ୫୦ଟଙ୍କାରୁ ଆରମ୍ଭ ହୋଇ ୪୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ଏହି ଅସ୍ଥାୟୀ ମେଳା ଉପରେ ପୁଲିସ ସ୍ୱତନ୍ତ୍ର ନଜର ଦେଇଛି । ଏଠାରେ ଲୁଟ୍‌ତ୍ରାଟ୍ ହେବାର ସମ୍ଭାବନା ଥିବାରୁ ରିଂବନ୍ଧରେ ସ୍ୱତନ୍ତ୍ର ପୁଲିସ ନିୟୋଜିତ ହୋଇଛନ୍ତି । ୮ଦିନ ପର୍ଯ୍ୟନ୍ତ ଏହି ମେଳାରେ ପୁଲିସ ଡ୍ୟୁଟି କରିବେ ବୋଲି ଜଣାପଡ଼ିଛି ।

## ଦେବୀଗଡ଼ାରୁ ଧରାପଡ଼ିଲେ ୩୯ ବଞ୍ଜାରା

# ୪୭ମୋବାଇଲ୍, ଗୋଟିଏ ସୁନା ହାର ଓ ୯ଟି ମନିପର୍ସ ଲୁଟ୍

କଟକ,(ସବ୍ୟୁ): ପୁରୀଘାଟ ଥାନା ଅନ୍ତର୍ଗତ ଦେବୀଗଡ଼ା ଠାରେ ୨ଦିନ ହେବ ପ୍ରବଳ ଜନସମାଗମ ହେଉଛି । ମଳାଚଣ୍ଡିଆ ଛକରୁ ପୁରୀଘାଟ ଥାନା ପର୍ଯ୍ୟନ୍ତ ରାସ୍ତାର ୨ପାଶ୍ୱର୍ରେ ଅସ୍ଥାୟୀ ମେଳା ଚାଲିଛି । ଏହି ମେଳା ଆଗାମୀ ୭ଦିନ ପର୍ଯ୍ୟନ୍ତ ଚାଲିବ । ଭସାଣ ଉପଲକ୍ଷେ ହେଉଥିବା ଭିଡ଼ର ସୁଯୋଗ ନେଇ କେତେକ ବଞ୍ଜାରା ଲୁଟିଆ ବ୍ୟାପକ ଲୁଟପାଟ୍ ଘଟାଇଥିବା ଜଣାପଡିଛି । ଏ ନେଇ ଗତକାଲି ରାତିରେ ଓ ଆଜି ସଂଖ୍ୟାଧିକ ଅଭିଯୋଗ ପୁରୀଘାଟ ଥାନାରେ ହୋଇଛି । ପୁଲିସ ଘଟଣାକୁ ଗୁରୁତ୍ୱର ସହିତ ବିଚାରକୁ ନେଇ ଲୁଟିଆଙ୍କୁ ଚିହ୍ନଟ କରିବା ଲାଗି ଉଦ୍ୟମ ଜାରି ରଖିଛି । ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି । ଗତକାଲି ଠାରୁ ଦେବୀଗଡ଼ାରେ ସନ୍ଧ୍ୟା ପରେ ଭସାଣ ଦେଖିବା ପାଇଁ ଭିଡ଼ ବିବାରେ ଲାଗିଥିଲା । ରାତି ୮ଟା ପରଠାରୁ ଏଠାରେ ପ୍ରବଳ ଜନସମାଗମ ହୋଇଥିଲା ।ଏହାର ସୁଯୋଗ ନେଇ ଲୁଟିଆମାନେ ୪୭ରୁ ଉର୍ଦ୍ଧ୍ୱ ଲୋକଙ୍କଠାରୁ ମୋବାଇଲ ସହିତ ୯ ମନିପର୍ସ ଓ ଜଣକର ସୁନାହାର ଲୁଟିନେଇଥିବା ଅଭିଯୋଗ ହୋଇଛି । ପୁଲିସ ସୂଚନା ଅନୁସାରେ, ଅଷ୍ଟମୀ ତିଥିରେ ମଙ୍ଗଳାବାଗ ଘାଟ ଥାନା ଅଞ୍ଚଳର ଏକ ମଣ୍ଡପ ନିକଟରୁ ବାହାର ରାଜ୍ୟର ଜଣେ ଲୁଟିଆ ଧରାପଡିଯିବା ପରେ ସେମାନଙ୍କର ଏକଦଳ କଟକ ଆସିଥିବା ଜଣାପଡିଥିଲା । ଦେବୀଗଡ଼ାରୁ ଗତକାଲି ଓ ଆଜି ୩୯ ବଞ୍ଜାରା ଧରାପଡ଼ିଛନ୍ତି । ଭସାଣ ବେଳେ ବଞ୍ଜାରା ଲୁଟେରାମାନେ ଉତ୍ପାତ କରିଛନ୍ତି ।ଭିଡ଼କୁ ଦେଖି ବଞ୍ଜାରାମାନେ ଲୁଟ୍‌ତ୍ରାଟ୍ ଆରମ୍ଭ କରିଦେଇଥିଲେ । ମୋବାଇଲ୍ ଓ ଭ୍ୟାନିଟି ଛଡ଼ାଇବାରେ ମଧ୍ୟ ଏମାନେ ଅନେକାଂଶରେ ସଫଳ ହୋଇଥିଲେ । ଏ ନେଇ ଅଭିଯୋଗ ଓ କାର୍ଯ୍ୟରତ ପୁଲିସ ସନ୍ଦେହକରି ପ୍ରାୟ ୩୯ ବଞ୍ଜାରାକୁ ଧରିବା ପରେ ସେମାନଙ୍କର କାରସାଦି ଜଣାପଡିଥିଲା । ସେମାନଙ୍କ ମଧ୍ୟରୁ ୨୩ ଜଣ ଯୁବକ ଓ ବୟସ୍କ, ୧୧ଜଣ ମହିଳା ଓ ୫ ଜଣ ପିଲା ରହିଥିଲେ । ଏହା ପରେ ସେମାନଙ୍କର ସଂପୂର୍ଣ୍ଣ ତଥ୍ୟ ଓ ଫଟୋ ଉଠାଯିବା ପରେ ତୁରନ୍ତ କଟକ ଛାଡି ପଳାଇଯିବାକୁ ତାଗିଦ୍ କରି ଛାଡି ଦିଆଯାଇଥିଲା ।

## ବଡିଜୋନର ୨୦ତମ ରାବଣପୋଡି ଉତ୍ସବ

# ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢି ତୋଳିବା ପାଇଁ ପ୍ରୟାସ ଜାରି ରହିବ : ଏସପି

ଖୋର୍ଦ୍ଧା, (ସବ୍ୟୁ): ପବିତ୍ର ବିଜୟା ଦଶମୀ ଅବସରରେ ସ୍ଥାନୀୟ ହାବେଳୀ ପଡିଆଠାରେ ସେଚ୍ଛାସେବୀ ଅନୁଷ୍ଠାନ ବଡିଜୋନ ପକ୍ଷରୁ ୨୦ତମ ରାବଣପୋଡି ଉତ୍ସବ ପାଳନ କରିଛି।ଚଳିତ ବର୍ଷ ଦୁଇଦିନ ବ୍ୟାପି ଏହା ପାଳନ କରାଯାଇଛି ।ପ୍ରଥମ ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ତିମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ରାବଣ ପୋଡି ଉତ୍ସବ କରାଯାଇଥିଲା । ବଡିଜୋନ୍‌ର ପ୍ରତିଷ୍ଠାତା ତଥା ଯୁବନେତା ଜିତେନ୍ଦ୍ର କୁମାର ପ୍ରଧାନ(ରାଜା)ଙ୍କ ପୌରହିତ୍ୟ ରେ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦେବ, ଏସପି ସାଗରିକା ନାଥ, ଓଡିଶା ମୋପରିବାର ରାଜ୍ୟ ଆବାହକ ତଥା ବିଜେଡି ନେତା ଅରୁପ ମୋହନ ପଟ୍ଟନାୟକ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଜଗନ୍ନାଥ ସଂସ୍କୃତି ପ୍ରଚାର ଓ ପ୍ରସାରକ ଓ ଗବେଷକ କାଳି ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ତେବେ ହିନ୍ଦୁ ଧର୍ମ ରେ ରାବଣ କୁ ଅହଂକାର ର ପ୍ରତୀକ ଭାବେ ଦର୍ଶାଯାଇଛି । ବିଜୟା ଦଶମୀରେ ରାବଣ ଦହନ କରି ନିଜ ଭିତରେ ଥିବା ଅହଂକାର କୁ ମାରିବା ଲାଗି ଅତିଥିମାନେ ପରାମର୍ଶ ଦେଇଥିଲେ । ତେବେ ଉପସ୍ଥିତ ଖୋର୍ଦ୍ଧାବାସୀ ରଖିଥିବା ଆଶା ଓ ଭରଷାକୁ ନିଶ୍ଚୟ ଭାବେ ସାଧାରଣ ଜନତାଙ୍କ ସହଯୋଗରେ ପୂରଣ କରାଯିବ ବୋଲି ଗଣମାଧ୍ୟମକୁ କହିବା ସହ




ଖୋରଧା ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲାଭାବେ ଗଢି ତୋଳିବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରହିବ ବୋଲି ଏସପି ସାଗରିକା ନାଥ କହିଥିଲେ। ଏହି ଅବସରରରେ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ହୋଇଥିବା ୭୦ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ଦେହରେ ବିଧାୟକ ଅଗ୍ନି ସଂଯୋଗ କରିଥିଲେ । ଚଳିତ ବର୍ଷ ୧୦ହଜାର ରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । କାର୍ଯ୍ୟକ୍ରମକୁ ବଡିଜୋନର ସଭ୍ୟମାନଙ୍କ ସମେତ ସୌମେନ୍ଦ୍ର ପ୍ରଧାନ(ସିଟୁ), କୁନାଲ ବାରିକ, ଚନ୍ଦନ ଛୋଟରାୟ, ଚିକୁ ପାତ୍ର, ଶୁଭେନ୍ଦୁ ସ୍ୱାଇଁ, ସମର ହରିଚନ୍ଦନ ପ୍ରମୁଖ ପରିଚାଳନା କରିଥିବାବେଳେ ରଶ୍ମୀ ରଂଜନ ପ୍ରଧାନ, ପ୍ରଭୁକଲ୍ୟାଣ ଜେନା, ପ୍ରଣବ ପଟ୍ଟନାୟକ, ସାଇ ସିତେନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା। ସେହିପରି ଆଇନ ଶୃଙ୍ଖଳା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଅତିରିକ୍ତ ଏସପି ସୁରେନ୍ଦ୍ର ନାଥ ମୁର୍ମୁ ଏସ.ଡ଼ି.ପି.ଓ ଅନିଲ୍ ମହାନ୍ତି, ଟାଉନ ଥାନା ଅଧିକାରୀ ସଂଜୟ ନାୟକ, ଶିକ୍ଷାଞ୍ଜଳ ଅଧିକାରୀ ଗାୟତ୍ରୀ ମିଶ୍ର, ବାସୁଦେବ ଜୟସିଂହଙ୍କ ସମେତ ବହୁ ପୁଲିସ ଅଧିକାରୀ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅଗ୍ନିସମ ବିଭାଗ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ।

## ଇସୁଜୁ ମୋଟର୍ସ ଇଣ୍ଡିଆ ଆରମ୍ଭ କଲା ଇସୁଜୁ ଡି-ମ୍ୟାକ୍ସ ଆମ୍ବୁଲାନ୍ସ

ଭୁବନେଶ୍ୱର (ସବ୍ୟୁ): ଏଆଇଏସ୍-୧୨୫ ଟାଇପ୍ ସି ଆମ୍ବୁଲାନ୍ସ କୁ ସମ୍ପୂର୍ଣ୍ଣ ଭାବେ ନିର୍ମିତ ଇସୁଜୁ ଡି-ମ୍ୟାକ୍ସ ଆମ୍ବୁଲାନ୍ସର ଶୁଭାରମ୍ଭ କରି ଇସୁଜୁ ମୋଟର୍ସ ଇଣ୍ଡିଆ ଗର୍ବ ଅନୁଭବ କରୁଛି। ଜରୁରୀକାଳୀନ ଚିକିତ୍ସା ସେବାରେ ଏକ ନୂତନ ମାନଦଣ୍ଡ ସ୍ଥାପିତ କରି ରୋଗୀ ପରିବହନରେ ଅତୁଳନୀୟ ବିଶ୍ୱସନୀୟତା, ନିରାପତା ଏବଂ ଆରାମ ପ୍ରଦାନ କରିବା ସହିତ ଦ୍ରୁତ ପ୍ରତିକ୍ରିୟାକୁ ସଶକ୍ତ କରିବା ପାଇଁ ଏହି ଅଗ୍ରଣୀ ଆମ୍ବୁଲାନ୍ସ ପ୍ରସ୍ତୁତ କରାଯାଇଛି । ଇସୁଜୁ ପ୍ରମାଣିତ ଜ୍ଞାନକୌଶଳ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଆବଶ୍ୟକତାକୁ ଗଭୀର ଭାବରେ ବୁଝିବା ସହିତ ଭାରତ ପାଇଁ ଡିଜାଇନ୍ କରାଯାଇଥିବା ଏହି ନୂଆ ଇସୁଜୁ ଡି-ମ୍ୟାକ୍ସ ଆମ୍ବୁଲାନ୍ସରେ ୧୪ଟି 'ବେଷ୍ଟ-ଇନ୍-କ୍ଲାସ୍' ଫିଚର ରହିଛି, ଯାହା ଦେଶରେ 'ବେସିକ୍ ଲାଇଫ୍ ସପୋର୍ଟ' ଆମ୍ବୁଲାନ୍ସରେ ଏକ ନୂଆ ଯୁଗର ଶୁଭାରମ୍ଭ କରିଛି ।

# ବସନ୍ତପୁର ସାଇ ମନ୍ଦିରରେ ମହାସମାଧି ଦିବସ

ଭୁବନେଶ୍ୱର (ସବ୍ୟୁ) ପବିତ୍ର ଦଶହରା ଆଜିର ଦିନରେ ବାବା ମହସମାଧି ନେଇଥିଲେ । ଶିରିଡି ରେ ମହସମାରୋହରେ ଏହି ଦିବସ ପାଳନ ହେଉଥିବା ବେଳେ ସମସ୍ତ ସାଇ ମନ୍ଦିର ମାନଙ୍କରେ ଏହି ଦିବସକୁ ବେଶ୍ ଧୁମ୍ ଧାମ ରେ ପାଳନ କରା ଯାଉଛିଛ । ଗୁରୁଜୀ ଡ଼ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ପ୍ରାଣ ପ୍ରତିଷ୍ଠାକରାଯାଇଥିବା ବସନ୍ତ ପୁର ସ୍ଥିତ ସାଇ ମନ୍ଦିରରେ ଏହି ଦିବସ ପାଳନ କରାଯାଉଛି । ସକାଳେ କାକଟ ଆଳତୀ , ସୂର୍ଯ୍ୟ ପୂଜା , ମହାଅଭିଷେକ, ମଧ୍ୟାହ୍ନ ଆଳତୀ, ସନ୍ଧ୍ୟା ଆଳତୀ ଏବଂ ରାତ୍ର ଆଳତି



ରେ ବାବାଙ୍କୁ ପୂଜା କରାଯାଉଛି । ବାବାଙ୍କୁ ବିଷ୍ଣୁ ସହସ୍ର ନାମରେ ବାବାଙ୍କୁ ମହଭିଶକ କରାଯାଇଥିଲା । ଖିର ,ମହୁ, ଆଖୁରସ, ପଇଡ, ଲହୁଣୀ, ଅଗରୁ, ଚନ୍ଦନ ରେ ବାବାଙ୍କୁ ସ୍ନାନ କରାଯାଇ ମହାଭିଶକ କରାଯାଇଥିଲା । ବାବାଙ୍କ ସ୍ନାନ ପରେ ବାବାଙ୍କୁ ନୂତନ ବାସ୍ତ୍ର ପରିଧାନ କରାଯାଇ ଆଳତୀ ପୂଜା କରାଯାଇ ଥିଲା । ବସନ୍ତପୁର ସ୍ଥିତ ସାଇ ମନ୍ଦିରରେ ବାବଙ୍କୁ ଦର୍ଶନ କରିବା ଏବଂ ସାନିଧ ଲାଭ ପାଇଁ ପ୍ରଚୁର ଭିଡ ଦେଖିବାକୁ ମିଳିଥିଲା । ଶତାଧିକ ଭକ୍ତଙ୍କ ଭିଡ଼ରେ ବସନ୍ତ ପୁର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଟ୍ରଷ୍ଟ ର ସଭାପତି ଡ଼. ରୁଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### କାର୍ତ୍ତିକ ମାସ ପାଇଁ ଜିଲ୍ଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା

## ଫୋକସରେ ରହିବ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, କ୍ରାଇମ୍ ପ୍ରିଭେନ୍‌ସନ୍

ପୁରୀ (ସବ୍ୟୁ) : ଆସନ୍ତା ୧୭ ତାରିଖରେ ପୁରୀରେ ଅନୁଷ୍ଠିତ ହେବ ପବିତ୍ର କାର୍ତ୍ତିକ ମାସ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପୁରୀକୁ ଆସିବେ ହବିଷ୍ୟାଳୀ ମା ମାନେ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ । ଏହି ବ୍ରତ ପ୍ରାୟ ଏକ ମାସ ଧରି ଅନୁଷ୍ଠିତ ହେବ । ହବିଷ୍ୟାଳୀ ମା ମାନଙ୍କ ରହିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୪ ଗୋଟି ସ୍ଥାନରେ ବ୍ୟବସ୍ଥା କରା ଯାଇଛି । ସେହିପରି ହବିଷ୍ୟାଳୀ ମା ମାନଙ୍କ ଶ୍ରୀମନ୍ଦିର ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରା ଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏ ସଂପର୍କରେ ସୂଚନା ଦେଇ ଜିଲ୍ଲା ଏସପି ବିନୀତ କୁମାର ଅଗ୍ରୱାଲ କହିଛନ୍ତି ୧୭ ତାରିଖରେ ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହେବ । ହବିଷ୍ୟାଳୀ ମା ମାନେ ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ । କାର୍ତ୍ତିକ ମାସ ରେ ଲକ୍ଷାଧିକ ଭକ୍ତଙ୍କ ଆଗମନ ଓ ହବିଷ୍ୟାଳୀ ମା ମାନଙ୍କ ବ୍ରତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ



କରାଯାଇଛି । ଶ୍ରୀମନ୍ଦିର ସମ୍ମୁଖ ସିଂହଦ୍ୱାର ୨୪ ଘଣ୍ଟିଆ ସ୍ୱତନ୍ତ୍ର ପୋଲିସ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯିବ । ଶ୍ରୀମନ୍ଦିର ସମେତ ପୁରୀର ଶ୍ୱେତଗଙ୍ଗା, ନରେନ୍ଦ୍ର, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଗୁଡିକରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସୁରକ୍ଷା ବ୍ୟବସ୍ଥା ତଦାରଖ ଦାୟିତ୍ୱରେ ୨ ଜଣ ଅତିରିକ୍ତ ଏସପି, ୯ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର, ୨୦ ପ୍ଲାଟୁନ ଫୋର୍ସ ସମେତ ଅନ୍ୟ ପୋଲିସ ଫୋର୍ସ ମୁତୟନ ହେବେ । କାର୍ତ୍ତିକ ମାସ ରେ ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତ ଯେପରି ବିନା ବାଧା ବିଘ୍ନ ରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବେ । ସେହିପରି ଆସନ୍ତା ଦୀପାବଳୀ, ପଞ୍ଚୁକ ଓ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ।ହଜାଲ ଫ୍ରି ଦର୍ଶନ ପାଇଁ ପୋଲିସ ପକ୍ଷରୁ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, କ୍ରାଇମ ପ୍ରିଭେନ୍ସନ ଇତ୍ୟାଦି ଉପରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି ଏସପି ଶ୍ରୀ ଅଗ୍ରୱାଲ ।

## ଶୌଚ କରିବାକୁ ଯାଇ ପାଣିରେ ବୁଡି ମୃତ୍ୟୁ

ବେତନଟୀ(ସବ୍ୟୁ) : ବୈଶିଙ୍ଗା ଥାନା ଅଧୀନ ଶାଳଗାଁ ପଞ୍ଚାୟତ ଗମ୍ଭାରିଆ ଗ୍ରାମର ବାବାଜୀ ଦେହୁରୀଙ୍କ ପୁଅ ନିଳକଣ୍ଠ ଦେହୁରୀ(୬୯) ମଙ୍ଗଳବାର ଭୋର ସକାଳ ସମୟରେ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି । ପ୍ରାପ୍ତ ସୂଚନା ମୁତାବକ ମୃତ ନିଳକଣ୍ଠ ମଙ୍ଗଳବାର ଭୋର ସମୟରେ ଶୌଚ କରିବା ପାଇଁ ପାଖ ପୋଖରୀକୁ ଯାଇଥିବା ବେଳେ କୌଣସି କାରଣ ବଶତଃ ପାଣିରେ ବୁଡି ମୃତ୍ୟୁବରଣ କରିଥିଲେ । ପରିବାରବର୍ଗ ମୃତ ଶରୀର ପାଣିରେ ଭାସୁଥିବାର ଦେଖି ତୁରନ୍ତ ତାଙ୍କୁ ଉଦ୍ଧାର କରି ମାଣତ୍ରୀ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ମାଣତ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଧର ବାରିକ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ପଠାଇ ଦେଇଥିବା ଜଣାଯାଇଛି । ଏନେଇ ୪୮/୨୪ ର ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୁଲିସ ସୁତ୍ରରୁ ପ୍ରକାଶ ।

### ଟିଟିଲାଗଡ଼ ଓ ଖଣ୍ଡପଡ଼ାରେ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନା ନେଇ ବୈଠକ

## ବିଦ୍ୟୁତଜନିତ ଅସୁବିଧା ଦୂର ପାଇଁ ସରକାର ସର୍ବଦା ଚେଷ୍ଟିତ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଟିଟିଲାଗଡ଼ଠାରେ ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଓ ଖଣ୍ଡପଡ଼ାଠାରେ ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନା ନେଇ ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ବୈଠକରେ ପ୍ରସ୍ତାବ ଦେଇଥିଲେ । ଏହି ଦୁଇଟି ଅଞ୍ଚଳରେ ଉଚ୍ଚ କ୍ଷମତାସଂପନ୍ନ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ ହେବା ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କ ବିଦ୍ୟୁତଜନିତ ଅସୁବିଧା ଦୂର ହେବା ସଙ୍ଗେ ସଙ୍ଗେ ଖରାଦିନେ ହେଉଥିବା ଲୋ-ଭୋଲ୍ଟେଜ୍ ସମସ୍ୟାରୁ ମୁକ୍ତି ମିଳିପାରିବ । ବୈଠକରେ ଓପିଟିସିଏଲ୍ ଓ ଟାଟା ପାୱାରର ବରିଷ୍ଠ



ଅଧିକାରୀମାନେ ଏ ନେଇ ନିଜ ନିଜର ମତ ପ୍ରକାଶ କରିଥିଲେ । ସଂପ୍ରତି ରାଜ୍ୟରେ ୨୦ରୁ ଅଧିକ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ କାର୍ଯ୍ୟ ଚାଲୁ ରହିଛି । ଏଥି ମଧ୍ୟରୁ ୧୧ଟି ଗ୍ରୀଡ୍ ସଂପୂର୍ଣ୍ଣ ହୋଇ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ । ବୈଠକରେ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ ଜନସାଧାରଣଙ୍କ ବିଦ୍ୟୁତଜନିତ ଅସୁବିଧାକୁ ଦୂର କରିବା ପାଇଁ ସରକାର ସର୍ବଦା ଚେଷ୍ଟିତ । ଏ ନେଇ ଉଭୟ ଓପିଟିସିଏଲ୍ ଏବଂ ଟାଟା ପାୱାର ସହ ଆଲୋଚନା ଜାରି ରହିଛି । ଟିଟିଲାଗଡ଼ ଓ ଖଣ୍ଡପଡ଼ାବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତସେବା ଯୋଗାଇ ଦେବା ପାଇଁ ପାର୍ଶ୍ୱବର୍ତ୍ତୀ ଗ୍ରୀଡ୍‌କୁ ସଂଯୋଗୀକରଣ ବିଷୟରେ ମନ୍ତ୍ରୀ ଶ୍ରୀ ସିଂହଦେଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଦଶପଲ୍ଲାରେ ଗ୍ରୀଡ୍ ସଂପୂର୍ଣ୍ଣ ହେବା ପରିସ୍ଥିତିରେ ପହଞ୍ଚିଥିବାବେଳେ ହାଟବସ୍ତାରେ ଗ୍ରୀଡ୍ ସବ୍‌ଷ୍ଟେସନ୍ ନିମନ୍ତେ ଦିଆଯାଇଥିବା ପ୍ରସ୍ତାବ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଓପିଟିସିଏଲ୍ ଓ ଟାଟା ପାୱାରର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଧଳାବାଡ଼ି ଦୃଷ୍ଟିବାଧିତଙ୍କ ସ୍ୱାଧୀନତାର ପ୍ରତୀକ

ଭୁବନେଶ୍ୱର (ସବ୍ୟୁ): ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସମାଜରେ ଆତ୍ମନିର୍ଭରଶୀଳ କରିବା ପାଇଁ ଧଳାବାଡି ର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ଧଳାବାଡ଼ି ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରାଇ ସମାଜରେ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ଯେପରି ସମାନତାର ଅଧିକାରକୁ ସାବ୍ୟସ୍ତ କରିପାରିବ ସେଥିନିମନ୍ତେ ଆତ୍ମବିଶ୍ୱାସ ଜାଗ୍ରତ କରାଇଥାଏ । ଏକ ଅନ୍ତର୍ନିବେଶୀ ସମାଜ ଗଠନ ନିମନ୍ତେ ଦୃଷ୍ଟିବାଧିତମାନଙ୍କୁ ସମାଜର ସାଧାରଣ ବ୍ୟକ୍ତି ମାନଙ୍କ ସହ ସମକକ୍ଷ କରିବା ପାଇଁ ଧଳାବାଡ଼ି ଦୃଷ୍ଟିବାଧିତମାନଙ୍କୁ ସଶକ୍ତ କରିଥାଏ । ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (SISER) ଆନୁକୁଲ୍ୟରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ ଧଳାବାଡ଼ି ଦିବସ ୨୦୨୪ ପାଳନ ଅବସରରେ ଏହି ଭଳି କିଛି ମତ ପ୍ରକାଶ ପାଇଛି । ମହାସମାରୋହରେ ପାଳିତ ଏହି ଉତ୍ସବରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଥିଲେ ଯେ ଏକ ଅନ୍ତର୍ନିବେଶୀ ସମାଜ ଗଠନ ରେ ଧଳାବାଡ଼ି ଦିବସର ଗୁରୁତ୍ୱ ବେଶ ଅଧିକ । ସନ୍ଥ କବି ଭୀମ ଭୋଇଙ୍କର ଏକ ସୁନ୍ଦର ପଙ୍କ୍ତିରୁ ଆରମ୍ଭ କରି ସେ କହିଥିଲେ ଯେ ଓଡ଼ିଶା ସରକାର ଦୃଷ୍ଟିବାଧିତମାନଙ୍କ ପାଇଁ ଦେଶ ର ପ୍ରଥମ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି । ଏହା ପରେ ପରେ ବିଭାଗର ଦୀପକ କୁମାର ରାଉତରାୟ ଏବଂ ଉପଶାସନ ସଚିବ ସନ୍ନ୍ୟାସ କୁମାର ବେହେରା ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ପ୍ରାୟତଃ ୬ଶହରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟାନ୍ୟ ଦୃଷ୍ଟିବାଧିତ ବ୍ୟକ୍ତି ବିଶେଷ ମଧ୍ୟ ଯୋଗଦାନ କରିଥିଲେ । ଏହି ରାଲିରେ ଦୃଷ୍ଟିବାଧିତ ଶିକ୍ଷାର୍ଥୀ



ତଥା ସାଇଜରର ନିର୍ଦ୍ଦେଶିକା ଶ୍ରୀମତୀ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ଯୋଗଦେବା ସହ ପତାକା ହଲାଇ ଧଳାବାଡ଼ି ଦିବସର ସଚେତନତା ରାଲିର ଶୁଭାରମ୍ଭ କରିଥିଲେ । ଏଥିସହ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଶାସନ ସଚିବ ମାନେ ଡ୍ରମ, ତୂରୀ ,ଝାଞ୍ଜି ଓ ଝୁମୁକା ଆଦି ବାଦନ କରିବା ସହ ପଥପ୍ରାନ୍ତ ନାଟକ ପିରାମିଡ୍ ଏବଂ ସ୍ଲୋଗାନ ମାଧ୍ୟମରେ ବିଭିନ୍ନ ସଚେତନମୂଳକ ବାର୍ତ୍ତା ପ୍ରଦାନ ପୂର୍ବକ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଫାଟକ ଠାରୁ ଷ୍ଟୁଆର୍ଟ ସ୍କୁଲ୍ ଛକ ପର୍ଯ୍ୟନ୍ତ ଯାଇ ପ୍ରତ୍ୟାବର୍ତ୍ତନ କରିଥିଲେ ।

## ଭୁବନେଶ୍ୱର ସମ୍ବର୍ଦ୍ଧନା ସମିତିର ୨୩ତମ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ସିଆରପି ଛକ ସ୍ଥିତ ଭୁବନେଶ୍ୱର ସମ୍ବର୍ଦ୍ଧନା ସମିତି ଆନୁକୂଲ୍ୟରେ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶାରଦୀୟ ଭଷାଣୀ ଶୋଭାଯାତ୍ରା ଓ ବିଷର୍ଜନ ଉତ୍ସବ ଅନୁଷ୍ଠିତ ହୋଇଛି । ଉକ୍ତ ଉତ୍ସବରେ ପାରମ୍ପାରିକ ନୀତି ଅନୁଯାୟୀ ମାଙ୍କୁ ପଣା ଓ ଧୂପ ଆଦି ପ୍ରଦାନ କରାଯାଇଥିଲା । ୨୫ଟି ମେଢ଼ କମିଟିର ୮୦ ଜଣ କର୍ମକର୍ତ୍ତାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ଅନୁଷ୍ଠାନ ଗୁଡ଼ିକ ହେଲେ ନୟାପଲ୍ଲୀ ଦୁର୍ଗାପୂଜା ସମିତି, ଜୟଦେବବିହାର ଦୁର୍ଗାପୂଜା ସମିତି, ସାଲିଆସାହି ଦୁର୍ଗାପୂଜା କମିଟି, କଳାରାହାଙ୍ଗ ଦୁର୍ଗାପୂଜା କମିଟି, ରାଜ୍ କ୍ଲବ ଦୁର୍ଗାପୂଜା କମିଟି, ୟୁନିଟ୍ ମୋହାବୀର ପୂଜା କମିଟି ନୂଆସାହି, ଗଙ୍ଗନଗର ଯୁବ ପରିଷଦ ପୂଜା କମିଟି, ହରପାର୍ବତୀ ଦୁର୍ଗାପୂଜା କମିଟି, ସିରିପୁର ମା ଝାଡେଶ୍ୱରୀ ଦୁର୍ଗାପୂଜା କମିଟି, ସିରିପୁର ଦୁର୍ଗାପୂଜା କମିଟି, ରଣସିଂହପୁର ଦୁର୍ଗାପୂଜା କମିଟି, ଶ୍ୟାମପୁର ଦୁର୍ଗାପୂଜା କମିଟି, ସାର୍ବୋଜନୀତ ଦୁର୍ଗୋତ୍ସବ ସମିତି, ପୋଖରୀପୁଟ ଦୁର୍ଗାପୂଜା କମିଟି, ଡୁମୁଡୁମା ଦୁର୍ଗାପୂଜା କମିଟି, ଦଧିବାମନ ଦେବ ଦୁର୍ଗାପୂଜା କମିଟି, ଭଗବାନପୁର ଦୁର୍ଗାପୂଜା କମିଟି, ପାତ୍ରପଡା, ସାଲିଆସାହି ଦୁର୍ଗାପୂଜା କମିଟ ଯୋଗ ଦେଇଥିଲେ । ଉକ୍ତ ଉତ୍ସବରେ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, ଭୁବନେଶ୍ୱର ସମ୍ବର୍ଦ୍ଧନା ସମିତିର ସଭାପତି ଶରତ ରାଉତ, ଉପସଭାପତି ଦେବାଶିଷ ମହାପାତ୍ର, ସଂପାଦକ ଅଜିତ୍ କୁମାର ପାଢ଼ୀ, ପ୍ରମେୟ ପ୍ରସାର ବିଭାଗର ରମାକାନ୍ତ ମଲ୍ଲିକ, ଗୋବର୍ଦ୍ଧନ ପାଳ, ସମ୍ବର୍ଦ୍ଧନା ସମିତିର ସଦସ୍ୟ ଦେବ ମହାନ୍ତି, କୃପାସିନ୍ଧୁ ଜେନା, ମାନସୀ ମଞ୍ଜରୀ ରାୟ, ବିଜୟ କୁମାର ବେହେରା, ନିରାକାର ଚୌଧୁରୀ, ହୃଶିକେଷ ବେହୁରା, ବିଜୟ କୁମାର ସାହୁ, ସୁରେନ୍ଦ୍ର କୁମାର ପରିଜା, କିରଣ ପଟ୍ଟନାୟକ, ଜ୍ୟୋତି ରଞ୍ଜନ ସାହୁ, ପଣ୍ଡିତ ବିଜୟ କୁମାର ପାଣି, ରଶ୍ମିକାନ୍ତ ଦାସ ପ୍ରମୁଖଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଯୋଗଦେଇ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କର ସମାଗମ ହୋଇଥିଲା । ଆଗାମୀ ଦିନରେ ସମିତି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରୟାସ ଜାରୀ ରହିବ ବୋଲି ସମିତିର ସଭାପତି ସରତ ରାଉତ ପ୍ରକାଶ କରିଛନ୍ତି ।

## ଜିଓ ପକ୍ଷରୁ ଦୁଇଟି ନୂଆ ୪ଜି ଫିଚର ଫୋନ ଜିଓଭାରତ ଭି୩ ଏବଂ ଭି୪ ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ରିଲାଏନ୍ସ ଜିଓ ପକ୍ଷରୁ ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୪ ରେ ଦୁଇଟି ନୂତନ ୪ଜି ଫିଚର ଫୋନ୍ ଶୁଭାରମ୍ଭ କରାଯାଇଛି । ଜିଓଭାରତ ଭି୩ ଏବଂ ଜିଓଭାରତ ଭି୪ ନାମିତ ଏହି ଦୁଇ ୪ଜି ଫିଚର ଫୋନ ଜିଓଭାରତ ସିରିଜ୍ ଅଧୀନରେ ଆରମ୍ଭ କରାଯାଇଛି । ନୂଆ ମଡେଲଗୁଡିକ ୧୦୯୯ ଟଙ୍କା ମୂଲ୍ୟରେ ବଜାରରେ ଉପଲବ୍ଧ ହେବ । ଗତ ବର୍ଷ ଜିଓଭାରତ ଭି୨ ମଡେଲ୍ ଶୁଭାରମ୍ଭ କରାଯାଇଥିଲା, ଯାହା ଭାରତୀୟ ଫିଚର ଫୋନ୍ ବଜାରରେ ଆଲୋଡ଼ନ ସୃଷ୍ଟି କରିଥିଲା । କମ୍ପାନୀ ଅନୁଯାୟୀ, ଲକ୍ଷ ଲକ୍ଷ ୨ଜି ଗ୍ରାହକ ଜିଓଭାରତ ଫିଚର ଫୋନ୍ ମାଧ୍ୟମରେ ୪ଜିକୁ ପରିବର୍ତ୍ତିତ ହୋଇସାରିଛନ୍ତି । ଆଗାମୀ ପିର ଏହି ନୂଆ ଫିଚର ଫୋନ ଆଧୁନିକ ଡିଜାଇନ୍, ଶକ୍ତିଶାଳୀ ୧୦୦୦ ଏମଏଏଚ ବ୍ୟାଟେରୀ, ୧୨୮ ଜିବି ପର୍ଯ୍ୟନ୍ତ ବିସ୍ତାରଯୋଗ୍ୟ ଷ୍ଟୋରେଜ୍ ଏବଂ ୨୩ଟି ଭାରତୀୟ ଭାଷାକୁ ସମର୍ଥନ କରୁଛି । ଜିଓଭାରତ ଫୋନରେ ମାସିକ ମାତ୍ର ୧୨୩ ଟଙ୍କାରେ ରିଚାର୍ଜ କରାଯାଇପାରିବ ଯେଉଁଥିରେ ଅସୀମିତ ଭଏସ୍ କଲ୍ ଏବଂ ଦୈନିକ ଅଧା ଜିବି ହିସାବରେ ମୋଟ ୧୪ ଜିବି ହାଇ-ସ୍ପିଡ୍ ଡାଟା ମଧ୍ୟ ଉପଲବ୍ଧ ହେବ । ଉଭୟ ଭି୩ ଏବଂ ଭି୪ ମଡେଲ ଜିଓ-ଟିଭି, ଜିଓ-ସିନେମା, ଜିଓ-ପେ ଏବଂ ଜିଓ-ଚାଟ୍ ଭଳି ଉପଯୋଗୀ ପ୍ରି-ଲୋଡେଡ୍ ଆପ୍ ସହିତ ଆସିବ । ୪୫୫ ରୁ ଅଧିକ ଲାଇଭ ଟିଭି ଚ୍ୟାନେଲ ସହିତ ଚଳଚ୍ଚିତ୍ର, ଭିଡିଓ ଏବଂ କ୍ରୀଡା ବିଷୟବସ୍ତୁ ମଧ୍ୟ ମାତ୍ର ଗୋଟିଏ କ୍ଲିକରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ । ଅନ୍ୟପକ୍ଷରେ, ଜିଓ-ପେ ସହଜରେ ନିରବଚ୍ଛିନ୍ନ ଦେୟ ପ୍ରଦାନ ସୁବିଧା ପ୍ରଦାନ କରୁଥିବା ବେଳେ ଜିଓଚାଟ ଅସୀମିତ ଭଏସ୍ ମେସେଜିଂ, ଫଟୋ ସେୟାର ଏବଂ ଗ୍ରୁପ୍ ଚାଟ୍ ବିକଳ୍ପ ପ୍ରଦାନ କରିଥାଏ ।

## ଭୁବନେଶ୍ୱରରେ ଆୟୋଜିତ ହେବ ଭାରତୀୟ ଆଥ୍ରୋପ୍ଲାଷ୍ଟି ଆସୋସିଏସନର ୨୦ତମ ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ଇଣ୍ଡିଆନ୍ ଆଥ୍ରୋପ୍ଲାଷ୍ଟି ଆସୋସିଏସନ ପକ୍ଷରୁ ୨୦ତମ ବାର୍ଷିକ ସମ୍ମିଳନୀ ଅକ୍ଟୋବର ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ମେଫେୟାର କନଭେନସନରେ ଆୟୋଜିତ ହେବ। ଭୁବନେଶ୍ୱରର ଆପୋଲୋ ହସ୍ପିଟାଲର ବରିଷ୍ଠ ଅର୍ଥୋପେଡ଼ିକ୍ ପରାମର୍ଶଦାତା ତଥା ସଚିବ ଏବଂ ବର୍ତ୍ତମାନ ଭାରତୀୟ ଆଥ୍ରୋପ୍ଲାଷ୍ଟି ଆସୋସିଏସନର କୋଷାଧ୍ୟକ୍ଷ ଡକ୍ଟର ଦେବବ୍ରତ ପାଢୀଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଆୟୋଜନ କରାଯାଉଛି । ଚଳିତ ବର୍ଷ ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ଦେଶ ତଥା ବାହାରୁ ପ୍ରାୟ ୭୦୦ ଅର୍ଥୋପେଡ଼ିକ ସର୍ଜନ ଯୋଗ ଦେବା ସହିତ ଏହି ଅବସରରେ ବିଦେଶର ଫ୍ୟାକଲଟି ଏବଂ ପ୍ରତିନିଧିମାନେ ଅର୍ଥାଇଟିସ ଏବଂ ଗଣ୍ଠି ପ୍ରତିସ୍ଥାପନ ଅସ୍ତ୍ରୋପଚାର ଶିକ୍ଷା ଉପରେ ନିଜର ଅନୁଭୂତି ଓ ଭାଷଣ ରଖିବେ । ଦୁଇଦିନିଆ ସମ୍ମିଳନୀରେ ୨ଟି ପ୍ରାକ୍-ସମ୍ମିଳନୀ କ୍ୟାଡଭେରିକ୍ କର୍ମଶାଳା,ଜନ ସଚେତନତା କାର୍ଯ୍ୟକ୍ରମ,ଯୁବସର୍ଜନଙ୍କୁ ତାଲିମ, ରୋବୋଟିକ ଅସ୍ତ୍ରୋପଚାର ପ୍ରଦର୍ଶନ ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ସମ୍ମିଳନୀରେ ଡ. ଏମ.ଅଜିଥ୍ କୁମାର, ସଭାପତି, ଭାରତୀୟ ଆଥ୍ରୋପ୍ଲାଷ୍ଟି ଆସୋସିଏସନ, ଡ.ରାଜକୁମାର ନଟେସନ,ସଚିବ, ଭାରତୀୟ ଆର୍ଥୋପ୍ଲାଷ୍ଟି ଆସୋସିଏସନ, ଡଃ.ତନ୍ମୟ ମୋହନ୍ତୀ, ଆୟୋଜକ ଅଧ୍ୟକ୍ଷ, ଡ.ବିଶ୍ୱଜିତ୍ ସାହୁ, ଆୟୋଜକ-ସହ ଅଧ୍ୟକ୍ଷ, ଡ.ସୁନୀଲ କୁମାର ଦାସ, ଆୟୋଜକ ସହ ଅଧ୍ୟକ୍ଷ,ଡ. ନିର୍ମଳ ଚନ୍ଦ୍ର ଶ୍ରୀ ମହାପାତ୍ର, ଅଧ୍ୟକ୍ଷ ବୈଜ୍ଞାନିକ କମିଟି ଓ ବିଦେଶୀ ଫ୍ୟାକଲଟି ଭାବେ ଡ.ରାମି ସୋରିଆଲ, ଅଷ୍ଟ୍ରେଲିଆ, ଡ.ଡର୍ମୋଟ କୋଲୋପି, ଅଷ୍ଟ୍ରେଲିଆ, ଡ. ସୋଲୋମନବୋଗଡାନ୍, ଅଷ୍ଟ୍ରେଲିଆ, ଡ.ଜନ୍ ଏ.ଟିମ୍ପରଲେ, ବ୍ରିଟେନ, ଡ.ଡେଭିଡ଼ ଚୁନ, ମାଲେସିଆ, ଡ.ୱେସ କିଁ, ଆମେରିକା, ଡ. ମାର୍ଟିନ ଜିମର୍ମ୍ୟାନ, ସ୍ୱିଜରଲାଣ୍ଡ ପ୍ରମୁଖ ଯୋଗ ଦେବେ ।

## ନେକ୍ସସ ଏସପ୍ଲାନେଡ୍ ଚମତ୍କାର ସଜ୍ଜା ସହ ଦଶହରା ଉତ୍ସବ




ଭୁବନେଶ୍ୱର (ସବ୍ୟୁ) : ଦଶହରା ଅବସରରେ ନେକ୍ସସ୍ ଏସ୍ପ୍ଲାନେଡ୍‌ରେ ଯାଦୁକର ସଜ୍ଜା ପ୍ରଦର୍ଶନ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ଅନନ୍ୟ ଅନୁଭୂତି ପାଇଁ ଜଣାଶୁଣା ନେକ୍ସସ ଏସପ୍ଲାନେଡ୍ ଏକ ଉତ୍ସବ ଋତୁ ପାଇଁ ପ୍ରସ୍ତୁତ ଅଛି ଯାହା ଜୀବନ୍ତ ପ୍ରଦର୍ଶନ, ଆକର୍ଷଣୀୟ କାର୍ଯ୍ୟକଳାପ ଏବଂ ଜୀବନ୍ତ ସଜ୍ଜାରେ ପରିପୂର୍ଣ୍ଣ । ମଲ୍ ଭିତରେ ଓ ବାହାରେ ପାରମ୍ପରିକ ସଜ୍ଜା ସହିତ ଏକ ଉତ୍ସବ ମୁଖର ସ୍ଥାନରେ ପରିଣତ ହୋଇଛି। ରଙ୍ଗୀନ ଦ୍ୱାର ଏବଂ ସୁନ୍ଦର ଭାବରେ ପ୍ରସ୍ତୁତ ମା' ଦୁର୍ଗା ମୂର୍ତିଠାରୁ ଆରମ୍ଭ କରି ଜଟିଳ କାନ୍ଥ ଝୁଲନ୍ତା ପର୍ଯ୍ୟନ୍ତ, ନେକ୍ସସ ଏସପ୍ଲାନେଡର ପ୍ରତ୍ୟେକ କୋଣ ମା' ଦୁର୍ଗାଙ୍କ ଆତ୍ମାକୁ ପ୍ରତିଫଳିତ କରେ, ଯାହା ପରିବାର ଏବଂ ସାଙ୍ଗମାନଙ୍କ ସହିତ ସ୍ମୃତିକୁ କଏଦ କରିବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରେ । ଉତ୍ସାହ ଏତିକିରେ ଅଟକି ନାହିଁ! ନେକ୍ସସ ଏସପ୍ଲାନେଡ ଏହାର ପୃଷ୍ଠପୋଷକମାନଙ୍କ ପାଇଁ ଅନେକ କାର୍ଯ୍ୟକଳାପ ପ୍ରସ୍ତୁତ କରିଛି ।

## ଆଦର୍ଶଥାନା ଅଞ୍ଚଳରେ ବିଗୁଡୁଛି ଆଇନ ଶୃଙ୍ଖଳା ନୀରବ ପୋଲିସ

ଖୋର୍ଦ୍ଧା, (ସବ୍ୟୁ): ଆଦର୍ଶ ଥାନା ଅଂଚଳରେ ବେଳକୁ ବେଳ ବିଗୁଡୁଛି ଆଇନ ଶୃଙ୍ଖଳା । ପୋଲିସ ର ଢିଲା ପାଟ୍ରୋଲିଂ ଯୋଗୁ ସହର ର ଛାତି ଉପରେ ଥିବା ଗୋଟିଏ ପରେ ଗୋଟିଏ ଦୋକାନରେ ପଶି ଲୁଟ କରୁଛନ୍ତି ଦୁର୍ବୃତ । ଦୁଇଦିନ ତଳେ ବିଳମ୍ବିତ ରାତିରେ ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ସାମନ୍ତରାୟ ସୁଇଟ୍ସ ଓ ଭେରାଇଟି ଷ୍ଟୋର ଦୋକାନରେ ପଶି କେହି ଦୁର୍ବୃତ ଚୋରୀ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି । ସବୁଦିନ ପରି ଶନିବାର ରାତି ପ୍ରାୟ ୧୦ଟା ସମୟରେ ଦୋକାନ ବନ୍ଦ କରି ଦୋକାନ ମାଲିକ ଘରକୁ ଯାଇଥିଲେ । ମାତ୍ର ରବିବାର ସକାଳେ ଦୋକାନ ରେ ପହଁଚିବାରେ ଦୋକାନ କବାଟର ସିଙ୍କୁଳି କଟା ହୋଇଛି ଓ ଦୋକାନ ଭିତରେ ଥିବା ସମସ୍ତ ଦାମୀ ସାମଗ୍ରୀ ଚୋରି ହେବା ସହିତ ପ୍ରାୟ ୫ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏସବୁ ଜିନିଷ ସହିତ ଚୋରି ହୋଇଥିବା ଟଙ୍କାକୁ ମିଶାଇ ଆନୁମାନିକ ପ୍ରାୟ ୨୦ହଜାର ଟଙ୍କାର ସାମଗ୍ରୀ ଦୋକାନରୁ ଚୋରି ହୋଇଥିବା ନେଇ ଶଶିକାନ୍ତ ସାମନ୍ତରାୟ ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ନିକଟ ଅତୀତରେ ନୂଆବସଷ୍ଟାଣ୍ଡ ଠାରେ ଥିବା ଏକ କେକ ଦୋକାନ ରୁ ମଧ୍ୟ ଦୁର୍ବୃତମାନେ ଏକ ଏସି କମ୍ପ୍ରେସର ଚୋରି କରିନେଇଥିଲେ । ଏନେଇ ଦୋକାନ ମାଲିକ ଥାନାରେ ଅଭିଯୋଗ କରିବା ସହ ଅଭିଯୁକ୍ତ ସମ୍ପର୍କରେ ପୋଲିସ କୁ ଖବର ଦେଇଥିବା ସତ୍ତ୍ୱେ ପୋଲିସ ର ନିଷ୍କ୍ରିୟତା ଯୋଗୁ ଗୋଟିଏ ପରେ ଗୋଟିଏ ଅପରାଧ କରୁଛନ୍ତି ଦୁର୍ବୃତ । ଏହିପରି ସହର ର ବହୁ ଦୋକାନ ରୁ ଚୋରି ହେଉଥିବା କିଛି ବ୍ୟବସାୟୀମାନେ ପ୍ରକାଶ କରିଥିବାବେଳେ ପାଟ୍ରୋଲିଂ ଗାଡି ସହରରେ ରାତ୍ରୀକାଳୀନ ପାଟୋର୍ଲିଂ ଠିକ କରୁନଥିବା ଅଭିଯୋଗ ହେଉଛି । ତେଣୁ ଏଦିଗରେ ଆଗାମୀ ଦିନରେ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କେତେକ ସଂଗଠନ ମତ ରଖିଛନ୍ତି ।

### ରାଜଧାନୀରେ ମାତିଛନ୍ତି ଜମି ମାଫିଆ

## ଯବାନଙ୍କ ୨ ଏକର ଜମି ହଡ଼ପ

ଭୁବନେଶ୍ୱର(ସବ୍ୟୁ) : ରାଜଧାନୀରେ ମାତିଛନ୍ତି ଜମି ମାଫିଆ । ନକଲି କାଗଜପତ୍ର କରି ମାଲିକଙ୍କ ଅଗୋଚରରେ ତାଙ୍କ ଜମିକୁ ବିକ୍ରି କରିବାରେ ସଫଳ ହେଉଛନ୍ତି । ଏଭଳି ଏକ ଘଟଣା ଭରତପୁର ଥାନା ଖଣ୍ଡଗିରି ନିବନ୍ଧକ ଅଧୀନ ଶ୍ୟାମପୁର ମୌଜାରେ ଦେଖିବାକୁ ମିଳିଛି । ଜଣେ ଯବାନଙ୍କ ଜମିକୁ ନକଲି କାଗଜପତ୍ର ବଳରେ କିଣାବିକା କରି ନିଜ ପକେଟ ଗରମ କରିଛନ୍ତି । ଉକ୍ତ ଜମିକୁ ଫେରିପାଇବା ଲାଗି ଯବାନଙ୍କ ପରିବାର ଲୋକ ବାରଦୁଆର ହେଉଛନ୍ତି । ଥାନା ଓ ଅଦାଲତ ଦୌଡ଼ି ହେଲେଣି ନୟାନ୍ତ, ତଥାପି ଜମି ଫେରି ପାଇପାରିନାହାନ୍ତି । ମାଫିଆଙ୍କ କବଳରୁ ଉକ୍ତ ଜମିକୁ ମୁକ୍ତ କରିବା ଲାଗି ମଙ୍ଗଳବାର ଉତ୍କଳ ସାମ୍ବାଦିକ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୃତ ଯବାନଙ୍କ ପୁଅ ସୟଦ ଆବିଦ ଅଲ୍ଲୀ ସରକାରଙ୍କୁ ନିବେଦନ କରିଛନ୍ତି ।

ଶ୍ରୀ ଅଲ୍ଲୀଙ୍କ ଅଭିଯୋଗ ଅନୁସାରେ, ବାଲିପାଟଣା ଥାନା ଅଠାନ୍ତରସ୍ଥିତ ବେଙ୍ଗବତୀ ବସ୍ତିର ସୟଦ ବାସର ଅଲ୍ଲୀଙ୍କୁ ଶ୍ୟାମପୁର ମୌଜାରେ ସରକାର ୧୯୭୩ ମସିହା ନଭେମ୍ବର ୨୬ରେ ଯବାନ ନଥି ପଡ଼ିଆ ନମ୍ବର-୯୦୧/୬୭୬୮ରେ ୫୦୦୦ ଡିସିମିଲି ଜମିର ପଟ୍ଟା ପ୍ରଦାନ କରିଥିଲେ । ୧୯୮୦ରେ ଉକ୍ତ ଜମିରୁ ୨୦୦୦ ଡିସିମିଲି ଜମିକୁ ତହସିଲଦାରଙ୍କ



ଅନୁମତିକ୍ରମେ ସୟଦ ବାସର ଅଲ୍ଲୀ ବିକ୍ରି କରିଥିଲେ । ଅବଶିଷ୍ଟ ଜମିକୁ ୨୦୦୯ ସେପ୍ଟେମ୍ବରରେ କିଛି ମାଫିଆ ମିଶି ସୟଦ ବାସର ଅଲ୍ଲୀଙ୍କ ନକଲି ଦସ୍ତଖତ କରି କିଣାବିକା କରିଥିଲେ । ଶ୍ରୀ ଅଲ୍ଲୀ ଏସଂକ୍ରାନ୍ତରେ ଜାଣିବା ପରେ ଥାନା ଦ୍ୱାରସ୍ଥ ହୋଇଥିଲେ । ପୋଲିସ ତଦନ୍ତ କରିବା ପରେ କିଣିଥିବା ବ୍ୟକ୍ତିମାନେ ଥାନାରେ ପହଞ୍ଚି ଉକ୍ତ କିଣାବିକାରୁ ଓହରି ଯିବା ଲାଗି ରାଜି ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଆଉ ଧରାଛୁଆଁ ଦେଇନଥିଲେ । ଘଟଣାର ସମାଧାନ କରିବା ବଦଳରେ ସେମାନେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଥିଲେ । ଫଳରେ ସେମାନଙ୍କ ଦଲିଲ ଖାରଜ କରିବା ଲାଗି ଶ୍ରୀ ଅଲ୍ଲୀ ଅଦାଲତରେ ମାମଲା କରିଥିଲେ । ଅଦାଲତରେ ମାମଲା ବିଚାରଧୀନ ଥିବା ବେଳେ ଆଉ କିଛି ମାଫିଆ ପହଞ୍ଚି ସୟଦ ବାସର ଅଲ୍ଲୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଜମି ଲେଖାଇ ନେଇଥିଲେ । ଏହି ଘଟଣା ଜାଣିବା ପରେ ସୟଦ ଆବିଦ ଅଲ୍ଲୀ ଅଦାଲତଙ୍କୁ ଅବଗତ କରାଇଥିଲେ । ଏସବୁ ନକଲି ଦଲିଲକୁ ଖାରଜ କରିବା ଲାଗି ଅଦାଲତଙ୍କ ନିର୍ଦ୍ଦେଶ ରହିଛି । ଏହାକୁ କାର୍ଯ୍ୟକାରୀ କରିବା ଲାଗି ନିବନ୍ଧକ ଦିନ ଗଡ଼ାଉଥିବା ଆବିଦ ଅଭିଯୋଗ କରିଛନ୍ତି । ଯବାନଙ୍କୁ ମିଳିଥିବା ଜମିକୁ ମାଫିଆଙ୍କ କବଳରୁ ମୁକ୍ତ କରିବା ଲାଗି ଆବିଦ ଦାବି କରିଛନ୍ତି ।

## ପାରାଦ୍ୱୀପରେ ୨୫ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ସୁଦୃଢ଼ କରିବ ଏଏମ୍/ଏନ୍ଏସ୍ ଇଣ୍ଡିଆ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର ଏକ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ (ସିଏସ୍ଆର୍) 'ପଢ଼େଗା ଭାରତ'ର ଏକ ଅଂଶ ଭାବରେ ପାରାଦ୍ୱୀପସ୍ଥିତ ନୂଆଗଡ଼, ପାରାଦ୍ୱୀପଗଡ଼ ଓ ଭୂତମୁଣ୍ଡେଇ ଗ୍ରାମ ପଞ୍ଚାୟତର ୨୫ଟି ଅଙ୍ଗନବାଡ଼ି କେନ୍ଦ୍ରର ପୁନରୁଦ୍ଧାର ପାଇଁ ଏକ ପ୍ରକଳ୍ପର ଶୁଭାରମ୍ଭ କରିଛି । ଏହି ପଦକ୍ଷେପ ଦ୍ୱାରା ସେହି ଅଙ୍ଗନୱାଡି କେନ୍ଦ୍ରଗୁଡିକର ଏକ ହଜାରରୁ ଅଧିକ ଶିଶୁ ଏବଂ ସେଠାରେ କାର୍ଯ୍ୟରତ ସହାୟକ କର୍ମଚାରୀମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି ।



ପ୍ରାକ୍ ବିଦ୍ୟାଳୟ ଶିକ୍ଷାରେ ଗୁଣାତ୍ମକମାନ ବଜାୟ ରଖିବା, ଶିଶୁମାନଙ୍କ ଯତ୍ନ ଏବଂ ସ୍ୱାସ୍ଥ୍ୟ ଓ ପୋଷଣ ଯୋଗାଇବାରେ ସହାୟତା କରିବା ନିମନ୍ତେ ପାରାଦ୍ୱୀପର ଏଏମ୍/ଏନ୍ଏସ୍ ଇଣ୍ଡିଆର ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଅବସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଉନ୍ନତମାନର ଭିତ୍ତିଭୂମି ଯୋଗାଇଦେବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ।

ଏହି ପ୍ରକଳ୍ପ ଅନ୍ତର୍ଗତ ଡିଜିଟାଲ ହସ୍ତକ୍ଷେପ ମାଧ୍ୟମରେ ଇଣ୍ଟରଆକ୍ଟିଭ୍ ଶିକ୍ଷା, ପୁରୁଣା ଶୌଚାଳୟ ଏବଂ ରୋଷେଇ ଘରର ନବୀକରଣ ମାଧ୍ୟମରେ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ଉନ୍ନତି, ନିୟମିତ ତଦାରଖ ମାଧ୍ୟମରେ ପରିମଳ ଏବଂ ପୋଷଣରେ ଉନ୍ନତି ଆଣିବା, ପ୍ରଶିକ୍ଷଣ ଏବଂ ମୂଲ୍ୟାଙ୍କନ ଏବଂ ସୌର ପ୍ୟାନେଲ ସ୍ଥାପନ ମାଧ୍ୟମରେ ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରିବା ଦିଗରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ଗ୍ରହଣ କରାଯିବ । ଏହି ମଡେଲ ଅଙ୍ଗନବାଡ଼ି ଗୁଡିକରେ ଗୋଷ୍ଠୀମାନଙ୍କୁ ଯୋଡିବା ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ, ଯାହା ମହିଳା ଏବଂ ଶିଶୁମାନଙ୍କୁ ଗୁଣାତ୍ମକ ଏବଂ ଦୀର୍ଘ ସ୍ଥାୟୀ ସେବା ଯୋଗାଇଦେବା ପାଇଁ ସାମୂହିକ ଉଦ୍ୟମକୁ ପ୍ରୋତ୍ସାହିତ କରିବ । ଏହି ଅବସରରେ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ, କୁଜଙ୍ଗ ବ୍ଲକ ସିଡିପିଓ ଶ୍ରୀମତୀ ରାଜଶ୍ରୀ ସାହୁ, ହୁମାନାର ଶ୍ରୀମତୀ କୁସୁମ ଗୌର, ନୂଆଗଡ଼ ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀଯୁକ୍ତ ଦେବେନ୍ଦ୍ର ରାଉତ ଓ ଏଏମ୍/ଏନ୍ଏସ୍ ଇଣ୍ଡିଆ ସିଏସ୍ ଆର୍ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପଦକ୍ଷେପ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା କ୍ଷେତ୍ରରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ପ୍ରୟାସକୁ ପ୍ରତିଫଳିତ କରୁଛି, ଯାହା ଦ୍ୱାରା ତୃଣମୂଳ ସ୍ତରରେ ଏକ ସକାରାତ୍ମକ ପରିବର୍ତ୍ତନ ଅଣାଯାଇପାରିବ ।

## ଚର୍ଚ୍ଚ ସମ୍ପାଦକଙ୍କୁ ଆକ୍ରମଣ

କଟକ,(ସବ୍ୟୁ): ମିଶନରୋଡସ୍ଥିତ ଓଡିଆ ବାପଟିଷ୍ଟ ଚର୍ଚ୍ଚର ସମ୍ପାଦକଙ୍କୁ ଆକ୍ରମଣ ହୋଇଛି । ଦୁର୍ବୃତ୍ତମାନେ ଆକ୍ରମଣ ପରେ ତାଙ୍କର ସୁନା ଚେନ ଲୁଟି ନେଇଛନ୍ତି । ଏନେଇ ଆଜି ଲାଲବାଗ ଥାନାରେ ଏତଲା ହୋଇଛି । ପୁଲିସ ସୂଚନା ଅନୁସାରେ, ତୁଳସୀପୁର ଖ୍ରୀଷ୍ଟିଆନ ସାହିର ପ୍ରେମ୍ପିତ ସାବତ ଏବେ ଓଡିଆ ବାପଟିଷ୍ଟ ଚର୍ଚ୍ଚର ସମ୍ପାଦକ ପଦରେ ରହିଛନ୍ତି ଛ ଗତ ୧୪ ତାରିଖ ସକାଳେ ସେ ମିଶନରୋଡ ସ୍ଥିତ ଚର୍ଚ୍ଚ ପରିସରରେ ଥିଲେ । ଏହି ସମୟରେ ସୂତାହାଟ ଖ୍ରୀଷ୍ଟିଆନ ସାହିର ବିକ୍ରମ କିଶୋର ନାୟକ ଓ ଦେବାଶିଷ ନାୟକ ଅନ୍ୟ ୫ ଜଣଙ୍କ ସହ ସେଠାରେ ପହଞ୍ଚିଥିଲେ । କେହି କିଛି ବୁଝିବା ଆଗରୁ ସେମାନେ ଶ୍ରୀ ସାବତଙ୍କୁ ଗାଳିଗୁଲଜ କରିଥିଲେ । ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାରଧର କରିଥିଲେ । ଏହାପରେ ଶ୍ରୀ ସାବତ ପିନ୍ଧିଥିବା ଏକ ସୁନା ଚେନ ଛିଣ୍ଡାଇ ନେଇଥିଲେ । ଘଟଣା ସମ୍ପର୍କରେ ଖବର ପାଇ ଲାଲବାଗ ପୁଲିସ ଘଟଣାସ୍ଥଳରେ ଆସି ପହଞ୍ଚିଥିଲା । ଅଭିଯୋଗ ଆଧାରରେ କେସ୍ ନ ୨୦୬/୨୪ରେ ୨ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ।

# ରକ୍ତଦାନ ଶିବିର ଆୟୋଜନ କରି ପାଳିଲେ ଜନ୍ମଦିନ



କଟକ, (ସ୍ୱପ୍ର): ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ନିଜର ଜନ୍ମଦିନକୁ ବହୁ ଆଡମ୍ବର ମଧ୍ୟରେ ପାଳନ କରିଆସୁଛନ୍ତି। ଏସବୁଠାରୁ ଦୁରରେ ରହି ସାମ୍ବାଦିକା ନିବେଦିତା ସିଂହ ନିଜର ୪୦ତମ ଜନ୍ମଦିବସ ଅବସରରେ ରେଡକ୍ରସ ରକ୍ତଭଣ୍ଡାରରେ ବନ୍ଧୁ ପରିଜନଙ୍କ ସହାୟତାରେ ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲେ । ଏହି ଶିବିରରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଓଡିଶା ମୋ ପରିବାରର କଟକ ସିଟି ସଂଯୋଜକ ରଞ୍ଜନ ବିଶ୍ୱାଳ, ରେଡକ୍ରସ ନିର୍ଦ୍ଦେଶକ ଡାକ୍ତର ଚନ୍ଦ୍ରିକା ପ୍ରସାଦ ଦାସ, ଏସସିବିର ପୂର୍ବତନ ଉପଦେଷ୍ଟା ଦିଲ୍ଲୀପ ସାହୁ, ସମାଜସେବୀ ସଜୀବ ସାମଲ, ସୁଧାଂଶୁ ପରିଡା, ଆଇନଜୀବୀ ସୁମନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ କଟକ ସହରର ବହୁ ସାମ୍ବାଦିକମାନେ ରକ୍ତଦାତାଙ୍କ ସହ ଉପସ୍ଥିତ ରହି ରେଡକ୍ରସ ପରିସରରେ କେକ୍ କାଟି ଜନ୍ମଦିନଟିକୁ ପାଳନ କରିଥିଲେ । ଏଭଳି ମହତ କାର୍ଯ୍ୟକୁ କଟକ ସହରର ବହୁ ବୁଦ୍ଧିଜିବୀ ପ୍ରଶଂସା କରିଥିବା ବେଳେ ଏହି ସମସ୍ତ କାର୍ଯ୍ୟକୁ ନିବେଦିତାଙ୍କ ସ୍ୱାମୀ ଅରୁଣ କୁମାର ସିଂହ ପରିଚାଳନା କରିଥିଲେ।

# ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଛତ୍ରପୁର, (ସବ୍ୟୁ): ଆଶା କର୍ମଚାରୀ ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ସର୍ବେକ୍ଷଣ, ଟୀକାକରଣ, ପରିମଳ, ମାତୃ ଓ ଶିଶୁ ଯତ୍ନ, ଔଷଧ ବିତରଣ, ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ପାଇଁ କୌଣସି ସମ୍ମାନ ଜନକ ସ୍ଥାୟୀ ବେତନ ଓ ଭତ୍ତା ପ୍ରଦାନ କରାଯାଇ ନାହିଁ। ଏନେଇ ସୋମବାର ଭାରତୀୟ ମଜଦୁର ସଂଘର ଅନୁବନ୍ଧିତ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ୭ ଦଫା ଦାବୀ ନେଇ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରାଯାଉ, ଆଶା କର୍ମଚାରୀ ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ଦିଆଯାଇ ନାହିଁ, ସେମାନଙ୍କୁ ମାସିକ ଅଠର ହଜାର ଟଙ୍କା ପ୍ରଦାନ କରାଯାଉ, ଆଶାକର୍ମୀ ମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା, ଅବସର ଆଶା କର୍ମୀଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇ, ମାସିକ ୫ ହଜାର ପେନ୍ସନ୍ ଦିଆଯାଉ, ସବୁ ପିଏଚସି, ସିଏଚସିରେ ଆଶା ଗୃହ ନିର୍ମାଣ କରାଯାଉ ଏବଂ ଆଶା କର୍ମୀ ମାନଙ୍କୁ ଯାତାୟାତ ନିମିତ୍ତ ବିନା ସୁଧରେ ସ୍କୁଟି ଯୋଗାଇଦେବା ନିମନ୍ତେ ଉକ୍ତ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି । ଏହା ସହିତ ସେମାନେ କହିଛନ୍ତି ଯେ,ଆଶା କର୍ମଚାରୀଙ୍କ ସହଯୋଗରେ ସମଗ୍ର ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଦେଖିବାକୁ ମିଳୁଛି ଯାହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ପ୍ରଶଂସା କରିଛି। ଆଶା କର୍ମଚାରୀଙ୍କ ଦ୍ୱାରା ସହଜରେ ଅପହଞ୍ଚ ସ୍ଥାନରେ ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକ ଲାଭ ପହଁଚି ପାରିଛି । ସେମାନଙ୍କର କାର୍ଯ୍ୟକୁ ପ୍ରଶଂସା କରି ଉଭୟ ସରକାର ଏବଂ ସମାଜ ସେମାନଙ୍କୁ ସ୍ୱାସ୍ଥ୍ୟ ବିଭାଗର ମେରୁଦଣ୍ଡ ବୋଲି ବିବେଚନା କରନ୍ତି। କିନ୍ତୁ ଏହା ମଧ୍ୟ ସତ୍ୟଯେ ସରକାର ସେମାନଙ୍କର ଜୀବିକା ଏବଂ ପରିବାରର ରକ୍ଷଣାବେକ୍ଷଣ ପ୍ରତି ଉପଯୁକ୍ତ ଧ୍ୟାନ ଦେଉନାହାଁନ୍ତି । କୋଭିଡ ସମୟରେ ଆଶା କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗେଇ କାମ କରିଛନ୍ତି । ସମ୍ପୂର୍ଣ୍ଣ ସଚ୍ଚୋଟତା ଏବଂ ନିଷ୍ଠା ସହିତ ସରକାରଙ୍କ ଆଦେଶ ପାଳନ କରି ନିଜକୁ ବିପଦରେ ପକାଇ ସମାଜକୁ କୋଭିଡରୁ ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଣୁ ଆଶା କର୍ମଚାରୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସେମାନେ ଦାବୀ କରିଛନ୍ତି । ଏହି ସ୍ମାରକପତ୍ର ପ୍ରଦାନ ବେଳେ ଭାରତୀୟ ମଜଦୁର ସଂଘର ଗଞ୍ଜାମ ଜିଲ୍ଲା ସମ୍ପାଦକ ଅର୍ଜୁନ ବେହେରା, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଲିଙ୍ଗରାଜ ସାହୁ, ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଗଞ୍ଜାମ ଜିଲ୍ଲା ଶାଖାର ସମ୍ପାଦିକା ବବିତା ରାଉତଙ୍କ ସମେତ ବହୁ ଆଶା କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଯୁବ ବ୍ୟବସାୟୀଙ୍କ ପରଲୋକ

ଧାମନଗର,(ସବ୍ୟୁ) : ଭଦ୍ରକ ଜିଲ୍ଲା ଧାମନଗର ବଡ଼ ବଜାରର ଲୋକପ୍ରିୟ ଯୁବ ପୁସ୍ତକ ବ୍ୟବସାୟୀ ତଥା ଏନଏସି ଅନ୍ତର୍ଗତ ଦକ୍ଷିଣବାଡ ଗ୍ରାମର ବିଶ୍ୱନାଥ ସ୍ୱାଇଁ(ଘଣ୍ଟିଆ)ଙ୍କ ଆକସ୍ମିକ ପରଲୋକ ଘଟିଛି।ମଙ୍ଗଳବାର ସକାଳେ ବିଶ୍ୱନାଥ ବିଲକୁ ଧାନ କ୍ଷେତ ଦେଖିବାକୁ ଯାଇ ସେଠାରେ ହଠାତ ପଡ଼ିଯିବାରୁ ଲୋକେ ଘରକୁ ନେଇ ଯାଇଥିଲେ।ଘରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ ଥିଲା।ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବିଶ୍ୱନାଥଙ୍କ ମୃତ୍ୟୁ ସର୍ପାଘାତ ଜନିତ କିମ୍ବା ହୃଦଘାତ ଜନିତ ତାହା ସ୍ପଷ୍ଟ ହୋଇପାରିନାହିଁ।ସ୍ୱର୍ଗତ ବିଶ୍ୱନାଥ ଜଣେ ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ।ଧାମନଗର ବଡ ବଜାରର ଥିବା ପୁରାତନ ପୁସ୍ତକ ବ୍ୟବସାୟକୁ ପିତାଙ୍କ ମୃତ୍ୟୁ ପରେ ସେ ଚଳାଇ ଆସୁଥିଲେ।ସ୍ୱର୍ଗତ ସ୍ୱାଇଁ ଦକ୍ଷିଣବାଡ଼ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଥିଲେ।ଏଥି ସହିତ ସେ ଜଣେ ସଫଳ ନାଟ୍ୟ ନିର୍ଦ୍ଦେଶକ ସହ ସୁନାମ ଧନ୍ୟ ଅଭିନେତା ମଧ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଜେପି ନଗର ସଭାପତି କୈଳାଶ ମହାପାତ୍ର,ସମ୍ପାଦକ ବିଜୟ ରାମ,ସାଂସଦଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର,ବିଜେଡ଼ି ନଗର ସଭାପତି ସୁଶାନ୍ତ ରାଉତ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ।ସ୍ୱର୍ଗତ ସ୍ୱାଇଁଙ୍କ ଦୁଃଖଦ ବିୟୋଗ ଖବର ପାଇ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ,ଏନଏସି ଅଧ୍ୟକ୍ଷା ନିବେଦିତା ଜେନା,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ପ୍ରମୁଖ ଶୋକ ପ୍ରକାଶ ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ବ୍ୟବସାୟୀଙ୍କ ପକ୍ଷରୁ ସ୍ୱର୍ଗତ ସ୍ୱାଇଁଙ୍କ ଶବ ଶୋଭାଯାତ୍ରା କରାଯିବାସହ ତାଙ୍କ ଉଦ୍ଦେଶ୍ୟରେ ଧାମନଗର ବଡବଜାର ବନ୍ଦ ରହିଥିଲା।ଖବର ପାଇ ପୋଲିସ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପହଞ୍ଚି ଶବ ଜବତ କରିଥିବା ବେଳେ ଥାନା କେସ ନଂ ୩୦/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବାସହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣା ଯାଇଛି।

# ବାଇକ୍ ଚୋର ଗିରଫ

ସୋର, (ସବ୍ୟୁ):ସୋର ଥାନା ବାହାନଗା ବଜାରରୁ ଏକ ବାଇକ ଚୋରି ଘଟଣାରେ ସୋର ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ନୀଳଗିରି ଥାନା କାଣ୍ଡଗରଡ଼ି ଗ୍ରାମର ପ୍ରମୋଦ ନାୟକ ତାଙ୍କ ଓଡି ୦୧ ଟି ବାଇକ ଧରି ବାହାନଗା ବଜାରକୁ ଆସି ବାଇକ ରଖି ଦୋକାନକୁ ଯାଇଥିଲେ। ଦୋକାନରୁ ଫେରି ତାଙ୍କ ବାଇକଟିକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ସୋର ଥାନାରେ ଅଭିଯୋଗ କରିଥିଲେ। ଫଳରେ ପୁଲିସ ୮୫୭/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତକାଲି ବିଳମ୍ବିତ ରାତିରେ ପୁଲିସ ଏହି ଘଟଣାରେ ସମ୍ପୃକ୍ତ ପଥରପେଣ୍ଠ ଗ୍ରାମର ଲକ୍ଷ୍ମଣ ମଲିକକୁ ଗିରଫ କରି ଚୋରି ବାଇକଟିକୁ ଉଦ୍ଧାର କରିଥିଲେ। ଆଜି ଅପରାହ୍ନରେ ସୋର ଡାକ୍ତରଖାନାରେ ଅଭିଯୁକ୍ତର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

# ବାରିପଦାରେ ଦାଣ୍ଡିଆ ନାଇଟ୍‌ର ଧୁମ୍



ବାରିପଦା, (ସବ୍ୟୁ) : ନବରାତ୍ରି ଉପଲକ୍ଷେ ବାରିପଦା ଷ୍ଟେସନ୍ ପଡିଆ ଠାରେ ଦାଣ୍ଡିଆ ନାଇଟ୍ ସିଜନ୍-୧ କାର୍ଯ୍ୟକ୍ରମ ବହୁତ ଧୁମ ଧାମରେ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ନଗରପାଳ ବାଦଲ ମହାନ୍ତି ଏବଂ ଅତିଥି ଭାବେ ବାରିପଦା ସହରର ଉପନଗରପାଳ ସୀମା ଦାସ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପାନୀୟ ସହିତ ଭୁବନେଶ୍ୱରରୁ ଆସିଥିବା ଡିଜେ ଏସକେବିଙ୍କ ମ୍ୟୁଜିକ୍ ତାଳେ ତାଳେ ଦର୍ଶକ ମାନଙ୍କ ଦାଣ୍ଡିଆ ନୃତ୍ୟ ଅତ୍ୟନ୍ତ ଚିତାକର୍ଷକ ଥିଲା, ତାସହିତ ବିଭିନ୍ନ ବିଭାଗରେ ପୁରସ୍କୃତ ହୋଇ ସମସ୍ତେ ଆନନ୍ଦିତ ହୋଇଥିଲେ । ଏହି କାର୍ଯ୍ୟକ୍ରମଟିର ସଫଳତା ପଛରେ ଥିବା ସହଯୋଗୀମାନେ ହେଲେ ଅରୁଣିଆ ମହାନ୍ତି, ସୁନିତା ଘିବେଲା, ମନୋଜ କୁମାର ଷେଣ୍ଢେ, ଜୟନ୍ତୀ ଦଳେଇ, ତାପସ ପାଢୀ, ଲୁସି ରଣା, ଆୟୁଷ ସାହୁ, ଇତିଶ୍ରୀ ପାଣିଗ୍ରାହୀ, ଭବାନୀ ଶଙ୍କର ତ୍ରିପାଠୀ, ସୁନିତା ମୋରିଆଲ, ଦୀପ୍ତି ସାହୁ, ମନୀଷା ଶୋ, ଶ୍ରାବଣୀ ଦାସ ଓ ସୋନାଲି ଅମ୍ବିକା ସାହୁ ପ୍ରମୁଖ । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ମୋଟର୍ସ, ଶ୍ରୀ ଜେଡିପି ମେଗା ସୋପ ଏବଂ ଗୋପାଳ ଜୁଏଲାରୀ ପ୍ରମୁଖ ମୁଖ୍ୟ ପ୍ରୟୋଜକ ହୋଇଥିବାବେଳେ ଆୟୋଜକ ହେଲେ ମୋ ଦୋକାନ, ଗଡି ଫାଷ୍ଟଫୁଡ୍, ରିଟ୍ କଲେକ୍ସନ୍ ଏବଂ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କରିଛନ୍ତି ପ୍ରଗ୍ୟାମ୍ ଡେକର ପ୍ରମୁଖ ଏବଂ ଅଙ୍କୁର ଖୁରାନା ଏବଂ ସ୍ନେହା ସିଂ ପରିଚାଳନା କରିଥିଲେ । ଆସନ୍ତା ବର୍ଷ ଏହାଠାରୁ ଆହୁରି ବିଶାଳ ସମାରୋହ ତଥା ଅଧିକ ମନୋରଞ୍ଜନ ପୂର୍ଣ୍ଣ ଦାଣ୍ଡିଆ ନାଇଟ୍ କାର୍ଯ୍ୟକ୍ରମ କରିବାର ଲକ୍ଷ ରଖିଛନ୍ତି ବୋଲି ଆୟୋଜକ ମାନେ ପ୍ରକାଶ କରିଛନ୍ତି ।

# ସମୁଦ୍ର ତଟରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଛତ୍ରପୁର, (ସବ୍ୟୁ): ଚମାଖଣ୍ଡି ଥାନା ଅନ୍ତର୍ଗତ ବାସନାପୁଟି ଓ କାଳିପଲ୍ଲୀ ନିକଟସ୍ଥ ସମୁଦ୍ର ତଟରୁ ଏକ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର କରିଛି ପୋଲିସ। ସୂଚନା ଅନୁସାରେ ଗତକାଲି ସନ୍ଧ୍ୟାରେ ସମୁଦ୍ର ତଟରେ ଏକ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ପଡିଥିବାର ସ୍ଥାନୀୟ ବାସିନ୍ଦା ମାନେ ଦେଖି ଚମାଖଣ୍ଡି ଥାନାକୁ ଜଣାଇ ଥିଲେ । ଏହାର ଖବର ପାଇ ଥାନା ଅଧିକାରୀ ଦୀପିକା ଦେବୀ ରାୟଙ୍କ ନେତୃତ୍ୱରେ ଏଏସଆଇ ସୁଧୀର ଦୁପଟା ଘାଟଣା ସ୍ଥଳରେ ପଂହଁଚି ପଡ଼ିଥିବା ମୃତ ଦେହଟିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଇଛନ୍ତି । ଏହା ସହିତ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ମିସାଇଲ ମ୍ୟାନ ଡ଼ଃ ଏପିଜେ ଅବଦୁଲ କଲାମଙ୍କୁ ଶ୍ରଦ୍ଧାଞ୍ଜଳି

ଛତ୍ରପୁର, (ସବ୍ୟୁ) : ରାଧେଶ୍ୟାମ ଫାଉଣ୍ଡେସନ୍ ଏଣ୍ଡ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ସଭାପତି ତଥା ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ରଙ୍କ ପୌରହିତ୍ୟରେ ମିଶାଇଲ ମ୍ୟାନ, ଭାରତରତ୍ନ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଡ଼ଃ ଏ. ପି. ଜେ. ଅବଦୁଲ କାଲାମଙ୍କ ୯୩ ତମ ଜନ୍ମ ବାର୍ଷିକୀ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି ପାପା ରାଓ ଯୋଗ ଦେଇ ସ୍ଥାନୀୟ ପୁରୁଣା ଥାନା ସମ୍ମୁଖରେ ଥିବା ଏ.ପି.ଜେ. ଅବଦୁଲ କାଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ସହ ତାଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ପ୍ରିତିଛନ୍ଦା ସାମଲ, ସନ୍ତୋଷୀ ସେଠି, ମାମା ସେଠି, ବି. ନିଶ୍ଚଳା, ଡି . ଇନ୍ଦୁ, କେ. ରମେଶ ଓ ମମତା ପାତ୍ର, ଟ୍ରଷ୍ଟର ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଉପଦେଷ୍ଟା ଡ଼ଃ ପ୍ରଶାନ୍ତ କୁମାର ଶତପଥୀ, ବି. ଗୋପାଳ ସ୍ୱାମୀ ଓ ସୁବ୍ରତ ପଢିଆରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଅବଦୁଲ କଲାମଙ୍କ ସ୍ମୃତି ଚାରଣ କରିଥିଲେ ।

# ଜୁଆ ଆଡ୍ଡାରେ ଚଢ଼ାଉ : ୧୨ ଜୁଆଡ଼ି ଗିରଫ



ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ପରମ୍ପରା ନାଁରେ ତାସଖେଳ ଏବଂ ଜୁଆଖେଳର ଆସର ଜମିଥିବା ବେଳେ ପୋଲିସ୍ ପକ୍ଷରୁ ୨ଟି ଜୁଆଆଡ୍ଡା ଉପରେ ଚଢ଼ାଉ କରାଯାଇ ୧୨ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ମୋଟ ୩୬,୮୫୦ ଟଙ୍କା ଜବତ କରାଯାଇଥିବା ଜଣାଯାଇଛି। କୁଆଁନଳା ଗାଁରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଚଢାଉ କରି ୯ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୮,୩୪୦ ଟଙ୍କା ଜବତ କରିଛି। ଏନେଇ ଥାନାରେ କେସ୍ ନଂ ୪୬୨/୨୪ ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ବୁଗୁଡା ସହର ମଧ୍ୟସ୍ଥ ଷ୍ଟାଡିୟମ୍ ନିକଟ ଏକ ଟିଣ ଘରେ ଚାଲିଥିବା ଜୁଆଆଡ୍ଡା ଉପରେ ପୋଲିସ ଚଢାଉ ବେଳେ ଅନେକ ଜୁଆଡି ଖସି ପଳାଇଥିବା ବେଳେ ୩ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୨୮,୫୧୦ଟଙ୍କା ଜବତ କରିଛି। ଏନେଇ କେସ୍ ନଂ ୪୬୪/୨୪ ରେ ଏକ ମାମଲା ରୁଜୁ ହୋଇଛି। ପୋଲିସର ଏତାଦୃଶ ଜୁଆଆଡ୍ଡା ଉପରେ ଚଢାଉ ଯୋଗୁଁ ଜୁଆଡ଼ିଙ୍କ ଛାତିରେ ଛନକା ପଶିଥିବା ଜଣାଯାଇଛି ।

# ଭସାଣି ଉତ୍ସବରେ ଦୁଲୁକିଲା ଭଞ୍ଜନଗର

ଭଞ୍ଜନଗର, (ସବ୍ୟୁ): ଭଷାଣୀ ଉତ୍ସବରେ ଦୁଲୁକିଲା ଭଞ୍ଜନଗର। ଧରାପୃଷ୍ଠରୁ ବିଦାୟ ନେଲେ ମାଆ ଜଗତଜନନୀ। ଏକ ଭକ୍ତିଭୟ ପରିବେଶ ମଧ୍ୟରେ ସହରବାସୀ ମାଆଙ୍କୁ ବିଦାୟ ଦେଇଛନ୍ତି। ବିଭିନ୍ନ ପୂଜା କମିଟି ପକ୍ଷରୁ ଏଥିପାଇଁ ବ୍ୟାପକ ଆୟୋଜନ କରାଯାଇଥିଲା। ସ୍ଥାନୀୟ ଓଏସଆରଟିସି ପକ୍ଷରୁ ଦିନବେଳା ଭଷାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଥିବାବେଳେ ଭଞ୍ଜସାହିତ୍ୟ ପରିଷଦ, ଜଳସଂପଦ ବିଭାଗ ଓ ରେଡକ୍ରସ ରୋଡ ବିଶ୍ୱ ଜନନୀ କଳାପରିଷଦ ପକ୍ଷରୁ ସଂଧ୍ୟାରେ ଭଷାଣୀ ଉତ୍ସବ ଆୟୋଜିତ ହୋଇଥିଲା। ଭଷାଣୀ ଉତ୍ସବରେ ପାରମ୍ପାରିକ ବାଘ, ଘୋଡା, ବୃଷଭ ଆଦି ପଶୁମୁଖା ନୃତ୍ୟ ପରିବେଷଣ କରାଯାଇଥିବାବେଳେ ଦୁଲୁଦୁଲି ଆଦି ବାଜାରେ ପରିବେଶ ଫାଟି ପଡିଥିଲା। ବିଶ୍ୱଜନନୀ କଳା ପରିଷଦ ପକ୍ଷରୁ ଲୋକନୃତ୍ୟ ଓ ଲୋକ ଗୀତର ତାଳେ ତାଳେ ନବଦୁର୍ଗା ବେଶ, ଘଟ କଳସ ବେଶ ବେଶ ଆକର୍ଷଣୀୟ ହୋଇଥିଲା। ସେହିପରି ଭଞ୍ଜସାହିତ୍ୟ ପରିଷଦର ଆତସବାଜି ପଟୁଆର ବେଶ ଆକର୍ଷଣୀୟ ହୋଇଥିଲା। ସବୁ ମେଢ ସହରର ମୁଖ୍ୟ ସଡକ, ରେଡକ୍ରସ ରୋଡ ହୋଇ ଯୁବି ହାଇସ୍କୁଲ ଛକ, ଷ୍ଟେଟବ୍ୟାଙ୍କ ଛକ, ପାୱାର ହାଉସ୍ ଛକ ଦେଇ ଭେଜିପୁଟ ରାସ୍ତାରେ ନୁଆଁ ସାହି ଯାଏଁ ପଟୁଆର ସହ ଯାଇଥିବାବେଳେ ସେଠାରୁ ଭଞ୍ଜନଗର ଜଳଭଣ୍ଡାରରେ ମାଆଙ୍କ ବିସର୍ଜନ କରାଯାଇଥିଲା। ଚଳିତବର୍ଷ ଭଷାଣୀ ଉତ୍ସବ ବେଶ ଶାନ୍ତିଶୃଙ୍ଖଳାର ସହ ସଂପନ୍ନ ହୋଇଥିବାବେଳେ ପୁଲିସ ପକ୍ଷରୁ ଥାନା ଅଧିକାରୀ କୁମର ମୁଦୁଲିଙ୍କ ନେତୃତ୍ୱରେ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଏହି ଶୋଭାଯାତ୍ରାର ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ବିଶେଷ ନଜର ରଖିଥିଲେ।

# କୁମାର ପୂର୍ଣ୍ଣିମା ଅବସରରେ ମହିଳାଙ୍କୁ ଶାଢୀ ବଣ୍ଟନ



ଛତ୍ରପୁର, (ସବ୍ୟୁ): ପବିତ୍ର କୁମାର ପୂର୍ଣ୍ଣିମା ଉତ୍ସବ ଅବସରରେ ଯଶୋଦା ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ତାଡେପଲ୍ଲୀ ସାହି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମହିଳା ମାନଙ୍କୁ ଶାଢୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୂରୀ ଓ ପ୍ରଧାପକ ତଥା ବରିଷ୍ଠ ଶିକ୍ଷାବିତ ଭି. ରାଜେନ୍ଦ୍ର ରାଜୁ ଯୋଗ ଦେଇ ଫାଉଣ୍ଡେସନର ଏଭଳି କାଯ୍ୟକୁ ପ୍ରଶଂସା କରିବା ସହିତ ସିଙ୍ଗିପୁର ଗ୍ରାମର ବହୁ ଏକାକୀ ମହିଳା ମାନଙ୍କୁ ଶାଢୀ ବଣ୍ଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଫାଉଣ୍ଡେସନ୍‌ର ଟ୍ରଷ୍ଟି ଶ୍ରୀମତି ପଣ୍ଡା, ସୁଦେଷ୍ଣା ସାହୁ ଓ ପୁଷ୍ପାଞ୍ଜଳି ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ଡିଫେନ୍ସ କଲୋନୀରୁ ଚୋରି

ଛତ୍ରପୁର, (ସବ୍ୟୁ): ଚମାଖଣ୍ଡି ଥାନା ଅନ୍ତର୍ଗତ ଡିଫେନ୍ସ କଲୋନୀରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । କଲୋନୀରେ ରହୁଥିବା ଦେବାଶିଷ ଦାଶଙ୍କ ଘରେ କେହି ନଥିବା ବେଳେ ଘରେ ପଶି ଜଣେ ଦୁର୍ବୃତ୍ତ ୩ କେଜି ରୁପା, ୫୦ ଗ୍ରାମ ସୁନା, ୫୦ ହଜାର ଟଙ୍କା ସହିତ ଗୋଟିଏ ସୁନା ଚେନ ଚୋରୀ କରି ଥିବାର ଦୃଶ୍ୟ ସିସିଟିଭିରୁ ଜଣା ପଡ଼ିଛି । ତେବେ ଏନେଇ ଦେବାଶିଷ ଚମାଖଣ୍ଡି ଥାନାରେ ଲିଖିତ ଅଭଯୋଗ କରିଥିଲେ, ଏହାକୁ ଭିତ୍ତି କରି ଥାନା ରେ କେସନଂ ୩୫୫ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଥିବା ଏସଆଇ ଅଭିଜିତ ସାମଲ କହିଛନ୍ତି ।

# ସାମ୍ବାଦିକ ସତିଶ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ବ୍ରହ୍ମପୁର, (ସବ୍ୟୁ): ବିଶିଷ୍ଟ ରାଜନେତା ତଥା ସାହିତ୍ୟିକ ସ୍ୱର୍ଗତ ସତିଶ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଗତକାଲି ସଂଧ୍ୟାରେ ବ୍ରହ୍ମପୁର ହିଲପାଟଣା ସ୍ଥିତ ସିଦ୍ଧ ବିନାୟକ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ସତୀଶ ପାତ୍ର ସ୍ମୃତି କମିଟି ପକ୍ଷରୁ ଏକ ସ୍ମୃତିଚାରଣ ସଭା ପ୍ରଫୁଲ୍ଲ ମହାନ୍ତିଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ କ୍ୟାବିନେଟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହି ସ୍ମୃତିଚାରଣ ଶୋଭାର ଶୁଭାରମ୍ଭ କରିଥଲେ । ମନ୍ତ୍ରୀ ଶ୍ରୀ ଜେନା ସ୍ୱର୍ଗତ ସତିଶ ପାତ୍ରଙ୍କ ଜୀବନୀ ଉପରେ ସ୍ମୃତିଚାରଣ କରିବା ସହ ସତୀର୍ଥ ସତୀଶ ନାମକ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ । ସ୍ୱର୍ଗତ ସତୀଶ ପାତ୍ର ଥିଲେ ବିବିଧ ପ୍ରତିଭାର ଅଧିକାରୀ । ଜଣେ ବିଶିଷ୍ଟ କବି, ସାମ୍ବାଦିକ, ସୁବକ୍ତା, ରାଜନୀତିଜ୍ଞ, ସମାଜସେବୀ ତଥା ଜଣେ ବଳିଷ୍ଠ ସଙ୍ଗଠକ ଭାବେ ବେଶ୍ ପରିଚିତ ଥିଲେ । ଭାରତୀୟ ଜନତା ପାର୍ଟିର ସେ ଥିଲେ ଅନନ୍ୟ ପ୍ରତିଷ୍ଠାତା ସଦସ୍ୟ। ଚାକିରୀରୁ ସ୍ୱେଚ୍ଛାକୃତ ଅବସର ପରେ ରାମରାଜ୍ୟ ପତ୍ରିକା ସମ୍ପାଦନା ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ଏହାସହ ସେ ଉତ୍କଳ ପ୍ରସଙ୍ଗର ମୁଖ୍ୟ ସମ୍ପାଦକ ଭାବେ ମଧ୍ୟ ଦାୟୀତ୍ୱ ନିର୍ବାହ କରିଥିଲେ । 'ଭକ୍ତିଗୁଚ୍ଛ', ମା' ବୁଢ଼ୀ ଠାକୁରାଣୀଙ୍କ ବିଚିତ୍ର ଲୀଳା ଓ ଆଦିଶକ୍ତି ମା' ତାରାତାରିଣୀ ପୁସ୍ତକର ସେ ଥିଲେ ରଚୟିତା। ଅନେକ ଭଜନ କ୍ୟାସେଟ୍ ପ୍ରସ୍ତୁତ କରିବା ସହ ଜଣେ ଆଶୁକବି ଭାବେ ବିଭିନ୍ନ ଲୋକଗୀତ, ଜଣାଣ, ଚମ୍ପୁ ଓ ଆଧୁନିକ ଗୀତ ରଚନା କରିବାରେ ସ୍ୱର୍ଗତ ପାତ୍ର ଥିଲେ ସିଦ୍ଧହସ୍ତ । ସ୍ୱର୍ଗତ ପାତ୍ର ଦଳପତି ସମାଜର କେନ୍ଦ୍ରୀୟ ସମ୍ପାଦକ ଏବଂ ଅବିଭକ୍ତ ଗଞ୍ଜାମ ଖଣ୍ଡାୟତ କ୍ଷେତ୍ରୀୟ ସମାଜର କାର୍ଯ୍ୟକାରୀ ସଭାପତି ଥିଲେ । ତାଙ୍କର ଜନହିତକର କାର୍ଯ୍ୟ ପାଇଁ ସତୀଶ ପାତ୍ର ସଦାସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ମନ୍ତ୍ରୀ ବିଭୂତି ଭୂଷଣ ଜେନା ତାଙ୍କ ବକ୍ତବ୍ୟ ରଖିଥିଲେ । ମଞ୍ଚରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ଗଞ୍ଜାମ ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଆରଏସଏସର ରମେଶ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ, ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ବରିଷ୍ଠ ବିଜେଡ଼ି ନେତା ଭଗବାନ ଗନ୍ତାୟତ, ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ଖଟେଇ, ଜଗନ୍ନାଥ ସାବତ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ, ବରିଷ୍ଠ ଆଇନଜୀବୀ ସୁଧାଂଶୁ ପଣ୍ଡା, ହୃଷୀକେଶ ପାଣିଗ୍ରାହୀ, ପୀତବାସ ପଣ୍ଡା, ବ୍ରହ୍ମପୁର ପ୍ରେସ୍ କ୍ଲବ ସଭାପତି ଅଶୋକ ବ୍ରହ୍ମା, ସମ୍ପାଦକ ପ୍ରହ୍ଲାଦ ସାହୁ, ଦଳପତି ମହାସଭାରୁ କିଶୋର ଚନ୍ଦ୍ର ପାତ୍ର, କ୍ଷେତ୍ରୀୟ ଖଣ୍ଡାୟତ ସମାଜରୁ ଡ଼.ବାୟାମନୁ ଚର୍ଚ୍ଚୀ,ବଂଶୀଧର ନାୟକ, ପଦ୍ମ ଚରଣ ଦାସ, ରମେଶ ପାଢ଼ୀ, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ, ସମାଜସେବୀ ଭୀମସେନ ଦଳେଇ, ବିଜେଡ଼ି ନେତ୍ରୀ ମମତା ବିଷୋୟୀ, କର୍ପୋରେଟର ସବିତା ସାହୁ, ସାବିତ୍ରୀ ନାୟକ, ବନିତା ସାହୁ, ଆଇନଜୀବୀ କୁଞ୍ଜବିହାରୀ ପଣ୍ଡା, ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଗଙ୍ଗାଧର ଶତପଥି, ରାଜେଶ ସାହୁ ପ୍ରମୁଖଙ୍କ ସହ ଗଞ୍ଜାମ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ସତୀଶ ପାତ୍ରଙ୍କ ଫୋଟ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ସ୍ମୃତିଚାରଣ କରିଥିଲେ । ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦୀପ ସାହୁ ସ୍ୱର୍ଗତ ସତୀଶ ପାତ୍ରଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ପରିବେଷଣ କରିଥିଲେ । ସ୍ମୃତି କମିଟି ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ମନୋଜ ସାମଲ ଏହି ସ୍ମୃତି ସଭା ପରିଚାଳନାରେ ସହଯୋଗ କରିଥିବା ବେଳେ ସ୍ୱର୍ଗତ ସତୀଶ ପାତ୍ରଙ୍କ ସୁପୁତ୍ର ତଥା ସ୍ମୃତି କମିଟି ଆବାହକ ମଦନ ମୋହନ ପାତ୍ର ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱର୍ଗତ ସତୀଶ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ଏବଂ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସ୍ୱର୍ଗତ ପାତ୍ର ଜଣେ ସୁସଂଗଠକ, ସୁସାହିତ୍ୟିକ ଓ ସମାଜସେବୀ ଭାବେ ସୁନାମ ଅର୍ଜନ କରିଥିଲେ । ତାଙ୍କର ଜନହିତକର କାର୍ଯ୍ୟ ପାଇଁ ସେ ସ୍ମରଣୀୟ ହୋଇ ରହିବେ ବୋଲି ତାଙ୍କ ବାର୍ତ୍ତା ପ୍ରେରଣ କରିଛନ୍ତି ।

# ବିରିସିଂ ଓ ଜଗନ୍ନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଦାନ ଟଙ୍କା ଲୁଟ୍, ପୋଲିସର ଛାନ୍‌ଭିନ୍



ଛତ୍ରପୁର, (ସବ୍ୟୁ) : ଛତ୍ରପୁର ଥାନା ଅନ୍ତର୍ଗତ ବିରିସିଂ ଓ ଜଗନ୍ନାଥ ମନ୍ଦିରରେ ହୁଣ୍ଡି ଭାଙ୍ଗି ଟଙ୍କା ନେବା ସହିତ ବିରିସିଂ ମା ଙ୍କ ସୁନା ଅଳଙ୍କାର ଗୁଡିକ ମଧ୍ୟ ଦୁର୍ବୃତ୍ତ ମାନେ ଚୋରି କରିଥିବା ଜଣାପଡିଛି । ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତ୍ରରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଲିଙ୍ଗି ଗ୍ରାମ ନିକଟରେ ଥିବା ବିରିସିଂ ପୀଠରେ ମା ବିରିସିଂ ଓ ଶ୍ରୀ ଜଗନ୍ନାଥଙ୍କ ତିନୋଟି ଦାନ ହୁଣ୍ଡି ଭାଙ୍ଗି କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଚୋରି କରିବା ସହିତ ତାଲା ଭାଙ୍ଗି ମାଙ୍କ ସୁନା ଅଳଙ୍କାର ଗୁଡିକ ଲୁଟ କରିଥିବା ଅଭିଯୋଗ ହୋଇଛି । ଏହା ସହିତ ଉଭୟ ମନ୍ଦିରର ପୂଜକ ଶୋଇଥିବା ବେଳେ ଦୁର୍ବୃତ୍ତ ମାନେ ବାହାର ପଟୁ କବାଟର ଗେଡା ପକାଇ ସେଠାରୁ ଦୁର୍ବୃତ୍ତ ମାନେ ଚମ୍ପଟ ମାରିଥିବା ଜଣାପଡିଛି। ସକାଳୁ ପୂଜକ ମନ୍ଦିରର ପୂଜକ ମାନେ ଏହା ଜାଣିବା ପରେ ଘଟଣା ସମ୍ପର୍କରେ ମନ୍ଦିର କମିଟିକୁ ସୂଚନା ଦେଇଥିଲେ। ଏନେଇ ମନ୍ଦିର କମିଟି ପକ୍ଷରୁ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଘଟଣାକୁ ଗୁରୁତ୍ୱ ନେଇ ଛତ୍ରପୁର ଥାନାର ସବ ଇନିସପେକ୍ଟର ବିଶ୍ୱଜିତ ନାୟକ ଓ ପୋଲିସ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଁଚି ସରଜମିନ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ହୁଣ୍ଡୀରେ ଥିବା କେତେ ଟଙ୍କା ସଠିକ ଜଣାପଡି ନଥିଲେ ମଧ୍ୟ ମାଙ୍କ ଅଳଙ୍କାର ଓ ହୁଣ୍ଡୀ ଗୁଡିକରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ସ୍ଥାନୀୟ ବାସିନ୍ଦା ଆକଳନ କରୁଛନ୍ତି । ପାର୍ବଣ ଋତୁ ଚାଲିଥିବା ବେଳେ ପୋଲିସ ପେଟ୍ରୋଲିଂକୁ କଡାକଡି କରିବା ସହିତ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ମାନଙ୍କୁ ଗିରଫ କରି ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବୀ ହୋଇଛି ।

# ସାଉଥବଲଣ୍ଡାରେ ରାବଣ ପୋଡି ମହୋତ୍ସବ



ତାଳଚେର / ସାଉଥବଲଣ୍ଡା,(ସବ୍ୟୁ) :ପବିତ୍ର ବିଜୟା ଦଶମୀ ପାଳନ ଅବସରରେ ତାଳଚେର ବ୍ଲକ ସାଉଥବଲଣ୍ଡା ଶିବ ମନ୍ଦିର ପଡିଆ ପରିସରରେ ୧୩ତମ ରାବଣ ପୋଡି ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ରାବଣ ପୋଡି ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର କୁମାର ସିଂହ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ଶିକ୍ଷା,ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ଡ.ମୃଦୁଳା ଠାକୁର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟବକ୍ତା ଭାବରେ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ବିଜେପି ରାଜ୍ୟ ସଂପାଦକ କାଳନ୍ଦୀ ସାମଲ,ସମ୍ମାନୀତ ଅତିଥି ଭାବରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା,ଭୁବନେଶ୍ୱରୀ କ୍ଷେତ୍ରର ମହାପ୍ରବନ୍ଧକ ଅଜୟ ସିଂହ,ଭରତପୁର କ୍ଷେତ୍ରର ମହାପ୍ରବନ୍ଧକ ଦିବ୍ୟଜୀବନ ସିଂହ,ଲିଙ୍ଗରାଜ କ୍ଷେତ୍ରର ମହାପ୍ରବନ୍ଧକ ସୁବ୍ରତ ବିଶ୍ୱାଳ, କେନ୍ଦ୍ରୀୟ କର୍ମଶାଳାର ମହାପ୍ରବନ୍ଧକ ଏମ.ପି.ଚୌଧୁରୀ,ତାଳଚେର କୋଇଲା ଖଣି ମଜଦୁର ସଂଘର ଉପାଧ୍ୟକ୍ଷ ଅରୁଣ କୁମାର ପ୍ରଧାନ,ସାଧାରଣ ସମ୍ପାଦକ ବୀରେନ୍ ଖିଲାର,ସଂପାଦକ ରଞ୍ଜନ ବେହେରା ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଡ.ମୃଦୁଳା ଠାକୁର ନିଜ ଅଭିଭାଷଣରେ ରାବଣ ହେଉଛି ଅଧର୍ମର ପ୍ରତୀକ । ଅସତ୍ୟ ଉପରେ ସତ୍ୟର ବିଜୟ, ଅଧର୍ମ ଉପରେ ଧର୍ମର ବିଜୟ ହିଁ ଏହି ଉତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ମଣିଷ ନିଜ ଭିତରେ ଥିବା ଅହଙ୍କାରରୂପୀ ରାବଣକୁ ଧ୍ୱସଂ କଲେ ରାବଣପୋଡ଼ି ମହୋତ୍ସବ ପାଳନର ଯଥାର୍ଥତା ପ୍ରତିପାଦନ ହୋଇପାରିବ ବୋଲି ସେ କହିଥିଲେ । ଏହି ଉତ୍ସବ ଦେଖିବା ପାଇଁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା । ଭିଡକୁ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପୋଲିସ,ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀମତୀ ଠାକୁର ଏକ ୨୫ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳକାୟ ରାବଣର ପ୍ରତିର୍ମୂରେ ଅଗ୍ନି ସଂଯୋଗ କରି ରାବଣଦହନ କରିଥିଲେ । ନାନା ରକମର ବାଣ ଓ ରଙ୍ଗୀନ ଆତସବାଜି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲା । ସଂଜୀବ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ତାଳଚେର କୋଇଲା ଖଣି ମଜଦୁର୍ ସଂଘର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ରାବଣପୋଡି ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।

## ଢେଙ୍କାନାଳର ଗଣପର୍ବ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆରମ୍ଭ

# ୩୮ଟି ମଣ୍ଡପରେ ଶୋଭାପାଇବେ ମା' ଗଜଲକ୍ଷ୍ମୀ

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲାରେ ବୁଧବାର କୁମାର ପୂର୍ଣ୍ଣମୀ ଠାରୁ ଆରମ୍ଭ ହେଉଛି ଗଜଲକ୍ଷ୍ମୀ ପୂଜା। ୧୯୨୩ ରେ ଆରମ୍ଭ ହୋଇଥିବା ପୂଜାକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିବାକୁ ସମସ୍ତ ସହରବାସୀ ଉତ୍କଣ୍ଠିତ ହୋଇପଡିଛନ୍ତି। ପୂଜା ସହିତ ଅନୁକୂଳ ପାଗ ଯୋଗୁ ପୂଜା ସରଗରମ ହେବ ବୋଲି ଜଣାପଡିଛି। ଚଳିତ ବର୍ଷ ଲକ୍ଷ୍ମୀପୂଜାର ପାର୍ବଣ ବାମନ ଜନ୍ମ ସୁନିଆଁ ତିଥିରୁ ମାଟି ଅନୁକୂଳ ହୋଇଥିବା ବେଳେ କୁମାର ପୂର୍ଣ୍ଣମୀ ଅବସରରେ ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ଆରମ୍ଭ ହୋଇଛି।ଚଳିତ ବର୍ଷ ମୋଟ ୩୮ଟି ମଣ୍ଡପରେ ପୂଜା ଆରମ୍ଭ ହୋଇଛି। ଚଳିତ ବର୍ଷ କୋରିଆଁ, ଲୁବୁଲି ଟାଉନ୨, ରତନ ବଜାର ପଦ୍ମ ବଜାର,କାରିଗର ସାହି,ଚନ୍ଦନ ବଜାର,ବାଜିଚୌକ, ଆନନ୍ଦ ବଜାର,କାଞ୍ଚନ ବଜାର, ମୀନା ବଜାର,ଜବାହର ଚୌକ, ଲକ୍ଷ୍ମୀ ବଜାର, ମହାବୀର ବଜାର, ଗଣେଷ ବଜାର, ବସଷ୍ଟାଣ୍ଡ,ଗୁଡିଆ ନାଳୀ,କୁଞ୍ଜକାନ୍ତ, କଲେଜ ପଡା ସହିତ ଅନ୍ୟ ସ୍ଥାନରେ ପୂଜା ମଣ୍ଡପରେ ପୂଜା ଅନୁଷ୍ଠିତ ହେବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରାକୁ ପାଥେୟ କରି ସହରବାସୀ ଦୀର୍ଘ ୧୦ ଦିନ ଧରି ମା'ଙ୍କ ପାଦପଦ୍ମରେ ଗୋଟିଏ ମନ ଓ ଗୋଟିଏ ପ୍ରାଣରେ ସମର୍ପିତ ହୋଇଯାଆନ୍ତି । ଦୀର୍ଘ ଏକ ଶହ ବର୍ଷରୁ ଊର୍ଦ୍ଧ୍ୱ ଏହି ଗଜଲକ୍ଷ୍ମୀ ପୂଜା ୭ କି.ମି. ପରିବ୍ୟାପ୍ତ ସହରକୁ ଆଚ୍ଛାଦିତ କରିରଖିଛି । କୁମାର ପୂର୍ଣ୍ଣମୀ ଅବସରରେ ଘଟସ୍ଥାପନ କରାଯିବା ସହ ବୈଦିକ ରୀତିନୀତି ଅନୁଯାୟୀ ଘଂଟ, ଶଙ୍ଖ, ଖୋଳ, କୀର୍ତନ ଏବଂ ବ୍ରାହ୍ମଣର ମନ୍ତ୍ର ଧ୍ୱନିରେ ମା' ମହାଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାକୁ ଜୀବନ୍ୟାସ ଦିଆଯାଇ ପୂଜା ଅନୁଷ୍ଠିତ ହେବ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ପବିତ୍ର କୁମାର ପୂର୍ଣ୍ଣିମା ୧୬ ତାରିଖ ଠାରୁ ଆରମ୍ଭ ହୋଇ ୨୭ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ଧରି ଏହି ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଛି । ସହରର ପ୍ରବେଶ ପଥରୁ ପ୍ରସ୍ଥାନ ପଥ ପର୍ଯ୍ୟନ୍ତ ଦୀର୍ଘ ୭କି.ମି. ବ୍ୟାପି ରାସ୍ତା ପାର୍ଶ୍ୱରେ ଚଳିତ ବର୍ଷ ୩୮ଟି ପୂଜା ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଅଛି ।ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ମହିଷାପାଟ ଠାରେ ପଲ୍ଲିଶ୍ରୀ ମେଳାର



ଆୟୋଜନ କରାଯାଉଛି। ଏହି ମେଳାରେ ୩ଶହରୁ ଅଧିକ ଷ୍ଟଲ ଖୋଲାଯିବା ସହିତ ଖାଦ୍ୟ ପାଇଁ ମଧ୍ୟ ସ୍ୱତନ୍ତ୍ର ଷ୍ଟଲ କରାଯିବ ବୋଲି ଜଣାପଡିଛି। ମହାବୀର ବଜାର ୭୫ବର୍ଷରେ ପଦାର୍ପଣ କରିଥିବା ବେଳେ ସାଜସଜ୍ଜାକୁ ଅଧିକ ଆକର୍ଷଣୀୟ କରାଯାଇଛି। ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ କରିବା ପାଇଁ ପ୍ରଶାସନ, ପୋଲିସ ଏବଂ ପୂଜା କମିଟି ତରଫରୁ ବ୍ୟବସ୍ଥା କରାଯାଇଛି। ପୂଜା କମିଟି ତରଫରୁ ଅଗ୍ନିନିରାପତ୍ତା ପ୍ରମାଣ ପତ୍ର, ବିଦ୍ୟୁତ ନିରାପତ୍ତା ପ୍ରମାଣ ପତ୍ର,ଷ୍ଟ୍ରକଚର ପ୍ରମାଣ ପତ୍ର ପ୍ରଦାନ କରିବା ସହିତ ସିସିଟିଭି କ୍ୟାମେରା ଲଗାଇବାକୁ ପରାମର୍ଶ ଦିଆଯାଇଛି।ପାଗ ଅନୁକୂଳ ଥିବାରୁ ଚଳିତ ବର୍ଷ ପୂଜାରେ ଭିଡ ହେବାର ସମ୍ଭାବନା ରହିଛି।

### ରାତି ୧୨ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ

ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଢେଙ୍କାନାଳ ଟାଉନ ଟ୍ରାଫିକ୍ ବ୍ୟବସ୍ଥା କଡାକଡି କରାଯାଇଛି ବୋଲି ଏସ୍‌ପି ଅଭିନବ ସୋନକର ଏକ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସହରକୁ ୫ଟି ସେକ୍ଟର କରାଯାଇଛି। ନର୍ସିଂ ତାଲିମ କେନ୍ଦ୍ରଠାରୁ ବାଜିଚୌକ ଛକ ପର୍ଯ୍ୟନ୍ତ ଭିଡକୁ ଦୃଷ୍ଟିରେ ରଖି ଜନସାଧାରଣ ଚାଲିଚାଲି ଯିବେ। ରାତି ୧୨ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ଭାରିଯାନ ସହର ମଧ୍ୟରେ ଚଳାଚଳ କରିବ। ଲକ୍ଷ୍ମୀପୂଜା ଅବସରରେ ୧୯ଟି ଆଉଟପୋଷ୍ଟ କରାଯାଇଛି। ଆଇନ ଶୃଙ୍ଖଳା ଦୃଷ୍ଟିରୁ ୨୩ ପ୍ଲାଟୁନ୍ ଓଏସ୍‌ଏପି, ଏପିଆର ଓ ଓଆର କନେଷ୍ଟବଳ, ୩୬୦ଜଣ ହୋମଗାର୍ଡ ମୁତୟନ କରାଯାଇଛି।

### ସିସିଟିଭି କ୍ୟାମେରା ସହିତ ଡ୍ରୋନ କ୍ୟାମେରା ବ୍ୟବହାର

ପୂଜା ସମୟରେ ମହିଳା ମାନଙ୍କ ପ୍ରତି ବିଶେଷ ସଜାଗ ରହିବା ସହିତ କୌଣସି ସ୍ଥାନରେ ମହିଳା ମାନଙ୍କ ପ୍ରତି ଦୁର୍ବ୍ୟବହାର କରାଗଲେ ବରଦାସ୍ତ କରାଯିବ ନାହିଁ ବୋଲି ଏସ୍‌ପି ଅଭିନବ ସୋନକରକହିଛନ୍ତି। ମଦ୍ୟପ ମାନଙ୍କୁ ସାବାଡ କରିବାକୁ ଆଣ୍ଟି ଷ୍ଟ୍ରାଇକିଙ୍ଗ ସ୍କ୍ୱାର୍ଡ ଗଠନ କରାଯାଇଥିବା ବେଳେ ରାସ୍ତା ଉପରେ ମଦ୍ୟପ ମାନଙ୍କ ପ୍ରତି କଡା ନଜର ରଖାଯିବ। ସେହିପରି ପ୍ରତ୍ୟେକ ପୂଜା କମିଟି ତରଫରୁ ସିସିଟିଭି କ୍ୟାମେରା ଲଗାଯିବା ସହିତ ପୂଜାରେ ଡ୍ରୋନ କ୍ୟାମେରା ଦ୍ୱାରା ମନି ଟରିଙ୍ଗ କରାଯିବ ବୋଲି କହିଛନ୍ତି।

# ଐତିହାସିକ ପାରମ୍ପରିକ ଦଶହରା ବଳଦ ଯାତ୍ରା ଶେଷ

ଭୁବନ,(ସବ୍ୟୁ) : ଢ଼େଙ୍କାନାଳ ଜିଲ୍ଲା ଭୁବନରେ ଐତିହାସିକ ପାରମ୍ପରିକ ତଥା ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଥିବା ବେଳେ ମା ଦୁର୍ଗା ଙ୍କୁ ଅଶ୍ରୁଳ ନୟନ ରେ ବିଦାୟ ଦେଇ ପୁଣି ଆସନ୍ତା ବର୍ଷକୁ ଅପେକ୍ଷା ବର୍ଷକୁ ଅପେକ୍ଷା କରିଛନ୍ତି ଭୁବନବାସୀ । ବିଜୟା ଦଶମୀ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହେଇଥିଲା ଐତିହାସିକ ତଥା ପାରମ୍ପରିକ ବଦଳ ଯାତ୍ରା । ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବଳଦ ଯାତ୍ରା ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବଳଦ ଯାତ୍ରା ମୁଖ୍ୟ ପରିଚାଳକ ଦିଲ୍ଲୀପ କୁମାର ଦାସ,ଥାନାଧିକାରୀ ମନସ୍ୱିନୀ ମହାନ୍ତି ଯୋଗଦେଇଥିଲେ । ଅତିଥି ଙ୍କ ସହ ଶାନ୍ତି କମିଟିର ସମସ୍ତ ସଭ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବଳଦ ଯାତ୍ରା ର ସ୍ରଷ୍ଟା ଥୋରିଆ ସମାଜ ତରଫରୁ ରୀତି ନୀତି ଅନୁଯାୟୀ ବଳଦ ଯାତ୍ରା ଅନୁକୂଳ କରିଥିଲା । ସମୁଦାୟ ୩୦ ଟି ବଳଦ ଓ ଦୁଇଟି ଷଣ୍ଢ ଗୁଜୁରୀ ହାଟ ରୁ ଯାତ୍ରା ଆରମ୍ଭ କରି ସହର ପରିକ୍ରମା କରିଥିଲେଛ ଏକାଦଶୀ ସନ୍ଧ୍ୟାରେ ପାଲାମଣ୍ଡପ ଠାରେ ଚିତାକର୍ଷକ ରାବଣ ପୋଡ଼ି ଓ ଆତସବାଜି ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ୨୦ ହଜାର ଦର୍ଶକଙ୍କ ଉପସ୍ଥିତିରେ ୩୦ ଫୁଟ ଉଚ୍ଚ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ । ସମ୍ମାନିତ ଅତିଥି ଭାବେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା,ନଗରପାଳ ଶୁଭେନ୍ଦୁ କୁମାର ସାହୁ,ବଳଦ ଯାତ୍ରା ମୁଖ୍ୟ ଦିଲ୍ଲୀପ ଦାସ ,ନାରୀନେତ୍ରୀ ସାଗରିକା ମିଶ୍ର, ଯୋଗଦେଇଥିଲ । ରାତ୍ର ୮ ଘଟିକା ସମୟରେ ଆରମ୍ଭ ହୋଇଥିଲା ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା ର ଅନ୍ତିମ ପର୍ବ ତଥା ମା ଦୁର୍ଗା ଙ୍କ ଭସାଣି ଶୋଭାଯାତ୍ରା । ଏଥିରେ ସମୁଦାୟ ୩୦ ଟି ବଳଦ,୨ ଟି ଷଣ୍ଢ,୧୧ ଟି ଦୁର୍ଗା ମେଢ଼ ଓ ୨ ଟି ହର ପାର୍ବତୀ ମେଢ଼ ସାମିଲ ହୋଇଥିଲେ । ପାରମ୍ପରିକ ବାଦ୍ୟ , ଲୋକ ନୃତ୍ୟ ଓ ଡିଜେ ସାଉଣ୍ଡ ର ତାଳେ ତାଳେ ଯୁବ ଗୋଷ୍ଠୀ ମତୁଆଲା ନୃତ୍ୟ କରିଥିଲେ । ଦିବା ୧୧ ଘଟିକା ସୁଦ୍ଧା ସମସ୍ତ ମେଢ଼ ନୂଆ ବଜାର ରେ ପହଞ୍ଚିବା ପରେ ମେଲଣ ଅନୁଷ୍ଠିତ ହୋଇଥିଲା । ହରିବୋଲ , ହୁଳହୁଳି,ଘଣ୍ଟ ଘଣ୍ଟା ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇପଡ଼ିଥିଲା । ହଜାର ହଜାର ଦର୍ଶକ ମା ଦୁର୍ଗା ଙ୍କୁ ଭକ୍ତି ଭାବ ସହ ଅଶ୍ରୁଳ ନୟନରେ ବିଦାୟ ଜଣାଇ ଅପେକ୍ଷା କରିଥିଲେ ଆସନ୍ତା ବର୍ଷକୁ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର,କମାକ୍ଷାନଗର ଉପ ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏସଡ଼ିପିଓ ଙ୍କ ତତ୍ତ୍ୱାବଧାନରେ ଭୁବନ ଥାନା ଆଇ ଆଇ ସି ମନସ୍ୱିନୀ ମହାନ୍ତି ,୫୦ ରୁ ଉର୍ଦ୍ଧ୍ୱ ପୋଲିସ ଅଫିସର,୫ ପ୍ଲାଟୁନ ଫୋର୍ସ ଏବଂ ଶାନ୍ତି କମିଟି ସଦସ୍ୟ ଯାତ୍ରାକୁ ସୂଚାରୁରୂପେ ପରିଚାଳନା କରିଥିଲେ ।

# ପେଚାମୁଣ୍ଡି ଓ ଜୋକପାଣି ଗାଁରେ ତିରିଶଟିକିଆ ହାତୀପଲର ଉତ୍ପାତ

ପାଲଲହଡା,(ସବ୍ୟୁ):ପାଲଲହଡା ବନାଞ୍ଚଳ ଅଧୀନ ଯମରଡିହି ଫରେଷ୍ଟ ବିଟ ଅନ୍ତର୍ଗତ ପେଚାମୁଣ୍ଡି ପଂଚାୟତ ର ପେଚାମୁଣ୍ଡି ଓ ଜୋକପାଣି ଗ୍ରାମରେ ଏକ ତିରିଶଟିକିଆ ହାତୀପଲ ସମ୍ପୃକ୍ତ ଅଂଚଳରେ ବ୍ୟାପକ ଧାନ ଫସଲ ଓ ଘର ମଧ୍ୟ ନଷ୍ଟ କରିଥିବାର ଅଭିଯୋଗ ହୋଇଛି । କେନ୍ଦୁଝର ଜିଲ୍ଲାରୁ ଉକ୍ତ ହାତୀପଲ ଆସି ପ୍ରଥମେ ପେଚାମୁଣ୍ଡି ଜଙ୍ଗଲରେ ଦିନବେଳେ ରହିଥିଲାବେଳେ ଅପରାହ୍ଣ ପ୍ରାୟ ଚାରିଟା ବେଳେ ପାଖ ଗାଁ କୁ ଆସି ବ୍ୟାପକ ଧାନ ଫସଲ ନଷ୍ଟ କରିଥିଲେ । ଖବର ପାଇ ବହୁ ବିଳମ୍ବରେ ସମ୍ପୃକ୍ତ ବନ ବିଭାଗ ପହଂଚି ହାତୀପଲ କୁ କେନ୍ଦୁଝର ଅଞ୍ଚଳକୁ ଘଉଡ଼ାଇବାକୁ



ଚେଷ୍ଟା ଜାରିରଖିଛି । ଲୋକମାନେ ଭୟଭୀତ ନ ହେବାକୁ ବନ ବିଭାଗ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରୁଥିଲାବେଳେ ସମ୍ପୃକ୍ତ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି ବୋଲି ଜଣାପଡିଛି । ବ୍ୟାପକ ଧାନ ଫସଲ ନଷ୍ଟ କରିଥିବା ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ସମ୍ପୃକ୍ତଯୁବ ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନ ବନ ବିଭାଗ ନିକଟରେ ଦାବୀ ଉପସ୍ଥାପନ କରିବାପରେ ବନ ବିଭାଗ ଉପଯୁକ୍ତ ତଦନ୍ତ ପରେ ସରକାରଙ୍କ ତରଫରୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

# ଝିଅକୁ ଅସଦାଚରଣ କରି ବାପା ଗିରଫ

ଅନୁଗୋଳ ,(ସବ୍ୟୁ ): ନିଜ ଜନ୍ମ କଲା ଝିଅକୁ ଅସଦାଚରଣ କଲା ବାପାଛ ଝିଅଟି ପାଇଁ ଦୁନିଆର ସବୁଠୁ ସୁରକ୍ଷିତ କୁହାଯାଉଥିବା ନିଜ ବାପା ତା ନିଜ ପାଇଁ ପାଲଟି ଗଲା ରାକ୍ଷସ । ଯେଉଁ ବାପା ନିଜ ଝିଅକୁ ସୁରକ୍ଷା ଦେବା କଥା, ଅନ୍ୟ ଖରାପ ନଜରରୁ ଝିଅକୁ ବଞ୍ଚାଇବା କଥା, ଆଜି ସେଇ ବାପା ଚେଷ୍ଟା କରିଛି ତାର ଇଜ୍ଜତ ନେବା ପାଇଁ । ଏଭଳି ଏକ ଲଜ୍ଜାଜନକ ତଥା ସମ୍ବେଦନଶୀଳ ଘଟଣା ଘଟିଛି ଅନୁଗୋଳ ସଦର ଥାନା ଅଞ୍ଚଳରେ । ଏଠାରେ ନିଜ ଝିଅକୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣେ ରାକ୍ଷସ ବାପାକୁ ବାନ୍ଧିଚି । ଏହି ଘଟଣା ସାମ୍ନାକୁ ଆସିବା ପରେ ମାନବିକତା ଉପରୁ ବିଶ୍ୱାସ ଉଠିଗଲା ଭଳି ମନେ ହେଉଛି । ସୂଚନା ମୁତାବକ, ୧୬ ବର୍ଷୀୟା ପୀଡିତା ନିଜ ବାପା ଓ ଜେଜେମାଙ୍କ ସହ ରୁହନ୍ତି । ଝିଅର ମା ଅଲଗା ରୁହନ୍ତି । ଗତ ଶନିବାର ଦିନ ବାପା ଅଚାନକ ଆସି ବଢ଼ିଲା ଝିଅକୁ ବଳପୂର୍ବକ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲା । କୌଣସି ମତେ ଝିଅ ଖସି ଯାଇ ନିଜ ମାଉସୀକୁ ଏହି ଘଟଣା ଜଣାଇଥିଲା । ଏନେଇ ମାଉସୀ ଗାଁରେ ଏକଥା ଜଣାଇଥିଲା । ଗାଁରେ ଏକ ସଭା ଡାକି ଥିଲେ । ସଭାରେ ଥାନାରେ ଅଭିଯୁକ୍ତ ବାପା ନାମରେ ଏତଲା ଦିଆଯିବ ବୋଲି ନିଷ୍ପତି ହୋଇଥିଲା । ଝିଅର ନିଜ ମା ଏହି ଘଟଣା ସମ୍ପର୍କରେ ଜାଣିବା ପରେ ଝିଅକୁ ଧରି ସଦର ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ପାଇଲା ପରେ ସଦର ଥାନା ପୋଲିସ ରାକ୍ଷସ ବାପାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

# ମଦ ଜବତ, ୩ ଗିରଫ

ତାଳଚେର,(ସବ୍ୟୁ) :କୋଲିୟରୀ ଥାନା ଅନ୍ତର୍ଗତ ଗୋବରା ରାସ୍ତାରୁ ବଲଣ୍ଡା ରାସ୍ତା ମଧ୍ୟରେ ବନ୍ତଳା ଥାନା ବସଲା ଗ୍ରାମର ସୁମନ୍ତ ଗୋଛାୟତ (୨୭) ଏକ ଅଟୋ ନଂ- ୧୯କେ ୬୯୯୪ରେ ମଦ ବୋତଲ ନେଇ ଯାଉଥିବା ବେଳେ କୌଣସି ସୂତ୍ରରୁ ବଲଣ୍ଡା ଫାଣ୍ଡି ଅଧିକାରୀ ସତ୍ୟରଞ୍ଜନ ଲେଙ୍କା ଖବର ପାଇ ଘଟଣା ସ୍ଥଳରୁ ସୁମନ୍ତକୁ ଗିରଫ କରିବା ସହିତ ୩୮୪ଟି ମଦବୋତଲ ଜବତ କରିଥିବା ଜଣାପଡ଼ିଛି । ଜବତ ମଦର ମୂଲ୍ୟ ଆନୁମାନିକ ୨ଲକ୍ଷଟଙ୍କା ହେବ । ସେହିଭଳି ତାଳଚେର ଥାନା କିଶୋରଗଞ୍ଜ ପାଟଣା ସାହିରୁ ଶହେଟି ମଦବୋତଲ ଜବତ କରିଥିବା ବେଳେ ଦେବଗଡ଼ ଜିଲ୍ଲା କଣ୍ଢେଇଗୋଳା ଥାନା ଡୁଦକାଝର ଗ୍ରାମର ବିଷ୍ଣୁ ନାୟକ(୨୫) କୋଇଲା ଖଣିଅଂଚଳରେ ବେଆଇନଭାବେ ମଦ କାରବାର କରୁଥିଲେ । ଖବର ପାଇ ସ୍ଥାନୀୟ ପୋଲିସ୍ ଚାଉ କରି ଉଭୟଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

# ଅଙ୍ଗପଡାରେ କାଳୀ ପୂଜା ପାଇଁ ମାଟି ଅନୁକୂଳ

ଠାକୁରଗଡ଼ ,(ସବ୍ୟୁ) : କିଶୋରନଗର ବ୍ଲକ ଅଙ୍ଗପଡା ଗ୍ରାମରେ ଦୀପାବଳି ଦିନ କାଳୀ ପୂଜା ଅନୁଷ୍ଠିତ ହେବ । ଏଥି ପାଇଁ ରବିବାର ସକାଳ ମା କାଳୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ କରାଯାଇଛି । ନିକଟସ୍ଥ ଅଞ୍ଚଳ ରୁ ଯଥା ରୀତି ନୀତି ଅନୁସାରେ ପୂଜକ ବିଦ୍ୟାଧର ତ୍ରିପାଠୀ ଓ ଦେହୁରୀ ଭାଗତିଆ ବେହେରା ପୂଜା କରିବା ପରେ ମା ଙ୍କ ମୂର୍ତ୍ତିନିର୍ମାଣ ପାଇଁ ମାଟି ସଂଗ୍ରହ କରାଯାଇଥିଲ। । ବାଜା ବାଣ ମାଧ୍ୟମ ରେ ଶୋଭାଯାତ୍ରା ରେ ମାଟି ଅଣାଯାଇଥିଲା । ପୂଜା କମିଟ ର ବାଲ୍ମିକୀ ମହାପାତ୍ର ସୁବାସ ପ୍ରଧାନ କରୁଣାକର ବାରିକ,ସତ୍ୟବାଦୀ ରଣା,ଦାମୋଦର ସାହୁ ବିନୟ କୁମାର ବେହେରା ସହଯୋଗ କରିଥିଲେ ।

# ସିମିନଈରେ ମିଳିତ ଭସାଣ ଉତ୍ସବ

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲାର ଓଡାପଡା ବ୍ଲକ ଦାଣ୍ଡିମାଳ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜାର ମିଳିତ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଭସାଣ ଉତ୍ସବରେ ୧୦ଟି ମେଢ ସାମିଲ ହୋଇଛନ୍ତି। ଦାଣ୍ଡିମାଳ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜାର ଗଣପର୍ବ ଆରମ୍ଭ ହୋଇଛି। ଚଳିତ ବର୍ଷ ସିମିନଈରେ ୮ଟି ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଅଙ୍କରାନ୍ତି ପୁରରେ ୩ଟି, ମୂଳିସିଂହରେ ୧ଟି, ନିଳାମ୍ବରପୁରରେ ୧ଟି,ମହେନ୍ଦ୍ରପୁରରେ ୧ଟି ସାଇଁବିରିରେ ୩ଟି, ଗଦାଶିଳା ରାମମନ୍ଦିର ନିକଟରେ ୧ଟି,ଚାଇଁପୁରରେ ୨ ମଣ୍ଡପରେ ଏଭଳି ମୋଟ ୧୯ଟି ମଣ୍ଡପରେ ଦୁର୍ଗାଦେବୀଙ୍କ ପୂଜା ଅନୁଷ୍ଠିତ ହେଉଥିଲା। ମୂଳିସିଂହ ଠାରୁ ଚାଇଁପୁର ମଣିଦେବୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତାରେ ସାଜସଜା ସହିତ ବିଭିନ୍ନ ଲାଇଟ୍ ଗେଟ୍ ଏବଂ ଲାଇଟରେ ସମସ୍ତଙ୍କୁ ଆକର୍ଷିତ କରୁଥିବା ବେଳେ ମଙ୍ଗଳବାର ମିଳିତ ଭସାଣ ଉତ୍ସବ ଅନୁଷ୍ଠିତ ହେଉଛି। ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସଦର ଥାନା ଅଧିକାରୀ ଦୀପକ ଲେଙ୍କାଙ୍କ ସହିତ ଝାରଗାଡିଆ ପୋଲିସ ଉପସ୍ଥିତ ରହି ଭସାଣ ଉତ୍ସବକୁ ନିୟନ୍ତ୍ରିତ କରିଥିଲେ ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

କଣିହା/ରେଙ୍ଗାଳି,(ସବ୍ୟୁ) :କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ମନ୍ଦିର ତଳ କଲୋନୀରେ ଶାଶୁ ଓ ବୋହୁ ମଧ୍ୟରେ କଳି ପରେ ରାତିରେ ଶାଶୁଙ୍କ ଆକସ୍ମିକ ମୃତ୍ୟୁ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛ । ପୁଲିସ ସୂତ୍ରରୁ ପ୍ରକାଶଯେ ,ରେଙ୍ଗାଳି ପ୍ରକଳ୍ପ ମନ୍ଦିର ତଳ କଲୋନୀ ଠାରେ ବିଳାସ ପୃଷ୍ଟି (୬୨) ଘର କରି ରୁହନ୍ତି । ତାଙ୍କ ଘର ପାଖରେ ବଡ ବୋହୁ ଗୀତାଞ୍ଜଳୀ ମଧ୍ୟ ରୁହନ୍ତି। ପ୍ରତ୍ୟେକ ସମୟରେ ପାରିବାରିକ ସମସ୍ୟାକୁ ନେଇ ଝଗଡା ଲାଗି ରହୁଥିବା ବେଳେ ଦଶହରା ଦିନ କୌଣସି କାରଣକୁ ନେଇ ଶାଶୁ ଓ ବୋହୁଙ୍କ ମଧ୍ୟରେ କଳିକଜିଆ ଚାଲିଥିଲା । ସେହି ରାତିରେ ହଠାତ ଶାଶୁ ବିଳାସଙ୍କ ଦେହ ଅସୁସ୍ଥ ହୋଇ ପଡିବାରୁ ଘରେ ରହୁଥିବା ସାନ ପୁଅ ମାକୁ ନେଇ ନିକଟସ୍ଥ ଏକ ଘରୋଇ କ୍ଲିନିକକୁ ନେଇ ଥିଲେ ମାତ୍ର ସେଠିକାର ଡାକ୍ତର ମହିଳାଙ୍କୁ ସରକାରୀ ସ୍ୱାସ୍ଥ୍ୟକେନ୍ଦକୁ ନେବାକୁ କହିଥିଲେ । ପରିବାର ଲୋକେ କ୍ଲିନିକ୍ ରୁ ମହିଳାଙ୍କୁ ଘରକୁ ଫେରାଇ ଆଣିବା ପରେ କଲୋନୀରେ ମହିଳାଙ୍କ ମୃତ୍ୟୁ ହୋଇଯାଇଥିଲା । ଏଥି ନେଇ କଲୋନୀ ବାସୀଙ୍କ ମଧ୍ୟରେ ମହିଳାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରି ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ରେଙ୍ଗାଳି ପୋଲିସ ଘଟଣାସ୍ଥଳରେ ପହଂଚି ଏକ ଅପମୃତ୍ୟୁ ମୋକଦ୍ଦମା ରୁଜୁ କରି ରବିବାର ସକାଳେ ଶବ ବ୍ୟବଛେଦ ପାଇଁ ପାଲଲହଡା ମେଡିକାଲ ପଠାଇ ତଦନ୍ତ ଚଳାଇଛି ।

## ଜନ୍ମିତ କନ୍ୟାରତ୍ନମାନଙ୍କୁ ବିକାଶ ଫାଉଣ୍ଡେସନର ସମ୍ମାନ କାର୍ଯ୍ୟକ୍ରମ

# କନ୍ୟାରତ୍ନଙ୍କ ଉନ୍ନତିରେ ହିଁ ଦେଶର ପ୍ରଗତି

ଅନୁଗୋଳ,(ସବ୍ୟୁ) : ସ୍ୱାସ୍ଥ୍ୟ ଶିଶୁକନ୍ୟା ଜୀବନରେ ସବୁଠାରୁ ବଡ଼ ରତ୍ନ । ସେମାନଙ୍କର ସଠିକ୍ ସ୍ୱାସ୍ଥ୍ୟ, ଉପଯୁକ୍ତ ପୋଷଣ ସହ ଯତ୍ନ ନେବା ଆମର ସବୁଠୁ ବଡ଼ ଦାୟିତ୍ୱ ହେବା ଦରକାର । ତେବେ ଯାଇ ଦେଶର ବିକାଶ ହେବ । ଏହି ସମାଜିକ ସଚେତତନା ସୃଷ୍ଟି କରିବା ଲକ୍ଷ୍ୟରେ ରବିବାର ଦଶହରା ଅବସରରେ 'ବିକାଶ ଫାଉଣ୍ଡେସନ ଟ୍ରଷ୍ଟ' ପକ୍ଷରୁ ଅନୁଗୋଳରେ ଜନ୍ମଲାଭ କରିଥିବା ନବଜାତ ଶିଶୁକନ୍ୟାଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଶିଶୁ କନ୍ୟା ଶୁଭ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି ।ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷା ଶ୍ରୀମତୀ ମୃଦୁଳା ଟି. ପ୍ରଧାନ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟକୁ ଯାଇ କନ୍ୟା ସନ୍ତାନ



ପ୍ରାପ୍ତି ମା'ମାନଙ୍କୁ ଭେଟି ଶୁଭକାମନା ଜଣାଇଛନ୍ତି । ଏହି ସମାରୋହରେ ଯୋଗଦେଇ ସେ କହିଛନ୍ତି ଯେ ଯେତେବେଳେ ଘରେ କନ୍ୟା ସନ୍ତାନଟିଏ ଜନ୍ମ ନିଏ, ସେତେବେଳେ ଘର ସ୍ୱର୍ଗ ପାଲଟିଯାଏ । କନ୍ୟାରତ୍ନ ସବୁଠାରୁ ଅମୂଲ୍ୟ ରତ୍ନ। ତାଙ୍କୁ ଆମେ ସବୁବେଳେ ସ୍ନେହ ଓ ଶ୍ରଦ୍ଧା ଦେବା ଦରକାର । ବୟସ ଅନୁସାରେ ସେମାନଙ୍କର ସଠିକ୍ ଲାଳନପାଳନ ବା ସ୍ୱାସ୍ଥ୍ୟର ଯତ୍ନନେବା ସହ ଭିଟାମିନଯୁକ୍ତ ଖାଦ୍ୟ ଦେବା ଦରକାର । ଏହି ଜନସଚେନତା ଲକ୍ଷ୍ୟରେ ତଥା ସମ୍ବଲପୁର ସାଂସଦ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କଳ୍ପନାରେ ବିକାଶ ଫାଉଣ୍ଡେସନ ପକ୍ଷରୁ ଏଭଳି ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଝିଅମାନଙ୍କ ଉପଯୁକ୍ତ ଯତ୍ନ ନେବା ପାଇଁ ମା'ମାନଙ୍କୁ ପରାମର୍ଶ ଦେବା ସହ ସେ କହିଛନ୍ତି -ସମାଜରେ ମହିଳା ଭାଗିଦାରୀ ଯେତେ ବଢିବ, ସମାଜ ସେତେ ସଶକ୍ତ ହେବ । ମହିଳାଙ୍କ ଉନ୍ନତିରେ ହିଁ ସମାଜର ପ୍ରଗତି ହେବ । ଆମ ମାଟିର ଝିଅ ଶ୍ରୀମତୀ ଦ୍ରୌପଦୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପଦବୀରେ ଅଛନ୍ତି, ଯାହା ଏକ ବଡ ଉପଲବ୍ଧି । ମୋଦୀ ସରକାରଙ୍କ ବେଟି ବଚାଓ, ବେଟି ପଢାଓ, ସୁକନ୍ୟା ସମୃଦ୍ଧି ଯୋଜନା ଶିଶୁକନ୍ୟାଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବାର ବଡ଼ ମାଧ୍ୟମ ହୋଇଛି ।ବେଟି ବଚାଓ, ବେଟି ପଢ଼ାଓ ଏହା ଏକ ନାରା ନୁହେଁ ଏହା ଆମ କର୍ତ୍ତବ୍ୟ । ସମସ୍ତ କନ୍ୟା ସନ୍ତାନଙ୍କ ସୁରକ୍ଷାର ଦାୟିତ୍ୱ ଆମ ମାନଙ୍କର ହେବା ଦରକାର । ସେମାନଙ୍କୁ ଆଗକୁ ବଢିବା ପାଇଁ ଆମେ ସବୁବେଳେ ପ୍ରୋତ୍ସାହିତ କରିବା ଦରକାର । ବିକାଶ ଫାଉଣ୍ଡେସନ ସର୍ବଦା ଝିଅମାନଙ୍କ ବିକାଶରେ କାର୍ଯ୍ୟ ସମ୍ପାଦନ କରିବ ବୋଲି ଫାଉଣ୍ଡେସନର ଅଧକ୍ଷା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଓ ପାଲଲହଡା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, ବିଧାୟକଙ୍କ ଯୋଗଦାନ

ଗୋଡ଼ିବନ୍ଧ,(ସବ୍ୟୁ): ସୋମବାର ଦିନ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ପାଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ସମଲ ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ମନ୍ତ୍ରୀ ଓ ବିଧାୟକଙ୍କୁ ଗୋଡ଼ିବନ୍ଧ ଛକରୁ ଏକ ଶୋଭାଯାତ୍ରା ଭବ୍ୟ ସ୍ୱାଗତ କରାଯିବା ପରେ ସମଲ ଜଳ ସମ୍ପଦ ବିଭାଗର ଡ଼ାକବଙ୍ଗଳାରେ ଅପରାହ୍ଣ ୧ଟା ବେଳେ ପହଞ୍ଚି ଥିଲେ । ଜଳପାନ ପରେ ପ୍ରଥମେ ଏକଘରିଆ ଓ ସମଲ ବିଷ୍ଣୁ ମନ୍ଦିର ବସଷ୍ଟାଣ୍ଡ ଉଦ୍ଘାଟନ କରିଥିଲେ । ସେଠାରୁ ସମଲ ବିସା ମୁଣ୍ଡା କ୍ଲବ୍ ଉଦ୍ଘାଟନ କରି ମଧ୍ୟାହ୍ନ ବିରତି ଓ ବିଶ୍ରାମ କରିଥିଲେଛ ଶହଶହ ବିଜେପି କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କ ଉପସ୍ଥିତି ଶୋଭାଯାତ୍ରାରେ ଉଭୟ ମନ୍ତ୍ରୀ ଓ ବିଧାୟକ ୨ଟା ବେଳେ ପବିତ୍ରନଗର ଅଭିମୁଖେ ଗସ୍ତ କରିଥିଲେ । ସେଠାରେ ପ୍ରାକ୍ତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ ଓ ଉତ୍କଳମଣି ଗୋପବନ୍ଧୁ



ଦାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଖମାର ଜାତୀୟ ରାଜପଥ ଡ଼ାକବଙ୍ଗଳାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଠାରେ ବିଶ୍ରାମ ନେଇ ସଂନ୍ଧ୍ୟାରେ ଓଡ଼ଶ ଗ୍ରାମର ଦଶହରା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ,ପରାବିଲ ମଣ୍ଡଳ ସଭାପତି ପ୍ରହଲ୍ଲାଦ ସାମଲ,ରେଙ୍ଗାଲି ମଣ୍ଡଳ ସଭାପତି ତ୍ରିପୁରାରି ପ୍ରଧାନ,କଣିହାଁ ବିଡ଼ିଓ ଦେବଦତ୍ତ ପ୍ରଧାନ,ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା,ବଜରଙ୍ଗ ସେବା ସମିତି ସଭାପତି ଜ୍ୟୋତି ରଞ୍ଜନ ବିଶ୍ୱାଳ,ଏସି ମୋର୍ଚ୍ଚା ସଭାପତି ଚନ୍ଦନ ସ୍ୱରାଜ,ଏସଟି ମୋର୍ଚ୍ଚା ମଣ୍ଡଳ ସଭାପତି ରଥ ଚମ୍ପିଆ, ସମଲ ପଞ୍ଚାୟତ ପ୍ରମୁଖ ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇ ସଫଳ କରିଥିଲେ ।

# ମଦ ଜବତ : ୩ ଗିରଫ



ଖଇରା,(ସବ୍ୟୁ):ଖଇରା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବ୍ୟାପକ ମଦ ଜବତ କରାଯାଇଥିବା ବେଳେ ଏଥିସହ ସଂପୃକ୍ତ ୩ଜଣ ବିକ୍ରେତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦ ମଧ୍ୟରେ ୫୦ଲିଟର ଦେଶୀ ଓ ପାଖପାଖି ୪ଲିଟର ବିଦେଶୀ ମଦ ଜବତ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତି ମାନେ ବର୍ତ୍ତନା ଗ୍ରାମର ରଣଜିତ ଗୁପ୍ତା,ନଟାପଡା ଗ୍ରାମର କାହ୍ନୁଚରଣ ହେମ୍ବ୍ରମ୍ ଓ ଅନ୍ତରା ପଞ୍ଚାୟତ କନ୍ଦଡା ଗ୍ରାମର ଶ୍ରୀଧର ମହାପାତ୍ର । ଖଇରା ଅବକାରୀ ଥାନା ଅଧିକାରୀ ସୁରଜ କୁମାର ଟିଗା ଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିବା ବେଳେ ଏଥିରେ କନେଷ୍ଟବଳ ଦେବାଶିଷ ମଲ୍ଲିକ,ଦୁର୍ଯୋଧନ ବେହେରା ଓ ମିନତୀ ଜେନା ପ୍ରମୁଖ ସାମିଲ ଥିଲେ ।

# ଜାତୀୟ ରାଜପଥ ଉପରୁ ମୃତ ଦେହ ଉଦ୍ଧାର : ୩ ଗିରଫ

ବେତନଟୀ ,(ସବ୍ୟୁ) :ସୋମବାର ଭୋର ସମୟରେ ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଅଜାଡିହ ଛକ ନିକଟରେ ବେତନଟୀ ଅଞ୍ଚଳର ପୂର୍ବତନ ସରପଞ୍ଚ ତଥା ସ୍ୱର୍ଗତ ସୁରେଶ ଚନ୍ଦ୍ର ବେହେରାଙ୍କ ପୁଅ ଆଶୁତୋଷ ବେହେରା(ବୁଡୁ)ଙ୍କ ମୃତ ଦେହ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରୁ ବୁଡୁଙ୍କ ମୃତ ଶରୀରକୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇଆସିଥିଲା ।ଏ ନେଇ ବୈଶିଙ୍ଗା ପୁଲିସ ୪୭/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଥିଲା । ସୋମବାର ପୂର୍ବାହ୍ନ ସମୟରେ ବେତନଟୀ ପୁଲିସ ଏହି ଘଟଣାରେ ଜଡିତ ଥିବା ତଥା ମୃତ ବୁଡୁ ସହିତ ରାତି ସାରା ସମୟ କାଟିଥିବା ବନ୍ଧୁ ହରିଶଙ୍କର ତ୍ରିପାଠୀ (ଶଙ୍କର) , ଯଶୋବନ୍ତ ବେହେରା(ଚିନା) ଏବଂ ଅର୍ନିବାଣ ବାଲା(ବଙ୍ଗାଳୀ)ଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିଲା ।ବୈଶିଙ୍ଗା ପୁଲିସ ଅପରାହ୍ନ ସମୟରେ ସେହି ତିନି ବନ୍ଧୁଙ୍କୁ ବୈଶିଙ୍ଗା ଥାନା ଆଣି ପଚରାଉଚରା ଜାରି ରଖିଛି। ଏକ ଧଳା ରଙ୍ଗର କାର ଯୋଗେ ମୃତ ବୁଡୁ ସହ ଉକ୍ତ ତିନି ଜଣ ମିଶି ବୈଶିଙ୍ଗା ଅଭିମୂଖେ ଆସି ଆଗ୍ରିଆ ଓଭରବ୍ରିଜ ନିକଟରେ ଅଟକି ମଦ ପିଇବା ସହ ବୈଶିଙ୍ଗା ପଟକୁ ଆସିଥିଲେ । ସେଠାରେ ମୃତ ବୁଡୁକୁ ଛାଡି ବେତନଟୀ ଅଭିମୂଖେ ଘରକୁ ପଳାଇଯାଇଥିଲେ ବୋଲି ବୈଶିଙ୍ଗା ପୁଲିସ ନିକଟରେ ପ୍ରକାଶ କରିଛନ୍ତି । ଯଦି ସାଙ୍ଗରେ ଆଣିଥିଲେ ତାହାଲେ ତାଙ୍କୁ ରାଜପଥ ପାର୍ଶ୍ୱରେ କାହିଁକି ଛାଡି ପଳାଇଲେ। ସେମାନଙ୍କ ସହ ଅନ୍ୟ କେହି ଅନ୍ୟ ଏକ କାର ଯୋଗେ ଆସିଥିଲେ କି । ରାଜପଥ ଉପରେ ପଡି ରହିଥିବା ମୃତ୍ୟୁ ବୁଡୁର ଶରୀରକୁ ଦେଖିଲେ ତଥା ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଭବ କରି ବୈଶିଙ୍ଗା ପୁଲିସ ହତ୍ୟା ନା ଦୁର୍ଘଟଣା ତାର ତଦନ୍ତ ଚଳାଇଥିବା ବେଳେ ମୃତ ବୁଡୁର ପରିବାର ଲୋକଙ୍କ କହିବା ମୁତାବକ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ।ଏହି ଘଟଣାକୁ ଭିତ୍ତି କରି ବୈଶିଙ୍ଗା ପୁଲିସ ଉକ୍ତ ତିନି ଜଣ ସାଙ୍ଗକୁ ମଙ୍ଗଳବାର ଗିରଫ କରିବା ସହ ବୁଧବାର ସକାଳେ କୋର୍ଟ ଚାଲାଣ କରାଯିବ ବୋଲି ଜଣାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ବେତନଟୀ ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି ।

# ମାଙ୍କଡଙ୍କ ଉତ୍ପାତରେ ଅତିଷ୍ଠ ଚାଷୀ

ତିହିଡି, (ସବ୍ୟୁ): ଦିନଥିଲା ଯେତେବେଳେ ତିହିଡି ଅଞ୍ଚଳରେ ଚାଷୀମାନେ ଧାନଚାଷ ପରେ ମୁଗବିରି, ସୋରିଷ ଓ ସୂର୍ଯ୍ୟମୁଖୀ ଆଦି ଚାଷ କରୁଥିଲେ । ସେହିପରି ଅଧିକାଂଶ ଚାଷୀ ବାଇଗଣ, ଭେଣ୍ଡି, ପୋଟଳ, କଲରା, ବିଲାତି ବାଇଗଣ ଓ ବୋଇତାଳୁ ଆଦି ବିଭିନ୍ନ ପ୍ରକାର ପନିପରିବା ଚାଷ କରି ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ମେଣ୍ଟାଇବା ସହିତ ବାହାରକୁ ବି ପନିପରିବା ଯୋଗାଉଥିଲେ । ଫଳରେ ଏଥିରୁ ବେଶ ଦି'ପଇସା ଉପାର୍ଜନ କରି ପରିବାର ପ୍ରତିପୋଷଣ କରୁଥିଲେ । ହେଲେ କ୍ରମାଗତ ଭାବେ ମାଙ୍କଡଙ୍କ ଉତ୍ପାତ ସେସବୁରେ ପୂର୍ଣ୍ଣଚ୍ଛେଦ ଟାଣି ଦେଇଛି । ଆଜି କେବଳ ଧାନଚାଷରେ ନିଜକୁ ସୀମିତ ରଖିଛି ଚାଷୀ । ମୁଗବିରି କି ପନିପରିବା ଚାଷ କରିବାକୁ ଆଉ ଚାଷୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି ।ସବୁ ପ୍ରକାର ସୁବିଧା ଥାଇ ବି କେବଳ ମାଙ୍କଡଙ୍କ ଉତ୍ପାତ ଯୋଗୁଁ ଧାନ ଅମଳ ପରେ ଏଠାକାର ଚାଷୀଙ୍କୁ ହାତବାନ୍ଧି ବସିବାକୁ ପଡୁଛି । ଆଜି ନୁହେଁ ବରଂ ଦୀର୍ଘ ବର୍ଷ ହେଲା ଏ ଅଞ୍ଚଳରେ ମାଙ୍କଡଙ୍କ ଉତ୍ପାତ ଲାଗି ରହିଛି । ସେମାନେ କେବଳ ମୁଗବିରି ଓ ପନିପରିବା ଆଦି ଫସଲକୁ ଖାଇଯାଉ ନାହାନ୍ତି ବରଂ ଘରଦ୍ୱାର ଭାଙ୍ଗିବା ଠାରୁ ପୁଣି ଲୋକଙ୍କୁ ଆକ୍ରମଣ କରି ଖଣ୍ଡିଆଖାବରା ଓ ଲହୁଲୁହାଣ କରୁଛନ୍ତି । ଅତୀତରେ ମାଙ୍କଡ ଆକ୍ରମଣରେ ଏଠାରେ ବହୁଲୋକ ଶିକାର ହେବା ସହିତ ଆର୍ଥିକ ଓ ମାନସିକ ଭାବେ କ୍ଷତିଗ୍ରସ୍ତ ହୋଇଥିବାର ନଜିର ବି ରହିଛି । ଅତୀତରେ ଚାଷୀ ମାନଙ୍କ ପକ୍ଷରୁ ଏଥିନେଇ ଆନ୍ଦୋଳନ ହେବା ପରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଉଭୟ ଟ୍ରାଙ୍କୁଲାଇଜର ବ୍ୟବହାର କରି ଓ ମାଙ୍କିଡିଆଙ୍କ ଦ୍ୱାରା ମାଙ୍କଡ ଧରିବାକୁ ଉଦ୍ୟମ କରାଯାଇଥିଲେ ମଧ କେତେକାଂଶରେ ସଫଳତା ମିଳିଥିଲା । ତେବେ ଆଜି ଦିନରେ ଏ ଅଞ୍ଚଳରେ ମାଙ୍କଡଙ୍କ ସଂଖ୍ୟା ବହୁ ଗୁଣରେ ବୃଦ୍ଧି ପାଇବା କାରଣରୁ ଚାଷବାସ ଏକପ୍ରକାର ଉଜୁଡି ଯାଉଛି । ଏମାନେ ବାରି ବଗିଚାରେ ପନିପରିବା, ଫଳମୂଳ ଆଦି ସହିତ ଫୁଲ ଗଛଟିଏ ବି ରଖାଇ ଦେଉନାହାନ୍ତି । ରାସ୍ତାଘାଟରେ ଯାଉଥିବା ଲୋକଟି ଠାରୁ ଏମାନେ ପନିପରିବା ଛଡାଇ ନେବା ସହିତ ଘରେ ପଶି ପନିପରିବା ବି ଖାଇ ଯାଉଛନ୍ତି । ଏଭଳି ସ୍ଥିତିରେ ସାଧାରଣ ଲୋକେ ବଡ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ସରକାରୀ ସ୍ତରରେ ଏଥିନେଇ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ଦେଖାଦେଇଛି । ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏମାନଙ୍କୁ ଧରାଯାଇ ଜଙ୍ଗଲରେ ଛାଡିବାର ବ୍ୟବସ୍ଥା କରାଗଲେ ଏଠାକାର ଚାଷୀମାନଙ୍କ ମୁହଁରେ ପୁଣିଥରେ ହସ ଫୁଟିପାରନ୍ତା ବୋଲି ଆଲୋଚନା ହେଉଛି ।

# ପାନୀୟ ଜଳ ପାଇଁ ଗ୍ରାମବାସୀ ହନ୍ତସନ୍ତ

ନୀଳଗିରି,(ସବ୍ୟୁ):ନୀଳଗିରି ବ୍ଲକ ବେଗୁନିଆ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି । ଏହି ଗ୍ରାମରେ ୫ଟି ନଳକୂପ ସହ ଗୋଟିଏ ୱାଟର ସପ୍ଲାଇ ଚାଲୁ ରହିଛି । ପୂର୍ବରୁ ଏହି ପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳ ମିଳୁ ନଥିବା ଅଭିଯୋଗ ହୋଇଥିବା ବେଳେ ଗତ ୧୦ଦିନ ପୂର୍ବରୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପାଣିକୁ ନେଇ ପରୀକ୍ଷା ପରେ ସେଠାରେ ବାହାରୁଥିବା ପାଣି ଫ୍ଲୋରାଇଡ୍‌ଯୁକ୍ତ ହୋଇଥିବାରୁ ୱାଟର ସପ୍ଲାଇକୁ ବନ୍ଦ କରିଦେଇଥିଲେ । ତେବେ ଉକ୍ତ ପଞ୍ଚାୟତରେ କିଛିମାସ ପୂର୍ବରୁ ଜଣେ କିଡ଼ନୀ ରୋଗୀଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ୫ଜଣ ଚିକିତ୍ସା ହେଉଥିବାର ଶୁଣାଯାଏ। ନଳକୂପ ୱାଟର ସପ୍ଲାୟର ଜଳ ଫ୍ଲୋରାଇଡ଼ ଯୁକ୍ତ ହୋଇଥିଲେ ହେଁ ୱାଟର ସପ୍ଲାଇ ବନ୍ଦ ଥିବାରୁ ପାନୀୟ ଜଳ ସମସ୍ୟାକୁ ନେଇ ଗତ ରବିବାର ଦିନ ବେଗୁନିଆ ଛକରେ ଗ୍ରାମବାସୀମାନେ ହାଣ୍ଡି, ଡେକିଚି, ବାଲ୍‌ଟି ଧରି ଧାରଣା ଦେଇଥିଲେ । ଖବରପାଇ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଏବାବଦରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଖୁବ୍ ଶୀଘ୍ର ପାନୀୟଜଳ ସମସ୍ୟାର ସମାଧାନ ହେବବୋଲି ଜିଲ୍ଲାପାଳ ପ୍ରତିଶୃତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହାପରେ ସୋମବାରଦିନ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଇଥିବା ଖବର ମିଳିଛି ।

# ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ସବାଇଘାସ ତାଲିମ କାର୍ଯ୍ୟକ୍ରମ



ବାଲେଶ୍ୱର,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜୁଗଡ଼ିହ ଗ୍ରାମର ମହେଶ୍ୱରୀ ପାତ୍ର ନିଜ ଅଞ୍ଚଳ ପାଇଁ କିଛି କରିବାକୁ ସ୍ୱପ୍ନ ଦେଖୁଥିଲେ କିନ୍ତୁ ଗାଁରେ ସିମୀତ ସୁଯୋଗ ଥିବାରୁ ସେହି ସ୍ୱପ୍ନ ଏକଦା ଅସମ୍ଭବ ମନେ ହେଉଥିଲା । କିନ୍ତୁ ସ୍ଥାନୀୟ କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଗଦେବାପରେ ଯେଭଳି ସବୁକିଛି ବଦଳି ଯାଇଥିଲା । ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ ଓ ଟାଟାଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ପ୍ରଦାନ କରାଯାଇଥିବା ୨ମାସିଆ ତାଲିମପରେ ସେ ସବାଇ ଘାସରେ ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତି ଆରମ୍ଭ କରିଥିଲେ । ବର୍ତ୍ତମାନ ମାହେଶ୍ୱରୀ ସବାଇଘାସକୁ ଉପଯୋଗକରି ବାସକେଟ, ଫୁଲଦାନୀ ଓ ମ୍ୟାଟଭଳି ସୁନ୍ଦର ଓ ବଜାରରେ ବିକ୍ରିଯୋଗ୍ୟ ଉତ୍ପାଦରେ ପରିଣତ କରୁଛନ୍ତି । ସେ ଏସ୍‌ପିପିଏଲ୍ ଓ ଟାଟାଷ୍ଟିଲ୍ ଫାଉଣ୍ଡେସନର କମ୍ୟୁନିଟି ଏଣ୍ଟରପ୍ରାଇଜ୍ ପ୍ରୋଗ୍ରାମର ସହଯୋଗୀତାରେ ସବାଇଘାସ ଅମଳ, ପ୍ରକ୍ରିୟା କରଣ ଏବଂ ସବାଇଘାସ ଉତ୍ପାଦର ମାର୍କେଟିଂ ଉପରେ ବ୍ୟାପକ ତାଲିମ ହାସଲ କରିଛନ୍ତି ଯାହା ତାଙ୍କୁ ଆବଶ୍ୟକ ଦକ୍ଷତା ପ୍ରଦାନ କରିବାରେ ସହାୟକ ହୋଇଛି । ମୋଟାମୋଟି ଭାବେ କହିବାକୁ ଗଲେ ମାହେଶ୍ୱରୀଙ୍କ ଜୀବନ ଯାତ୍ରାରେ ରୂପାନ୍ତରଣ ପ୍ରତିଫଳିତ ହୋଇଛି । ସବାଇଘାସ ସାମଗ୍ରୀ ପ୍ରସ୍ତୁତି ଜରିଆରେ ସେ ଜୀବନ ଜୀବିକା ପାଇଥିବା ବେଳେ ନିଜ ସମୁଦାୟର ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଛନ୍ତି । ସେ ପ୍ରସ୍ତୁତ କରୁଥିବା ପ୍ରତିଟି ଉତ୍ପାଦରେ ଆଶା, ସୁଯୋଗ ଓ ନିଜ ପରିବାରର ଉଜ୍ୱଳ ଭବିଷ୍ୟତକୁ ବୁଣୁଛନ୍ତି ।

# ବିଜୟା ଦଶମୀ ଅବସରରେ କାଳିସୀ ଶୋଭାଯାତ୍ରା



ଧାମନଗର, (ସବ୍ୟୁ) : ।ପବିତ୍ର ବିଜୟା ଦଶମୀ ଅବସରରେ ଧାମନଗର ର ପୁରାତନ ପୀଠ ମା' ମନ୍ତ୍ରବାସିନୀଙ୍କ ପ୍ରସିଦ୍ଧ କାଳିସୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ଭୋର ୫ଟାରେ ଧାମନଗର ସ୍ଥିତ ଜାମତୁଳା ଗଣ୍ଡରୁ କାଳିସୀ ଶୋଭାଯାତ୍ରା ବାହାରିଥିଲା ।ଶହଶହ ସଂଖ୍ୟାରେ ଭକ୍ତ ଓ ଜନସାଧାରଣ କାଳିସୀ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ ଘଣ୍ଟ ଘଣ୍ଟା,ଢୋଲ ବାଦ୍ୟରେ ଶୋଭାଯାତ୍ରା ମାର୍ଗ ପ୍ରକମ୍ପିତ ହୋଇଉଠିଥିଲା ।କଳିସୀ ଶୋଭାଯାତ୍ରା ସମୟରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ବିଭିନ୍ନ ସ୍ଥାନରେ ପଣା ଓ ଝୁଣା ଦେଇ ମା'ଙ୍କ ସ୍ୱରୂପ କଳିସୀ ଙ୍କୁ ପୂଜାର୍ଚ୍ଚନା କରିଥିଲେ।କାଳିସୀ ଦକ୍ଷିଣବାଡ ସ୍ଥିତ ବଳି ଗଡ଼ିଆରେ ପହଞ୍ଚି ସ୍ନାନାନ୍ତେ ଦଶହରା ମଣ୍ଡା ପିଠା ଖାଇବାପରେ ଶୋଭାଯାତ୍ରା ଶେଷ ହୋଇଥିଲା ।ଏହି ଶୋଭାଯାତ୍ରାରେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ,ଶିକ୍ଷାବିତ,ସାମ୍ବାଦିକ, ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇଥିଲେ।ରବିବାର ଅପରାହ୍ଣ ରେ ଶାମପୁରର ବହୁ ପୁରାତନ ମଣ୍ଡପରେ ପୂଜା ପାଇଥିବା ଦେବି ଦୁର୍ଗାଙ୍କ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଧାମନଗର ମେଡିକାଲ ବଜାର ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟି ତରଫରୁ ମା' ଦୁର୍ଗାଙ୍କ ଭସାଣୀ ଶୋଭାଯାତ୍ରା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା ।ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ,ଆଇଆଇସି ଫଣିନ୍ଦ୍ର ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ଗାଡିଆରେ ପଡି ଶିଶୁ ମୃତ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମରେ ଗାଡିଆରେ ପଡି ଶିଶୁକନ୍ୟା ମଙ୍ଗଳବାର ମୃତ୍ୟୁବରଣ କରିଥିବା ଜଣାଯାଇଛି। ଗ୍ରାମର ରାମ ମୁଣ୍ଡାର ଅଢେଇ ବର୍ଷୀୟ ଝିଅ ପ୍ରିୟଙ୍କା ମୁଣ୍ଡା ମଧ୍ୟାହ୍ନରେ ଖେଳୁଥିବା ବେଳେ ଖିଆ ପୋଖରୀରେ ପଡିଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ଶିଶୁକୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିବା ସହ ଥାନାକୁ ସୂଚନା ଦେଇଥିଲେ। ଥାନାରେ ୧୪/୨୪ନଂ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।

# ବ୍ୟାଙ୍କ କର୍ମଚାରୀଙ୍କ ଠାରୁ ମୋବାଇଲ ଲୁଟ୍

ସୋର, (ସବ୍ୟୁ):ସୋର ଥାନା ମୁଗୁନିପୁର ଛକ ନିକଟରୁ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ନିକଟରୁ ଏକ ମୋବାଇଲ ଲୁଟ୍ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ମଧ୍ୟାହ୍ନରେ ଏଚଡିଏଫସି ବ୍ୟାଙ୍କରେ କାର୍ଯ୍ୟରତ ଗନ୍ଧିଣା ଗ୍ରାମର ରଶ୍ମିରଂଜନ ମହାପାତ୍ର ବ୍ୟାଙ୍କ କାମରେ ସନ୍ତରଗାଡ଼ିଆ ଯାଇ ବାଇକରେ ଫେରୁଥିଲେ। ମୁଗୁନିପୁର ଛକ ନିକଟରେ ତାଙ୍କର ଏକ ଫୋନ୍‌କଲ ଆସିବାରୁ ରଶ୍ମି ମୋବାଇଲ ଫୋନରେ କଥା ହେଉଥିଲେ। ଏହି ସମୟରେ ଏକ ପଲସର ବାଇକରେ ତିନି ଜଣ ଯୁବକ ଆସି ତାଙ୍କୁ ଛୁରି ଦେଖାଇ ଭୟଭୀତ କରି ଆକ୍ରମଣ କରି ତାଙ୍କ ନିକଟରୁ ମୋବାଇଲ ଫୋନଟିକୁ ଛଡ଼ାଇ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଖବରପାଇ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ତିନି ଜଣଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ବେଲାଣପୁରରେଦୁର୍ଗାପୂଜା ପାଳିତ

ବେତନଟୀ,(ସବ୍ୟୁ): ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ବେଲାଣପୁର ଠାରେ ଚଳିତ ବର୍ଷ ଶାରଦୀୟ ଦୁର୍ଗୋତ୍ସବ ମହା ଆଡମ୍ବର ସହକାରେ ପାଳନ କରାଯାଇଥିବା ଜଣାଯାଇଛି ।ବେଲାଣପୁରା ସାର୍ଜଜନୀନ ଦୁର୍ଗାପୂଜା କମିଟି ରେ ଦାରିହା,କାଠପାଳ,ସିଂଲା ମୁଣ୍ଡୁଳୀ, ନାଖରା,କୃଡିମୁଣ୍ଡା, ଉତ୍ତରପାଳ, ପାଟଳିପୁରା, ପ୍ରତିମାଦେଇ ପୁର,ପ୍ରଭୃତି ଗ୍ରାମର ଶତାଧିକ ସଦସ୍ୟ ଏଥିରେ ସାମିଲ ହୋଇ ପୂଜାରେ ସହଯୋଗ କରିଥିଲେ । ବେଲାଣପୁର ବାତ୍ୟା ଆଶ୍ରୟ ସ୍ଥଳୀ ପରିସରରେ ସୁଉଚ୍ଚ ତୋରଣ ଦେଖଣାହାରୀଙ୍କୁ ବିମୋହିତ କରିଥିଲା । ମହାଷ୍ଟମୀରେ ଶତାଧିକ ମହିଳା ବ୍ରତଧାରୀ ପୂଜାର୍ଚ୍ଚନା କରିଥିବାର ଦେଖା ଯାଇଥିଲା । ପୂଜାର ଶେଷ ଦିବସ ଦଶହରାରେ ଅଞ୍ଚଳବାସୀଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ପାଖଆଖ ୧୦ ଖଣ୍ଡ ଗ୍ରାମର ତିନି ହଜାରରୁ ଅଧିକ ଶ୍ରଦ୍ଧାଳୁ ଦିନ ତମାମ ପ୍ରସାଦ ସେବନ କରୁଥିବାର ଦେଖା ଯାଇଥିଲା । ଦୁର୍ଗାପୂଜା କମିଟିର ସଭାପତି ଉପେନ୍ଦ୍ର ନାଥ ପ୍ରଧାନ, ସମ୍ପାଦକ ଦିବାକର ମହାପାତ୍ର ଓ ସଦସ୍ୟ ରଘୁନାଥ ଜେନା, ଗୋବିନ୍ଦ ଦୁର୍ଗା, ତିଲକ ଦୁର୍ଗା, ସୁବ୍ରତ ମହାପାତ୍ର, ସତ୍ୟରଞ୍ଜନ ଦୁର୍ଗା, ରାଜେଶ କବାଟ, ଗଦାଧର ପ୍ରଧାନ, ଗଣେଶୂର ପ୍ରଧାନ, ବାସୁଦେବ ଦୁର୍ଗା, ଶିବପ୍ରସାଦ ସାମଲ, ସର୍ବେଶ୍ୱର ଖଣ୍ଡା, ଶଙ୍କରା ସାମଲ, ସନ୍ତୋଷ ଖଣ୍ଡା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାର୍ବଜନୀନ ଦୁର୍ଗାପୂଜା ସମାପିତ ହୋଇଥିଲା ।

# କେନାଲରେ ଭାସିଗଲେ ଦୁଇ ନାବାଳକ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁର ନିକଟରେ ତିନିଜଣ ସାଙ୍ଗ ଖେଳିବାକୁ ଯାଇଥିବା ବେଳେ ଦୁଇଜଣ କେନାଲରେ ଭାସିଯାଇ ପାଣିରେ ବୁଡି ମୃତ୍ୟୁ ବରଣ କରିଛନ୍ତି । ଏକ ଘଣ୍ଟାର ପରିଶ୍ରମ ପରେ ଜଣଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଦୀର୍ଘ ସମୟ ପରେ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଉଦ୍ଧାର କରି ସୋର ମେଡିକାଲକୁ ଆଣିଛନ୍ତି । ସୂଚନା ଅନୁସାରେ ମଙ୍ଗଳବାର ଅପରାହ୍ଣରେ ଗୋପୀନାଥପୁର ପଞ୍ଚାୟତ ବରିସାହିର ହିମାଂଶୁ ନାୟକଙ୍କ ଏକମାତ୍ର ପୁଅ ସାଇ ମହେଶ ନାୟକ (୧୦), ମାମୁଁ ଘରକୁ ଆସିଥିବା ଅଲ୍ଲିପୁର ଗ୍ରାମର ଅଶୋକ ଦାସଙ୍କ ପୁଅ ହରିହର ଦାସ (୧୩) ଓ ଅନ୍ୟ ଜଣେ ନାବାଳକ ସାଙ୍ଗ ହୋଇ ନିକଟସ୍ଥ କେନାଲ ପାଖକୁ ଖେଳିବାକୁ ଯାଇଥିଲେ। ଏହି ସମୟରେ କେନାଲର ଶିଉଳିରେ ଗୋଡ଼ ଖସିଯିବାରୁ ହରିହର ଓ ସାଇ ମହେଶ ଭାସିଯାଇଥିଲେ। ସାଙ୍ଗରେ ଥିବା ଅନ୍ୟଜଣେ ସାଙ୍ଗ ସ୍ଥାନୀୟ ଲୋକଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଖୋଜାଖୋଜି କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଦୀର୍ଘ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଖୋଜାଖୋଜି କରିବା ପରେ ସାଇ ମହେଶକୁ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ପଠାଇଥିଲେ। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ଅଗ୍ନିଶମ କର୍ମଚାରୀ ମାନେ ହରିହରକୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ପଠାଇ ଥିଲେ।ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ବିଧାୟକ ମାଧବ ଧଡ଼ା, ବ୍ଲକ ଉପାଧକ୍ଷ ଭ୍ରମରବର ନାୟକ, ସୋର ଥାନାଧିକାରୀ ସୋର ଡାକ୍ତରଖାନା ଏବଂ ଘଟଣାସ୍ଥଳରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।ପୁଲିସ ଡାକ୍ତରଖାନାରେ ପହଁଚି ଶବ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପୋଲିସ ବୁଲେଟ ଧକ୍କାରେ ବସ୍ ଯାତ୍ରୀଙ୍କ ମୃତ୍ୟୁ

ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥ ପାଟଣା ବ୍ଲକ ବାଉଁଶୁଳି ନିକଟରେ ମଙ୍ଗଳବାର ଦିନ ବୁଲେଟ ଧକ୍କାରେ ଜଣେ ବସ ଯାତ୍ରୀର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ପାଟଣା ଥାନା ଅନ୍ତର୍ଗତ ଦୁବେଇ ପେଣ୍ଠ ଗ୍ରାମର ଜଗବନ୍ଧୁ ମହାରଣା ବାଉଁଶୁଳି ଛକ ନିକଟରେ ଏକ ବସରୁ ଓହ୍ଲାଇ ରାସ୍ତା କଡରେ ଛିଡ଼ା ହୋଇଥିବା ବେଳେ ତୁରୁମୁଙ୍ଗା ଥାନା କନଷ୍ଟେବଳ ବିଶ୍ୱରଞ୍ଜନ ଭଞ୍ଜଦେଓ ଓ ବଲାଣି ଥାନା କନଷ୍ଟେବଳ ପୁରୁଷୋତ୍ତମ ମହାନ୍ତ ଏକ ବୁଲେଟ ବାଇକ୍ ରେ ତୁରୁମୁଙ୍ଗାରୁ କେନ୍ଦୁଝରକୁ ଡ଼ିଉଟି କରିବାକୁ ଯାଉଥିବା ବେଳେ ବସକୁ ଅପେକ୍ଷାକରି ରାସ୍ତା କଡରେ ଛିଡା ହୋଇଥିବା ଜଗବନ୍ଧୁଙ୍କୁ ଧକ୍କା ଦେଇଥିଲେ।ଜଗବନ୍ଧୁଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।ସେଠାରେ ଜଗବନ୍ଧୁ ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ବଲାଣି ଥାନା କନେଷ୍ଟବଳ ପୁରୁଷୋତ୍ତମ ମହାନ୍ତ ମଧ ଦୁର୍ଘଟଣାରେ ଗୁରୁତର ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି।।

# ପ୍ରାକ୍ତନ ଅଧ୍ୟକ୍ଷଙ୍କ ସ୍ମରଣିକା ଉନ୍ମୋଚନ

ଖଇରା,(ସବ୍ୟୁ):।ବାଲେଶ୍ୱର ଜିଲ୍ଲାର ଖଇରା ମାଟିକୁ ନିଜର କର୍ମଭୂମି ଭାବେ ଆଦରି ନେଇଥିବା ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକଙ୍କ ଏକାଦଶାହ ଅବସରରେ ସ୍ମରଣିକା ଉନ୍ମାଚନ ଓ ସ୍ମୃତି ଚାରଣସଭା ସୋମବାର ଖଇରା ଶିକ୍ଷକସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁକ୍ତିକାନ୍ତ ଶତପଥି ଓ ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇ ସଂଘର୍ଷପୂର୍ଣ୍ଣ ଜିବନ ଭିତରେ ବି ଉମେଶ ସାର ହସିବା ଶିଖିଥିଲେ। ଏଣୁ ଆଜି ସେ ଅମରପଥର ଯାତ୍ରୀ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ସ୍ମରଣିକା ସ୍ମୃତିଅର୍ଘ୍ୟ ସମ୍ପର୍କରେ ସମ୍ପାଦକ ବୁଦ୍ଧିରାମ ପାଣିଗ୍ରାହୀ ସୂଚନା ଦେଇଥିଲେ । ଖଇରା ର ଅଗ୍ରଣୀ ସଙ୍ଗଠନ ପ୍ରତିଭା ପରିବାର,ମୁକୁନ୍ଦପ୍ରସାଦ ସ୍ମୃତି ପରିଷଦ,ଜନଜାଗରଣ ମଞ୍ଚ,ବରିଷ୍ଠ ନାଗରିକ ମଞ୍ଚ ଅବସରପ୍ରାପ୍ତ କର୍ମଚାରୀ ସଂଘ,ଖଇରା ସାହିତ୍ୟ ସଂସଦ,ପତଞ୍ଜଳୀ ଯୋଗ ସମିତି ର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲେ ।

# ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଶେଷ

ବାଲେଶ୍ୱର,(ସବ୍ୟୁ) :ଗତ ୯ତାରିଖ ବୁଧବାର ଠାରୁ ମା ଦୁର୍ଗାଙ୍କର ଶାରଦୀୟ ପୂଜା ଆରମ୍ଭ ହୋଇ ଗତ ୧୩ ତାରିଖ ରବିବାର ଦିନ ଶେଷ ହୋଇଥିବା ବେଳେ ସୋମବାର ଦିନ ଭସାଣୀ ଉତ୍ସବ ଜାକ୍ ଜମକ ସହକାରେ ପାଳିତ ହୋଇଯାଇଛି । ବାଲେଶ୍ୱର ସହର ଓ ଏହାର ଆଖପାଖ ଅଞ୍ଚଳରେ ମା ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଇଥିଲା । ରବିବାର ଦିନ ସମସ୍ତ ଘରୋଇ ପୂଜାମେଢଗୁଡ଼ିକ ବୁଢାବଳଙ୍ଗ ନଦୀର ବାଲିଘାଟ ଓ ନୁଣିଆଯୋଡ଼ି ଠାରେ ବିର୍ସଜିତ ହୋଇଥିବା ବେଳେ ସୋମବାର ଦିନ ସାର୍ବଜନୀନ ମେଢଗୁଡ଼ିକ ବିସର୍ଜନ କରାଯାଇଥିଲା। ଭସାଣୀ ବେଳେ କାଁଭାଁ ଗଣ୍ଡଗୋଳ ଘଟଣାକୁ ଛାଡ଼ିଦେଲେ ସେଭଳି କିଛି ବଡ଼ଧରଣର ଗଣ୍ଡଗୋଳ ଘଟଣା ଘଟିନାହିଁ । ମୋଟାମୋଟି ଭାବେ କହିବାକୁ ଗଲେ ଶାନ୍ତିଶୃଙ୍ଖଳାର ସହ ମା ଦୁର୍ଗାଙ୍କର ଭସାଣୀ ଉତ୍ସବ ଶେଷ ହୋଇଛି । ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟାଉନ ଥାନା ଆଇଆଇସି ଅଶୋକ କୁମାର ନାୟକ, ସହଦେବଖୁଣ୍ଟା ଆଇଆଇସି ଜୟନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ, ଗୃହରକ୍ଷୀବାହିନୀ କର୍ମଚାରୀମାନେ ଶାନ୍ତିଶୃଙ୍ଖଳାର ସହ ଭସାଣୀ ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ଦନ୍ତା ଆକ୍ରମଣରେ ଗୁରୁତର

ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳକୁ ରବିବାର ଦିନ ଠାରୁ ୨୫ ଟିକିଆ ହାତୀପଲ ପ୍ରବେଶ କରିଛନ୍ତି।ମଙ୍ଗଳବାର ଦିନବେଳା ଏହି ହାତୀପଲ କେନ୍ଦେଇପଶି ନିକଟ କାଜୁ ଜଙ୍ଗଲରେ ଡେରା ପକାଇଥିବା ଦେଖିବାକୁ ମିଳିଥିବାବେଳେ ଏହି ହାତୀପଲଙ୍କୁ ଦେଖିବା ପାଇଁ ପ୍ରବଳ ଲୋକ ରୁଣ୍ଡ ହୋଇଥିଲେ। ଲୋକେ ହାତୀପଲଙ୍କୁ ଚିଡାଇବା ସହ ଟେକା ପଥର ଫିଙ୍ଗିବା ଘଟଣା ପରେ ଅପରାହ୍ନ ୨ଟାରେ ପଲରେ ଥିବା ଏକ ଦନ୍ତା ଗୋଡ଼ାଇ ଗୋଡ଼ାଇ ଜଣେ ଯୁବକକୁ ଟେକି କଚାଡି ଦେଇଥିଲା। ଗୁରୁତର ଯୁବକ ଜଣକ ଅଙ୍କୁରା ଗ୍ରାମର ଅକ୍ଷୟ କୁମାର ନାଏକ ବୋଲି ଜଣାପଡିଛି। ପାଟଣା ବନପାଳ ପିଅନ ନାଏକ ଗୁରୁତରଙ୍କୁ ଉଦ୍ଧାର କରି ପାଟଣା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ଯୋଗାଇଦେବା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ଓ ପାରା କର୍ମଚାରୀ ମାନେ ହାତୀପଲଙ୍କ ଉପରେ ନଜର ରଖିଛନ୍ତି।

# ଏଟିଏମ ଗାଡିରୁ ଲୁଟ ଉଦ୍ୟମ

କେନ୍ଦୁଝର ,(ସ୍ୱପ୍ର) : କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ କମାରଯୋଡା ନିକଟରେ ଏକ ଏଟିଏମ୍ ଗାଡିରୁ ଦୁର୍ବୃତ୍ତମାନେ ଲୁଟ କରିବାକୁ ଉଦ୍ୟମ ଆରମ୍ଭ କରିବା ପରେ ଗନମ୍ୟାନ ବାଧା ଦେବାରୁ ଦୁର୍ବୃତ୍ତଙ୍କ ଲୁହା ମାଡ଼ରେ ଜନମ୍ୟାନ ବଳରାମ ପୃଷ୍ଟି ଆହାତ ହେବାପରେ ତାଙ୍କୁ ଟାଟାଷ୍ଟିଲ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୃର୍ବୃତ୍ତ ମାନେ ଲୁହାରଡରେ ଗନମ୍ୟାନଙ୍କୁ ଆକ୍ରମଣ କରି ଡବଲବ୍ୟାରେଲ ଗଠନକୁ ଛଡ଼ାଇ ନେଇ ଏକ ନକଲି ବନ୍ଧୁକକୁ ଛାଡ଼ିଦେଇ କୈଶଳ କ୍ରମେ ଘଟଣା ସ୍ଥଳରୁ ଆସିଯାଇଥିଲେ। ଏହି ଘଟଣା ଯୋଡ଼ା ଅଞ୍ଚଳରେ ଆଲୋଚନାର ବିଷୟ ହେବା ସହିତ ଆତଙ୍କ ଖେଳିଯାଇଛି। ପୋଲିସ ତନାଘନା ଚଳାଇଛି।

# ସାଗରିକାର ଶାରଦୀୟ ବିଶେଷାଙ୍କ ଲୋକାର୍ପିତ




ବାଲେଶ୍ୱର,(ସବ୍ୟୁ):ଦୀର୍ଘ ୩୫ ବର୍ଷ ଧରି ନିରବଚ୍ଛିନ୍ନ ଓଡ଼ିଆ ପତ୍ରିକା ଜଗତରେ ନିଜର ଉଲ୍ଲେଖନୀୟ ସ୍ଥାନ ନିରୂପଣ କରିଥିବା ନିରୁତା ସାହିତ୍ୟ ପତ୍ରିକା ସାଗରିକାର ଶାରଦୀୟ ସଂଖ୍ୟା-୨୦୨୪ କୁ ବିଜୟା ଦଶମୀ ସନ୍ଧ୍ୟାରେ ବାଲେଶ୍ୱର ନୃତ୍ୟ ସଙ୍ଗୀତ କଳାମନ୍ଦିର ସଭାଗୃହରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି। ବାଲେଶ୍ୱର ସହରରୁ ୧୯୮୩ ମସିହାରୁ ପ୍ରକାଶିତ ଏହି ପତ୍ରିକାର ପ୍ରତିଷ୍ଠାତା ତଥା ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ପତ୍ରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବରିଷ୍ଠ ସାହିତ୍ୟିକ ଡ ରମାକାନ୍ତ ବେହେରାଙ୍କ ସମେତ ବରେଣ୍ୟ ଅତିଥି ବୃନ୍ଦ ଏହାର ଉନ୍ମୋଚନ କରି ସୁସମ୍ପାଦିତ ଏହି ସାହିତ୍ୟ ପତ୍ରିକାଟି ବିବିଧ ବିଭାଗ ଥାଇ ପାଠକଙ୍କ ଆଦର ଲାଭ କରି ଆସିଛି ବୋଲି ମତ ପ୍ରକାଶ କରିଥିଲେ । ବାଲେଶ୍ୱର ବ୍ରିଟ୍‌ର ଚେୟାରମ୍ୟାନ ଆଲୋକ କୁମାର ସାହୁ, ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା, ସୁବର୍ଣ୍ଣଶ୍ରୀର ସମ୍ପାଦକ ଡ. କାଳୀପଦ ପଣ୍ଡା, ବହିଘରର ପ୍ରକାଶକ ଅଭୟ ଦାସ, ପ୍ରତିଭାଶ୍ରୀର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ, ସମାଜର ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, ସମାଜସେବୀ ତଥା ରୋଟାରିଆନ ପ୍ରଦୀପ୍ତ ପଣ୍ଡା ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ସାଗରିକାର ବିଭିନ୍ନ ବିଶେଷତ୍ୱ ଉପରେ ଚର୍ଚ୍ଚା କରିଥିଲେ। ଉତ୍ସବ ପ୍ରାରମ୍ଭରେ କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀ, ଆଡଭୋକେଟ ବିଜୟ କୁମାର ପାଣିଗ୍ରାହୀ ଓ ମଞ୍ଜୁଲତା ବଳ ମାତୃବନ୍ଦନା ସହ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପରିଶେଷରେ ସାଗରିକାର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡା କୃତଜ୍ଞତା ଅର୍ପଣ କରିଥିଲେ। ଉତ୍ସବରେ ସହରର ବହୁ ସାହିତ୍ୟିକ ଓ ସାହିତ୍ୟାନୁରାଗୀ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।।

# ନଦୀରେ ବୁଡି ବାଳକ ନିଖୋଜ



ଠାକୁରମୁଣ୍ଡା,(ସବ୍ୟୁ) :ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ତାଳପଦା ଗ୍ରାମରେ ଜଣେ ବାଳକ ଗଧୋଉ ଥିବା ବେଳେ ବୁଡିଯାଇ ନିଖୋଜ ହୋଇଛି। ଘଟଣା ପ୍ରକାଶ ତାଳପଦା ଗ୍ରାମର ଶତ୍ରୁଘନ ପଲେଇଙ୍କ ଏକମାତ୍ର ପୁଅ ରୁଦ୍ର ନାରାୟଣ ପଲେଇ (୧୩) ସକାଳ ୮ଟା ଟିୟୁସନ ରୁ ଫେରି ସାଇକେଲ ଧରି ନଦୀକୁ ଗାଧୋଇ ବାକୁ ସାଙ୍ଗ ମାନଙ୍କ ସହ ବାହାରି ଥିଲା । ୨ କିଲୋମିଟର ସିମିନଦୀ ଖଡିପାଳ ଚଟିରିକୁ। ନସାଙ୍ଗ ମାନଙ୍କ ସହ ପଥର ରେ ବସି ଗାଧୋଉ ଥିବା ବେଳେ ହଠାତ ପାଦ ଖସି ଯିବାରୁ ଖସିଯାଇ ଗଭୀର ଜଳ ଥିବା ଗଣ୍ଡ ଭିତରେ ପଡି ବୁଡିଯାଇଥିଲା। ଖବର ପାଇ ଘର ଲୋକ ଘଟଣାସ୍ଥଳକୁ ଯାଇ ଖୋଜିବା ସହ ଅଗ୍ନିଶମ ବିଭାଗ ମଧ୍ୟ ପାଣିରେ ବୁଡ଼ି ଖୋଜିଥିଲେ ହେଲେ ରୁଦ୍ରର ପତା ମିଳି ନ ଥିଲା। ଘଟଣାସ୍ଥଳକୁ ଖବର ପାଇ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ପହଞ୍ଚିବା ସହ ଓଡ୍ରାଫା ଖବର ଦେଇଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୦/୧୯)
–ବିଭୂତିଯୋଗଃ–
( ଶ୍ରୀଭଗବାନୁବାଚ )

**ହନ୍ତ ତେ କଥୟିଷ୍ୟମି ଦିବ୍ୟା ହ୍ୟାତ୍ମବିଭୂତୟଃ ।**
**ପ୍ରାଧାନ୍ୟତଃ କୁରୁଶ୍ରେଷ୍ଠ ! ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ।।୧୯।।**

(ଏହିପରି ପାର୍ଥିତ ହୋଇ) ଶ୍ରୀ ଭଗବାନ କହିଲେ– ହେ କୁରୁଶ୍ରେଷ୍ଠ ! ମୋର ଯେଉଁ ଅଲୌକିକ ବିଭୂତି ଅଛି, ତୁମକୁ ତାହାର ପ୍ରଧାନ ପ୍ରଧାନ ବିଷୟଗୁଡ଼ିକ କହିବି । କାରଣ ମୋର ବିଭୂତିର ଶେଷ ନାହିଁ (ଅତଏବ ମୋଟାମୋଟି କିଛି କହିବି) ।।୧୯।।

## ଶକ୍ତି ନିରାପତ୍ତା

ସମ୍ପାଦକୀୟ

ତୈଳ ଚାହିଦାର ୮୫ ପ୍ରତିଶତରୁ ଅଧିକ ତୈଳ ଆମଦାନୀ ଉପରେ ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ଭାରତର ଶକ୍ତି ନିରାପତ୍ତା ସର୍ବଦା ଏକ ରଣନୈତିକ ପ୍ରାଥମିକତା ଅଟେ । ବର୍ତ୍ତମାନର ପରିସ୍ଥିତିରେ, ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଇବା ସହିତ ତୈଳ ଯୋଗାଣରେ ସମ୍ଭାବ୍ୟ ବ୍ୟାଘାତକୁ ପରିଚାଳନା କରିବା ବାସ୍ତବିକ ଚିନ୍ତାଜନକ ବିଷୟ । ଭାରତର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି ଯେ ମଧ୍ୟ ପୂର୍ବ ବିବାଦ ସମୟରେ ତୈଳ ଯୋଗାଣ ବ୍ୟାଘାତ ହେଲେ ଏହାର ମୁକାବିଲା କରିବାକୁ ଭାରତ ପ୍ରସ୍ତୁତ ଅଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଶ୍ୱରେ ପର୍ଯ୍ୟାପ୍ତ ତେଲ ଥିବାରୁ ଭୟର ଆବଶ୍ୟକତା ନାହିଁ । ବିଶ୍ୱ ତୈଳ ଯୋଗାଣ ପାଇଁ ପଶ୍ଚିମ ଏସିଆ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଏବଂ ଏହି ଅଞ୍ଚଳରେ ଯେ' କୌଣସି ବିବାଦ ତୈଳର ମୂଲ୍ୟକୁ ଯଥେଷ୍ଟ ମାତ୍ରାରେ ପ୍ରଭାବିତ କରିଥାଏ । କିନ୍ତୁ ଖର୍ଚ୍ଚ ଅପେକ୍ଷା ଅଧିକ ତୈଳ ଉପଲବ୍ଧ, ଅର୍ଥାତ୍ ପଶ୍ଚିମ ଏସିଆର କେତେକ ପାରମ୍ପାରିକ ଯୋଗାଣକାରୀ ଆଞ୍ଚଳିକ ଦ୍ୱନ୍ଦ୍ୱ କାରଣରୁ ରପ୍ତାନି ହ୍ରାସ କଲେ ମଧ୍ୟ ଅନ୍ୟ ଦେଶରୁ ତୈଳ ଆଣିବା ନେଇ ଭାରତ ପାଖରେ ବିକଳ୍ପ ରହିଛି । ଯୋଗାଣ ଉତ୍ସଗୁଡ଼ିକର ଏହି ବିବିଧତା ଭାରତକୁ ତେଅଳ ଯୋଗାଣ କ୍ଷେତ୍ରରେନିଶ୍ଚୟ ସହାୟକ ହେବ । କାରଣ ବର୍ଷ ବର୍ଷ ଧରି, ଆମେରିକା ଏବଂ ଆଫ୍ରିକାର ଦେଶ ସମେତ ନୂତନ ତୈଳ ଯୋଗାଣକାରୀଙ୍କ ସହ ଭାରତ ସକ୍ରିୟ ଭାବରେ ସମ୍ପର୍କ ସ୍ଥାପନ କରିଛି । ଅଧିକରୁ ଅଧିକ ତୈଳ ଯୋଗାଣକାରୀଙ୍କ ସହ ସମ୍ପର୍କ ସ୍ଥାପନ କରିବା ଏକ ଉତ୍ତମ ରଣନୀତି । ଏହା ଦ୍ୱାରା କୌଣସି ଏକ ଅଞ୍ଚଳ ଉପରେ ଭାରତର ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରାଯାଇପାରିଛି । ଅଧିକନ୍ତୁ, ବିଶ୍ୱ ତୈଳ ଯୋଗାଣ OPEC ଦ୍ୱାରା ପରିଚାଳିତ ଏବଂ ଏଥିରେ ସାଉଦି ଆରବ ଏବଂ ରୁଷିଆ ଭଳି ପ୍ରମୁଖ ତୈଳ ଉତ୍ପାଦନକାରୀ ଅନ୍ତର୍ଭୁକ୍ତ । ଅକ୍ଟୋବର ୧୪ରେ OPEC ଏହାର କ୍ରମାଗତ ତୈଳ ଚାହିଦା ୨୦୨୪ ଏବଂ ୨୦୨୫ ପାଇଁ ତୃତୀୟ କ୍ରମାଗତ ମାସ ପାଇଁ କମାଇଛି । ତଥାପି ଏହି ଆକଳନ ସୁସ୍ଥ, ହାରାହାରି ଅଭିବୃଦ୍ଧି ଉପରେ ପ୍ରତିଫଳିତ ହୋଇଛି । OPECର ସର୍ବଶେଷ ମାସିକ ତୈଳ ବଜାର ରିପୋର୍ଟ ଅନୁସାରେ, ବିଶ୍ୱ ତୈଳ ଚାହିଦା ସେପ୍ଟେମ୍ବରର ପୂର୍ବାନୁମାନ ଠାରୁ ଦୈନିକ ଏକ ଲକ୍ଷ ବ୍ୟାରେଲ କମ୍ ବୃଦ୍ଧି ପାଇବ ।

ଅର୍ଥାତ୍ ୨୦୨୪ ମସିହାରେ ବିଶ୍ୱ ତୈଳ ଚାହିଦା ଦିନକୁ ୧.୯୩ ମିଲିୟନ ବ୍ୟାରେଲ ବୃଦ୍ଧି ପାଇବ, ଯାହା ଗତ ମାସରେ ଆଶା କରାଯାଉଥିବା ୨.୦୩ ନିୟୁତ ଅଭିବୃଦ୍ଧିରୁ କମ୍ । ଦୁର୍ବଳ ଚାହିଦା ମଧ୍ୟରେ ମୂଲ୍ୟ ସ୍ଥିର କରିବା ପାଇଁ OPEC ନିକଟ ଅତୀତରେ ଉତ୍ପାଦନ ହ୍ରାସ କରୁଥିବାବେଳେ ଏହି ଗୋଷ୍ଠୀ ଡିସେମ୍ବରରୁ ଉତ୍ପାଦନ ବୃଦ୍ଧି କରିବାର କାର୍ଯ୍ୟକ୍ରମ ରହିଛି । କେତେକ ଦେଶରେ ଚାହିଦାରେ ହ୍ରାସ ଏବଂ ସ୍ୱଚ୍ଛ ଇନ୍ଧନର ବ୍ୟବହାର ବୃଦ୍ଧି ଯୋଗୁଁ ଚାହିଦା ବୃଦ୍ଧି ହ୍ରାସ ପାଇବ । ଉତ୍ପାଦନରେ ଏହି ଆଶା କରାଯାଇଥିବା ବୃଦ୍ଧି ଯେକୌଣସି ତତକ୍ଷଣାତ୍ ଅଭାବର ଚିନ୍ତାକୁ ଆହୁରି ସହଜ କରିବା ଉଚିତ । ତୈଳ ଭଣ୍ଡାର ନିର୍ମାଣ ଉପରେ ଭାରତର ସକ୍ରିୟ ଆଭିମୁଖ୍ୟ ମଧ୍ୟ ସ୍ୱଳ୍ପ ମିଆଦି ଯୋଗାଣ ବ୍ୟାଘାତକୁ ପରିଚାଳନା କରିବାର କ୍ଷମତାକୁ ବୃଦ୍ଧି କରିଛି । ଅସ୍ଥାୟୀ ଯୋଗାଣ ସୀମାବଦ୍ଧତାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ତୈଳ ଭଣ୍ଡାର ସହିତ ଭାରତ ତୈଳ ବଜାରରେ ଝଟକାକୁ ନିୟନ୍ତ୍ରଣ କରିବା ପାଇଁ ପୂର୍ବ ଅପେକ୍ଷା ଅଧିକ ସୁସଜ୍ଜିତ ହୋଇଛି । ତଥାପି, ବର୍ତ୍ତମାନର ଦୃଷ୍ଟିକୋଣ ସତର୍କତାର ସହିତ ଆଶାବାଦୀ ଥିବାବେଳେ ପଶ୍ଚିମ ଏସିଆରେ ଦୀର୍ଘ ଦିନର ବିବାଦ ବିଶ୍ୱ ତୈଳ ମୂଲ୍ୟ ଉପରେ ଯେ' ପ୍ରଭାବ ପକାଇବ ନାହିଁ ଏହା କୁହାଯାଇ ନ ପାରେ । ମୂଲ୍ୟ ବୃଦ୍ଧି ଭାରତକୁ ଆର୍ଥିକ ଦୃଷ୍ଟିରୁ କ୍ଷତି ପହଞ୍ଚାଇପାରେ, କାରଣ ଅଧିକ ଆମଦାନୀ ମୂଲ୍ୟ ମୁଦ୍ରାସ୍ଫୀତି ଚାପକୁ ବଢାଇବ ଏବଂ ଆର୍ଥିକ ନିଅଣ୍ଟକୁ ବ୍ୟାପକ କରିବ । ଦୀର୍ଘମିଆଦିରେ ଏହି ବିପଦଗୁଡିକର ମୁକାବିଲା ପାଇଁ ଭାରତ ଏହାର ଶକ୍ତି ମିଶ୍ରଣର ବିବିଧକରଣକୁ ପ୍ରାଥମିକତା ଦେବା ଜାରି ରଖିବା ଆବଶ୍ୟକ, ବିଶେଷକରି ଏହାର ଅକ୍ଷୟ ଶକ୍ତି କ୍ଷେତ୍ରକୁ ବିସ୍ତାର କରିବା ଦରକାର । ଆମଦାନୀ ତୈଳ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହ ସ୍ୱଚ୍ଛ ଏବଂ ଅଧିକ ସ୍ଥାୟୀ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ବଢ଼ାଇବା ଦରକାର । ଅକ୍ଷୟ ଶକ୍ତି ବ୍ୟବହାର ଉପରେ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, କିନ୍ତୁ ତାହା ଯଥେଷ୍ଟ ନୁହେଁ । ଏହାର ବ୍ୟବହାର ଓ ଜନସଚେତନତା ବଢ଼ାଇବା ନେଇ ନିଆଯାଉଥିବା ପଦକ୍ଷେପକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ । ଶକ୍ତି ସାମଗ୍ରୀ ଭୌଗଳିକ ବିଶୃଙ୍ଖଳା ପାଇଁ ସମ୍ବେଦନଶୀଳ । ଇନ୍ଧନ ଆବଶ୍ୟକତା ପାଇଁ ଆମଦାନୀ ଉପରେ ଅତ୍ୟଧିକ ନିର୍ଭରଶୀଳ ଭାରତ । ତେଣୁ ଏହାର ଶକ୍ତି ଉତ୍ସକୁ ବିବିଧ କରିବା ଏବଂ ଶକ୍ତି ନିରାପତ୍ତା ଓ ସୁଲଭତା ବଜାୟ ରଖିବା ପାଇଁ ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ଆବଶ୍ୟକ । ପରିବେଶ ଅନୁକୂଳରେ, ରୋଷେଇ, ଆଲୋକ ଏବଂ ଅନ୍ୟାନ୍ୟ ଶକ୍ତି ଆବଶ୍ୟକତାକୁ ପୂରଣ କରି ସୌର ଶକ୍ତି ଭାରତରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ଛୁଇଁ ସାରିଛି । ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ଶକ୍ତି କ୍ଷେତ୍ରରେ ସୌରଶକ୍ତିର ଦୃଶ୍ୟମାନ ପ୍ରଭାବ ରହିଥିବାବେଳେ ଏହି ଉତ୍ସଗୁଡିକର ଉତ୍ପାଦନ ଦେଶର ମୋଟ ଚାହିଦାର ୧୦ ପ୍ରତିଶତ ପୂରଣ କରି ନାହିଁ । ସରକାରଙ୍କ ଭିଜନ୍ ଡକ୍ୟୁମେଣ୍ଟ ଅନୁସାରେ ଆଗାମୀ ଦିନରେ ୮୫ ପ୍ରତିଶତ ବିଦ୍ୟୁତ ଉତ୍ପାଦନ ଅକ୍ଷୟ ଏବଂ ସବୁଜ ଶକ୍ତି ଉତ୍ସ ଦ୍ୱାରା ପୂରଣ ହେବା ନେଇ ଲକ୍ଷ୍ୟ ରଖାଯାଇଛି, ଯାହା ସୌର ଶକ୍ତି ବ୍ୟବହାର ପାଇଁ ଏକ ବୃହତ ଗ୍ରାହକ ଆଧାର ସହିତ ଭାରତକୁ ସୌର ଶକ୍ତି ପାଇଁ ଏକ ପ୍ରମୁଖ ବଜାରରେ ପରିଣତ କରିବ । ଭାରତ ତୈଳ ଆମଦାନୀ ଉପରେ କମ ନିର୍ଭରଶୀଳ ହେବ ଏବଂ ପରୋକ୍ଷରେ ଏହା ଭାରତର ଅର୍ଥନୀତି ବୃଦ୍ଧିରେ ସହାୟକ ହେବ । ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଉପଭୋକ୍ତା ଭାବରେ ଭାରତର ସ୍ଥିତି ଅର୍ଥନୈତିକ ସ୍ଥିରତା ବଜାୟ ରଖିବାରେ ଶକ୍ତି ନିରାପତ୍ତାର ଗୁରୁତ୍ୱକୁ ଦର୍ଶାଉଛି । ବିକଳ୍ପ ଶକ୍ତି ଉତ୍ସରେ ବିନିଯୋଗ ଜାରି ରଖିବା ଏବଂ ତୈଳ ଭଣ୍ଡାରକୁ ବୃଦ୍ଧି କରି ଭାରତ ତୈଳ ବଜାରରେ ଭବିଷ୍ୟତର ଭୌଗଳିକ ବ୍ୟାଘାତ ବିରୁଦ୍ଧରେ ଅଧିକ ସ୍ଥିରତା ନିଶ୍ଚିତ କରିପାରିବ ।

## କହି ଦେଉଥାଉ ପରକୁ

ଡ. ନିରଞ୍ଜନ ସାହୁ

ଆପଣ ଏହିକ୍ଷଣି ପ୍ରଶ୍ନ କରନ୍ତୁ, ମୋ ଦେହଟା ଗୁମସୁମ ଲାଗୁଛି, ଖାଇବାକୁ ଇଚ୍ଛା ହେଉନି, କଣ କରିବା କହିଲେ? ସାଙ୍ଗେ ସାଙ୍ଗେ ଆପଣଙ୍କୁ ଅନେକ ପରାମର୍ଶ ମିଳିଯିବ। କିଏ କହିବେ, ଠିକ୍ କିଛିଦିନ ତଳେ ମୋର ଏଇମିତି ହୋଇଥିଲା – ମୁଁ ଡାକ୍ତର ସାମନ୍ତରାୟଙ୍କ ପ୍ରେସ୍କ୍ରିପସନ ଅନୁସାରେ ଖାଇବାରୁ ଦିନ ଦୁଇଟାରେ ସବୁ ଛୁ। ଆଉ କେହି ଆପଣଙ୍କୁ କହିବେ, ଆଜ୍ଞା, ଖବରଦାର ସେ ଆଲୋପାଥି ଔଷଧ ଖାଆନ୍ତୁ ନି, ଗୋଟେ ରୋଗକୁ ଦବେଇବ ଆଉ କେତେଟା ରୋଗକୁ ନିଦରୁ ଉଠେଇବ, ଆପଣ ଆମର ଦେଶୀ ଆୟୁର୍ବେଦିକ ମୋଦକ ଖାଇଦେଲେ କୁଆଡ଼େ ଯିବ ସେ ବେମାରି ତା ପତ୍ତା ମିଳିବନି । ଏତେ ପ୍ରସ୍ତାବ ଆପଣଙ୍କ ନିକଟକୁ ଆସିଯିବ ଯେ ଆପଣ ଅଡୁଆରେ ପଡ଼ିଯିବେ, ସତରେ କେଉଁଟିକୁ ଆପଣ ଗ୍ରହଣ କରିବେ ! ପରକୁ ପରାମର୍ଶ ଦେବାରେ ଆମେ କେଉଁ କାଳରେ ପଛୁଆ ନଥିଲେ ଆଉ ସେଇଥିପାଇଁ କେଉଁ ଯୁଗରୁ ଚଳିଆସିଛି, ଏଇ କଥା ପଦକ – କହି ଦେଉଥାଉ ପରକୁ, ବୁଦ୍ଧି ନ ଦିଶଇ ଘରକୁ। ଯେଉଁ ମାନଦଣ୍ଡରେ ଆମେ ଅନ୍ୟ କାହାକୁ କିଛି ବିଷୟରେ ପରାମର୍ଶ ଦିଅନ୍ତି,ନିଜ ଉପରେ ସେଇ ପରିସ୍ଥିତି ପଡ଼ିଲେ ଆମର ପ୍ରତିକ୍ରିୟା ହୋଇଥାଏ ଭିନ୍ନ ।

ଅନ୍ୟ କାହାରି ସମସ୍ୟା ଉପରେ ଆମର ମତାମତ କେତେବେଳେ ଉପରଠାଉରିଆ ତ କେତେବେଳେ ନ୍ୟାୟମୂର୍ତ୍ତିଙ୍କ ଭାଷଣ ଭଳି କେବଳ ଉପଦେଶାତ୍ମକ। ଏପରି ଦୁଇଗୋଟି ମାନଦଣ୍ଡ ଆମେ ଅକ୍ଲେ ବହୁତ ଗ୍ରହଣ କରିଥାଉଁ । ଯଦି ଆପଣ ବିନୋବା ଭାବେଙ୍କ ଗୀତା ପ୍ରବଚନ ଅଧ୍ୟୟନ କରିଥିବେ, ତା ହେଲେ ସେ ଯେଉଁ କଥା ଅର୍ଜୁନଙ୍କ ବିଷାଦ ଯୋଗରେ ଅବତାରଣା କରିଛନ୍ତି ତାହା ମନେ ପକାଇ ପାରିବେ । ଜଣେ ବିଚାରପତି ଥିଲେ ଯିଏ କି ଟିକିଟିକି ଭୁଲ ପାଇଁ ଆଖିଦୃଶିଆ ଦଣ୍ଡ ଦେଉଥିଲେ। ତାଙ୍କ ପାଖରେ କେଶ୍ ପଡ଼ିଲେ ମୁଦାଲାମାନେ ପ୍ରମାଦ ଗଣୁଥିଲେ । ଥରେ ତାଙ୍କରି କୋର୍ଟରେ ଜଣେ ତାଙ୍କର ସଂପର୍କୀୟ ଗୋଟିଏ ମାମଲାରେ ହାଜର ହେଲେ – ସାକ୍ଷ୍ୟ ପ୍ରମାଣ ସବୁ ନିଜଲୋକଟି ବିରୋଧରେ ଗଲା ମାତ୍ର ଦଣ୍ଡାଦେଶ ଦେଲାବେଳେ ସେ କହିଲେ, ଏଇ ଲୋକଟି ପ୍ରଥମ ଥର ଏପରି କାମ କରିଛି, ତାକୁ ଯଦି ସଂଶୋଧନ କରିବାର ସୁଯୋଗ ନ ଦିଆଯିବ ତା ହେଲେ ସେ ଗୋଟିଏ ପେଷାଦାର ଅପରାଧୀ ପାଲଟିଯିବ । ଅତଏବ ତାର ଦଣ୍ଡ କୋହଳ କରିବାକୁ ଆଦେଶ ଦେଲେ ବିଚାରପତି ମହାଶୟ । ଅର୍ଜୁନ ଯେତେବେଳେ ଯୁଦ୍ଧ ଭୂମିରେ ନିଜର ଜ୍ଞାତି ପରିଜନଙ୍କୁ ବିପକ୍ଷରେ ଦେଖିଲେ,ସେତେବେଳେ ସେ କିଂକର୍ତ୍ତବ୍ୟବିମୂଢ଼ ହେଲେ, କେତେ ଯୁକ୍ତି ବାଢ଼ିଲେ ଯେମିତି କି ଯେଉଁମାନଙ୍କ ପାଇଁ ଯୁଦ୍ଧ କରିବି ସେମାନେ ଯଦି ଯୁଦ୍ଧରେ ମୃତ୍ୟୁବରଣ କରନ୍ତି ତାହେଲେ ଯୁଦ୍ଧର ସୁଫଳ କିଏ ଭୋଗ କରିବ ? ଆହୁରି ଅନେକ ବିତଣ୍ଡା ଯୁକ୍ତି କଲେ ମାତ୍ର ଅର୍ଜୁନ ବାସ୍ତବରେ ଥିଲେ ଜଣେ ବହୁ ପୋଖତ ଯୋଦ୍ଧା, ବହୁ ଯୁଦ୍ଧର ଅଭିଜ୍ଞତା ତାଙ୍କର ଥିଲା ଏବଂ ସେ ବହୁ ଯୁଦ୍ଧରେ ବିଜୟୀ ହୋଇଥିଲେ । ଅର୍ଥାତ୍ ତାଙ୍କର ନିଜର ପରିବାରର ଲୋକଙ୍କୁ ଦେଖି ଯେଉଁ ଭାବନା ସୃଷ୍ଟି ହେଲା ତାହା ହେଉଛି ସେଇ ନିଜ ପଣର ବିଚାର । ନିଜ ପର ଭେଦର ଲକ୍ଷଣ । ନିଜ ଲୋକଙ୍କୁ ଭଲ ପାଇବା, ତାଙ୍କର କଥାକୁ ବାରମ୍ବାର ବିଶ୍ୱାସ କରିବା, ତାଙ୍କର କଥା ଆପାତତଃ ସତ ହୋଇଥିବ ବୋଲି ଧାରଣା କରିବା ଏକ ସାଧାରଣ କଥା। ଠିକ୍ ସେଇମିତି ଯେଉଁମାନଙ୍କୁ ଆମେ ଆମଠୁ ଅଲଗା ବୋଲି ଭାବନ୍ତି ତାଙ୍କ ସହିତ ଦୂରତା ବଜାୟ ରଖନ୍ତି, ତାଙ୍କ କଥାକୁ ସହଜରେ ବିଶ୍ୱାସ କରନ୍ତି ନାହିଁ, ସେମାନେ ଆମ ସହିତ ଘଷିନେସି ହେବାକୁ ଆମେ ଗ୍ରହଣ କରନ୍ତି ନାହିଁ ସହଜେ, ତାଙ୍କର ପ୍ରତି କଥା କାମ ଉପରେ ଥାଏ ଆମର ସନ୍ଦେହାସ୍ପଦ ନଜର । କାଳେ ଆମକୁ ଅଡୁଆରେ ପକେଇ ଦେବକି ଲୋକଟି ? ଅଜ୍ଞାତ କୁଳ ଶୀଳସ୍ୟ ବାସୋ ନ ଦେୟ କଦାଚିତ୍। ଠିକ୍ ଭାବରେ ଜାଣି ନଥିବା ଲୋକଙ୍କୁ ପାଖରେ ନ ପଶେଇବାକୁ କୁହାଯାଇଛି । ଅର୍ଥାତ୍ ଦୁନିଆଁକୁ ଆମ ଅଜାଣତରେ ଦି ଭାଗ କରିଦିଆଯାଇଛି। ଜଣା ଦୁନିଆଁ ଆଉ ଅଜଣା ଦୁନିଆଁ । ସତର୍କତା ଅବଲମ୍ବନ କରିବାକୁ କହିବା ନ୍ୟାୟରେ ଏମିତି କଥା ଆମମାନଙ୍କର ଅବବୋଧରେ ପୂରେଇ ଦିଆହୋଇଛି କେଉଁ କାଳୁ । ସେଇକଥାକୁ ପ୍ରମାଣିତ କରିବା ପାଇଁ କେତେ କଥା କୁହାଯାଇଛି ଗପ ଛଳରେ । ନିଜ ପର, ଜଣା ଅଜଣା ଏମିତି ଦି ଭାଗରେ ଦୁନିଆଁକୁ ବାଣ୍ଟିଲା ବେଳେ ଆମକୁ କୁହାଯାଇଛି ନିଜର ପକ୍ଷ ନେବାକୁ, ଜଣାଲୋକର ସାଥୀ ଦେବାକୁ। ପରମାନେ କଣ ସବୁ ଖରାପ ଆଉ ନିଜର ମାନେ ଭଲ ! ପରମାନେ ଆମଠୁଁ କିଛି ଆଶା କରନ୍ତି ନାହିଁ । ବରଂ ନିଜର କହି ଆମେ ଯେଉଁ ଦୁନିଆଁଟିଏ ଗଢୁ ତାହା ଗୋଟିଏ ଛୋଟିଆ ଇଲାକା, ନିଜକୁ ସଂକୁଚିତ କରିବା ପାଇଁ ଏକ ମାଧ୍ୟମ । କିନ୍ତୁ ଏଇ ସଂକୁଚିତ ପୃଥିବୀରେ ଆମର ଧାରଣା ଥାଏ ମୁଁ ନିଜ ଲୋକଙ୍କୁ ଉପକାର କରିବି ଆଉ ସେମାନେ ବି ମୋତେ ଭଲମନ୍ଦରେ ସାଥୀ ଦେବେ।

ନିଜ ଲୋକମାନେ ବିପଦ ବେଳେ ସହାୟ ହେବେ ଭାବିବା ଏକ ମୂର୍ଖାମୀ । ସେମାନେ ବି ଲାଭର ମତଲବ ରଖନ୍ତି । ଯଦି କେତେବେଳେ ତାଙ୍କ ମୁଣ୍ଡରେ ପଶେ ଯେ ଏଇ ଲୋକ ପାଇଁ ଅର୍ଥ କିମ୍ବା ସମୟ ଦେଲେ ତାଙ୍କର କିଛି ଲାଭ ହେବ ନାହିଁ । ତା ହେଲେ ସେମାନେ କିଛି ଗୋଟାଏ ବାହାନା ଦେଖାନ୍ତି ଦୂରେଇ ଯିବା ପାଇଁ – ଛଳନାରେ ମଣିଷକୁ କିଏ ବା ପାରିବ ଯେ ! ନିଜ ଲୋକମାନେ ଅନେକ ସମୟରେ ବେଶି ଭୟଙ୍କର ପାଲଟନ୍ତି । ଅନେକ ଗୁପ୍ତକଥା ସେମାନେ ଜାଣିଥାନ୍ତି ଯାହା ଫଳରେ ବାହାର ଲୋକଙ୍କ ତୁଳନାରେ ବେଶି କ୍ଷତି କରିବାର ସାମର୍ଥ୍ୟ ସେମାନଙ୍କର ପାଖରେ ଥାଏ। ତା ଛଡ଼ା ନିଜର ଲୋକେ ଈର୍ଷା ଓ ଦ୍ୱେଷ ରଖନ୍ତି ଖୁବ୍ ସମୟରେ । ତେଣୁ ନିଜର ଲୋକ ଭାବି ସେମାନଙ୍କୁ ପାଖରେ ରଖିବା ନିରୁପଦ୍ରୁତ ନୁହେଁ ସବୁବେଳେ । ମଣିଷର ମନ ବଡ଼ ବିଚିତ୍ର । ଯିଏ ଆଜି ନିଜର ହୋଇ ରହିଥାଏ ସେ ସବୁବେଳେ ସେଇ ଭାବରେ ରହିବ କିଏ ବା କହିପାରିବ ? ନିଜ ଲୋକ ପାଖ ଲୋକ ଶତ୍ରୁ ସାଜିଲେ ଅମାପ କ୍ଷତି କରନ୍ତି ।

ସ୍ୱାର୍ଥରେ ସାମାନ୍ୟ ବ୍ୟାହତ ହେଲେ ନିଜ ଲୋକ ଶତ୍ରୁ ପାଲଟିବା ପାଇଁ ମୁହୂର୍ତ୍ତେ ବିଳମ୍ବ ହୁଏ ନାହିଁ। ଏହାର ଅନେକ ଉଦାହରଣ ଆପଣଙ୍କ ନିଜ ଚାରିପାଖେ ଥିବ ନିଶ୍ଚିତ । ଆଉ ଗୋଟିଏ କଥା ଆପଣ ଲକ୍ଷ୍ୟ କରିଥିବେ। ଧରନ୍ତୁ ଜଣକ ଅନୁପସ୍ଥିତିରେ ଆଉ ଜଣେ ବନ୍ଧୁଙ୍କ ବିଷୟରେ ଗୋଟାଏ ଆଲୋଚନା ହେଉଥିବ । ମାନେ କେହି କେହି ବନ୍ଧୁଙ୍କ ବିଷୟରେ ଭଲ ଭଲ କଥାଟି ମାନ କହୁଥିବେ । ସେତିକିବେଳେ ତାଙ୍କର ସବୁଠୁ ଅନୁଗତ ବୋଲାଉଥିବା ବନ୍ଧୁଜଣକ ମୁହଁ ଖୋଲିବେ ଆଉ କହିବେ । 'ତମେମାନେ କଣ ମୋ ଠାରୁ ତାଙ୍କୁ ବେଶି ଜାଣିଛ । ତା ବିଷୟରେ ଯଦି ମୁଁ ମୁହଁ ଖୋଲିବି ତେବେ ତମେ ଏତେଦିନ ଯାଏ ଯେଉଁ ଧାରଣା ରଖି ବସିଛ ସବୁକୁ ବଦଳେଇବ ଆମୂଳଚୁଳ ।' ଅର୍ଥାତ୍ ଆଖିପିଛୁଳାକେ ବନ୍ଧୁ ପାଲଟି ଯାଇପାରିବେ ବନ୍ଧୁକ ପରି ଭୟଙ୍କର । ପର ଆପଣାର ଭେଦ ଯେଉଁମାନେ ଭୁଲିଛନ୍ତି, ସେଇମାନେ ମଣିଷ ପଣିଆଁର ଉପରକୁ ଯାଇଛନ୍ତି । ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି, ଯେଉଁମାନେ ନିଜ ପର ଭେଦ ଭିତରେ ବଞ୍ଚିଛନ୍ତି, ସେମାନେ ହେଉଛନ୍ତି ନୀଚମନା । ସେଥିପାଇଁ ବହୁଦିନ କାଳରୁ ସଂସ୍କୃତ ସାହିତ୍ୟରେ ଗୋଟିଏ ଶ୍ଳୋକଥିଲା ଏମିତି । 'ଅୟଂ ନିଜ ପରୋଦ୍ଧବେତି ଗଣନାଂ ଲଘୁଚେତସାମ୍ ଉଦାର ଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍ ।'

ମୁଁ ଜଣକୁ ପର ଭାବିଲେ ଯେ ସିଏ ମୋତେ ଅଲବତ ସେପରି ଦୃଷ୍ଟିରେ ଦେଖିବ, ଏପରି କିଛି ସିଦ୍ଧାନ୍ତ ନାହିଁ । ଆପଣ ମନେପକାନ୍ତୁ ଦ୍ୱାପର ଯୁଗର ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ କଥା । ଧନୁର୍ବିଦ୍ୟା ଧୂରୀଣ ସେଇ ଗୁରୁଙ୍କ ନିକଟକୁ ଦିନେ କୁଆଡ଼େ ଆସିଥିଲା ବନବାସୀ ଏକଲବ୍ୟ ନାମକ ପିଲା ଜଣେ, ମାତ୍ର ସେ କାଳର ନିୟମ ଅନୁସାରେ ଗୁରୁ ତାଙ୍କୁ ଶିଷ୍ୟ ଭାବରେ ସ୍ୱୀକାର କଲେ ନାହିଁ। ଅର୍ଥାତ୍ ତାଙ୍କ ବିଚାରରେ ସେ ତାଙ୍କର ନିଜର ହେଲା ନାହିଁ । ମାତ୍ର ଏକଲବ୍ୟ ଧରି ନେଇଥିଲା ଦ୍ରୋଣାଚାର୍ଯ୍ୟ ତାର ଗୁରୁ । ତେଣୁ ସେ ଗୁରୁଙ୍କ ପ୍ରତିମୂର୍ତ୍ତି ନିଜେ ତିଆରି କଲା ଏବଂ ମନକୁ ଗୁରୁକରି ତାଙ୍କରି ସାମ୍ନାରେ ବିଦ୍ୟା ଶିଖିବାର ପ୍ରୟାସ କଲା ମାତ୍ର ଯେତେବେଳେ ପରିସ୍ଥିତି ଓ ସମୟକ୍ରମେ ଦ୍ରୋଣାଚାର୍ଯ୍ୟ ତାର ଧନୁର୍ବିଦ୍ୟାରେ ଅସାଧାରଣ ଦକ୍ଷତା ଜାଣିଲେ ତାକୁ କୌଶଳରେ ଡାହାଣ ହାତର ଅଙ୍ଗୁଳି ମାଗିଲେ ଗୁରୁଦକ୍ଷିଣା। ଯାହାଫଳରେ ସେ ଆଉ ସ୍ୱାଭାବିକ ଧନୁଚାଳନା କରିପାରିବ ନାହିଁ । ଯଦି ଏକଲବ୍ୟକୁ ନିଜର ଭାବିଥାନ୍ତେ ତାହେଲେ କଣ ଏପରି ଛଳନା କରିଥାନ୍ତେ ମାତ୍ର ନିଜ ପର ଭିତରେ ଏଇ ଭେଦ ସୃଷ୍ଟି କରିଥିବାରୁ କାବ୍ୟିକ ନ୍ୟାୟରେ ସେ ଗୁରୁ ଭାବରେ ଯେଉଁ ମର୍ଯ୍ୟାଦାଜନକ ସ୍ଥାନ ପାଇବା କଥା ତାହା ପାଇ ପାରିଲେ କି? ଆଜି ଦିନରେ ପଇସା ପାଖରେ ନଥାଇ କେଉଁ ଅନୁଷ୍ଠାନକୁ ଗଲେ ସେମାନେ କଣ ଆପଣଙ୍କ ପିଲାକୁ ଆଡ଼ମିଶନ ଦେବେକି? ତାଙ୍କ ନଜରରେ ଆପଣ ପର। ନିମ୍ନ ଦୁଇଟି କଥା ସଂକ୍ଷିପ୍ତରେ ଅବତାରଣା କଲେ ନିଜ ଆଉ ପର ଉପରେ ଥିବା ଆମର ଧାରଣା ପରିପକ୍ୱ ହେବ ବୋଲି ମୋର ଧାରଣା। ପ୍ରଥମ କଥାଟି ଆମ ଅବବୋଧରେ ଥିବା ଶିଶୁ ଗପଟିଏ ।

ଦିନେ ଗୋଟିଏ ଛୁଆର ମାଆ ବୋଲି ନିଜକୁ ଦାବୀକରି ଦୁଇ ସଉତୁଣୀ ରାଜାଙ୍କ ନିକଟରେ ଫେରାଦ ହେଲେ। ଆପୋଷ ମିଳାମିଶାର ସମସ୍ତ ଉଦ୍ୟମ ନିଷ୍ଫଳ ହେଲାପରେ ରାଜା କ୍ରୋଧାନ୍ୱିତ ହୋଇ ଆଦେଶ ଦେଲେ ବର୍ତ୍ତମାନ ଶିଶୁଟିକୁ ଦୁଇଖଣ୍ଡରେ କାଟି ଦିଆଯିବ। ଯିଏ ପ୍ରକୃତ ମାଆ ନୁହେଁ ସେ ବାହାରକୁ ଚୁପ୍ ରହିଲା ମାତ୍ର ମନେ ମନେ ଭାବୁଥାଏ ଏଇ ଆଦେଶ ହିଁ ସଉତୁଣୀକୁ ସବୁଠୁଁ ବଡ଼ ଦଣ୍ଡ ହେବ । ହେଲେ ପ୍ରକୃତ ମାଆ କାନ୍ଦି କାନ୍ଦି କହିଲା, ମହାରାଜା, ମୋ ଛୁଆଟିକୁ କାଟନ୍ତୁ ନାହିଁ, ସେ ବଞ୍ଚିରହୁ । ଏବେ ରାଜା ବୁଝିପାରିଲେ ପ୍ରକୃତ ମାଆ କିଏ? ଆଉ ମହାଭାରତ ଯୁଦ୍ଧ ପୂର୍ବରୁ ଦୁର୍ଯ୍ୟୋଧନ ଯାଇଥିଲା। ମାତା ଗାନ୍ଧାରୀଙ୍କ ନିକଟକୁ ତାଙ୍କର ଆଶୀର୍ବାଦ ନେବାକୁ । ସେ ଶତ ପ୍ରତିଶତ ଭାବି ନେଇଥିଲା ଯେ ନିଜ ପୁତ୍ରକୁ କେଉଁ ମାଆ କଣ ଆଶୀର୍ବାଦରେ ଊଣା କରନ୍ତି ମାତ୍ର ଯାହା କହିଲେ ମାତା ଗାନ୍ଧାରୀ ତାହା ଭାରତୀୟ ସଂସ୍କୃତି ସାହିତ୍ୟ ଓ ଦର୍ଶନର ସମୁଜ୍ଜଳ ମୁକ୍ତା ପାଲଟିଗଲା। ତାଙ୍କ କଣ୍ଠରୁ ବାହାରିଥିଲା – ଯତୋଦ୍ଧ ଧର୍ମ ତତୋଦ୍ଧ ଜୟଃ। ଏତେ ଆଲୋଚନା ପରେ ବି ଆମେ କଣ ପୁଣି ନିଜ ପର ଆଲୋଚନାରେ ମାତି ରହିବା?

ମୋ–୯୪୩୮୪୮୨୯୧୧
*(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ଅଧିକାରୀ)*

## 'ମିସାଇଲ ମ୍ୟାନ୍' ଅବଦୁଲ କଲାମ

ଚିତ୍ତରଞ୍ଜନ ପୃଷ୍ଟି

ଈଶ୍ୱରଙ୍କ ସୃଷ୍ଟିରେ ସମାଜର ସର୍ବଶ୍ରେଷ୍ଠ ପ୍ରାଣୀ ହେଉଛି ମନୁଷ୍ୟ । ମଣିଷ ନିଜର ବୁଦ୍ଧି, ବିବେକ, ବିଚାରଧାରା, କର୍ମ, ସାଧନା ପାଇଁ ଚିରକାଳ ଧରା ପୃଷ୍ଠରେ ଅମର ହୋଇ ରହେ । କର୍ମ ଓ ସାଧନା ବଳରେ ମଣିଷ ଯୁଗ ଯୁଗ ଧରି ଚିରପୂଜ୍ୟ ହୋଇ ରହିପାରେ । ଭାରତବର୍ଷରେ ଏଭଳି ଅନେକ ମହାପୁରୁଷ ଜନ୍ମ ନେଇଛନ୍ତି, ଯାହାଙ୍କ ତ୍ୟାଗ, କର୍ତ୍ତବ୍ୟପରାୟଣତା ତଥା ନିଃସ୍ୱାର୍ଥପର ବଳିଦାନ ପାଇଁ ସେମାନଙ୍କ ଆଗରେ ଶ୍ରଦ୍ଧା ଓ ଭକ୍ତିରେ ଆମ ମୁଣ୍ଡ ଆପେ ଆପେ ନଇଁ ଯାଏ । ସେହିଭଳି, ଏହି ପବିତ୍ର ବେଦଭୂମି ଭାରତ ଭୂଖଣ୍ଡରେ ଜନ୍ମ ନେଇଥିଲେ ଭାରତ ମାତାର ସୁଯୋଗ୍ୟ ସନ୍ତାନ ପୂର୍ବତନ ରାଷ୍ଟ୍ରପତି ତଥା ଭାରତର ମିସାଇଲ୍ ମ୍ୟାନ୍ ଭାବେ ପରିଚିତ ଡକ୍ଟର ଏ. ପି. ଜେ. ଅବଦୁଲ କଲାମ । ୧୫ ଅକ୍ଟୋବର ୧୯୩୧ ମସିହାରେ ତାମିଲନାଡୁର ରାମେଶ୍ୱରମ୍‌ରେ ଏକ ତାମିଲ ମୁସଲମାନ ପରିବାରରେ ପିତା ଜୈନୁଲାବଦ୍ଦୀନ ଏବଂ ମାତା ଅସିଆମ୍ମାଙ୍କ କୋଳମଣ୍ଡନ କରିଥିଲେ 'ମିସାଇଲ ମ୍ୟାନ୍' ଅବଦୁଲ କଲାମ ।

ଭାରତର କେତେଜଣ ମହାମନିଷୀ ରହିଛନ୍ତି, ଯେଉଁମାନଙ୍କ ନାମ ଉଚ୍ଚାରଣ ମାତ୍ରକେ ଭକ୍ତି, ସମ୍ମାନ ଓ ଶ୍ରଦ୍ଧାରେ ମଥା ଆପେ ଆପେ ନଇଁ ଯାଏ, ସେମାନଙ୍କ ମଧ୍ୟରେ ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଏ. ପି. ଜେ. ଅବଦୁଲ କଲାମ ଅନ୍ୟତମ । 'ମିସାଇଲ ମ୍ୟାନ୍' ନାମରେ ସେ ଖ୍ୟାତି ପାଇଥିଲେ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ଏବଂ ସରଳତା ତଥା ଶାନ୍ତ, ଭଦ୍ର ବ୍ୟବହାର ସମସ୍ତଙ୍କୁ ତାଙ୍କ ପ୍ରତି ଆକୃଷ୍ଟ କରୁଥିଲା । ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଖ୍ୟାତ ବୈଜ୍ଞାନିକ ଡକ୍ଟର ଏ.ପି.ଜେ ଅବଦୁଲ କଲାମ ପୂରା ଦେଶର ଲୋକଙ୍କ ପାଇଁ ଆଦର୍ଶ । ଏକ ଗରିବ ମୁସଲିମ ପରିବାରରେ ଜନ୍ମଗ୍ରହଣ କରିଥିବା କଲାମଙ୍କୁ ନେଇ ପୂରା ଦେଶ ଯେ ଦିନେ ଗର୍ବିତ ହେବ, ତାହା କେହି କଳ୍ପନା କରିନଥିଲେ । ସଂଘର୍ଷମୟ ଜୀବନକୁ ପଛରେ ପକାଇ ପିଲାବେଳୁ ସେ ସଫଳତା ପରେ ସଫଳତା ହାସଲ କରି ଚାଲିଥିଲେ । କେହି ସୁଦ୍ଧା ଭାବିନଥିଲେ ଦିନେ ଭାରତୀୟ ବିଜ୍ଞାନ ଜଗତର ମହାନାୟକ ଭାବେ ଉଭା ହେବେ କଲାମ । ସବୁବେଳେ କିଛି ନୂଆ ଶିଖିବାର ଇଚ୍ଛା ତାଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରୁଥିଲା । କଲାମ 'ମିସାଇଲ୍ ମ୍ୟାନ୍' ଭାବେ ପୂରା ଦେଶରେ ଜଣାଶୁଣା ଥିଲେ ।

ସାଧାରଣ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା କଲାମ ପିଲାଦିନରୁ ପରିବାର ଭରଣପୋଷଣରେ ସାହାଯ୍ୟ କରୁଥିଲେ । ତାଙ୍କ ବାପା ଜଣେ ନାଉରୀ ଥିଲେ । ଅବଦୁଲ କଲାମ ପରିବାରକୁ ସାହାଯ୍ୟ କରିବା ପାଇଁ ସ୍କୁଲ୍ ଯିବା ବୟସରେ ବି କାମ କରୁଥିଲେ । ସେ ଘର ଘର ଯାଇ ଖବରକାଗଜ ଦେଉଥିଲେ । ରାମନାଥପୁରରେ ମାଟ୍ରିକ ଶିକ୍ଷା ଶେଷ କରିବା ପରେ ସେ ତିରୁଚିରାପଲ୍ଲୀସ୍ଥିତ ସେଣ୍ଟ ଯୋଶେଫ କଲେଜରେ ନାମ ଲେଖାଇଥିଲେ । ଏଠାର ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଏହାପରେ ସେ ୧୯୫୫ରେ ଏରୋସ୍ପେସ୍ ଇଂଜିନିୟରିଂ ପଢ଼ିବା ପାଇଁ ମାଡ୍ରାସ ଯାଇଥିଲେ । ମାଡ୍ରାସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ୧୯୬୦ରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ସେ ଡିଆରଡିଓରେ ଜଣେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ । ଭାରତୀୟ ମହାକାଶ ବିଜ୍ଞାନକୁ ତାଙ୍କ ଦାନ ଅତୁଳନୀୟ ।

ଭାରତରେ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ସଫଳତାର ଶିଖରରେ ପହଞ୍ଚାଇଥିବା ବ୍ୟକ୍ତି ହେଉଛନ୍ତି କଲାମ । ଏପରିକି ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର କରିବାରେ କଲାମଙ୍କ ପ୍ରମୁଖ ଭୂମିକା ରହିଥିଲା । କଲାମ ହିଁ ଅଗ୍ନି ଓ ପୃଥ୍ୱୀ ଭଳି ମିଶାଇଲ ତିଆରି କରି ସାରା ବିଶ୍ୱରେ ଭାରତର ଭିନ୍ନ ପରିଚୟ ସୃଷ୍ଟି କରିଥିଲେ । କଲାମଙ୍କ ଉଦ୍ୟମ ଏବଂ ପ୍ରୟାସ ପାଇଁ ଭାରତ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ସାମିଲ ହୋଇ ପାରିଥିଲା ।

କଲାମ ଡିଆରଡିଓ ଏବଂ ଇସ୍ରୋ ଭଳି ପ୍ରତିଷ୍ଠିତ ସଂସ୍ଥାରେ ଦୀର୍ଘଦିନ ଧରି କାମ କରିଥିଲେ । ୧୯୮୦ରେ ସେ ରୋହିଣୀ ଉପଗ୍ରହକୁ ପୃଥିବୀ କକ୍ଷପଥର ଅତି ନିକଟରେ ସ୍ଥାପିତ କରିବାରେ ସକ୍ଷମ ହୋଇଥିଲେ । ପରେ ତାଙ୍କୁ ୧୯୮୨ରେ ଡିଆରଡିଓର ନିର୍ଦ୍ଦେଶକ ଭାବରେ ନିଯୁକ୍ତି ମିଳିଥିଲା । ପ୍ରଚଣ୍ଡ ପ୍ରତିଭା ଯୋଗୁ ସମ୍ପୂର୍ଣ୍ଣ ସ୍ୱଦେଶୀ କୌଶଳରେ ଅଗ୍ନି ଏବଂ ତ୍ରିଶୁଳ ଭଳି କ୍ଷେପଣାସ୍ତ୍ର ନିର୍ମାଣ କରିପାରିଥିଲେ ଅବଦୁଲ କଲାମ । ତାଙ୍କର ତତ୍ତ୍ୱାବଧାନରେ ୧୯୯୮ରେ ପୋଖରାନରେ ଭାରତ ତା'ର ଦ୍ୱିତୀୟ ପରମାଣୁ ଶକ୍ତି ପରୀକ୍ଷା କରିପାରିଥିଲା । ଦେଶ ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ'ରେ ଭୂଷିତ କରାଯାଇଥିଲା ।

ବାଲିଷ୍ଟିକ ମିସାଇଲ୍ ଓ ଲଞ୍ଚ ଭେହିକିଲ୍ ପ୍ରଯୁକ୍ତିବିଦ୍ୟାର ଆବିଷ୍କାର ପାଇଁ କଲାମଙ୍କୁ ଭାରତର 'ମିସାଇଲ୍ ମ୍ୟାନ୍'ର ଆଖ୍ୟା ଦିଆଯାଇଥିଲା । କଲାମଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡ଼ିଶାର ଧାମରାରେ ଥିବା ହ୍ୱିଲର ଦ୍ୱୀପକୁ ବିଧିବଦ୍ଧ ଭାବେ ଅବଦୁଲ କାଲାମ ଦ୍ୱୀପ ଘୋଷଣା କରାଯାଇଥିଲା । ୧୯୮୧ରେ ଭାରତ ସରକାର ତାଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରିଥିଲେ । ୧୯୯୦ରେ ତାଙ୍କୁ ପ୍ରଦାନ କରାଯାଇଥିଲା ପଦ୍ମ ବିଭୂଷଣ । ମହାକାଶ ବିଜ୍ଞାନ ଏବଂ ପ୍ରତିରକ୍ଷା ବିଜ୍ଞାନରେ ଅତୁଳନୀୟ ଅବଦାନ ପାଇଁ କଲାମଙ୍କୁ ୧୯୯୭ରେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା । ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସେ ଭାରତର ୧୧ତମ ରାଷ୍ଟ୍ରପତି ଥିଲେ । ଲୋକଙ୍କ ରାଷ୍ଟ୍ରପତି ଭାବେ ତାଙ୍କର ଏକ ଭିନ୍ନ ପରିଚୟ ରହିଥିଲା । ଦାରିଦ୍ର୍ୟତାରେ ଜୀବନ ବିତାଇଥିବା କଲାମଙ୍କ ଶିଖିବାର ମନୋବୃତ୍ତି ଓ ନିଷ୍ଠା ପାଇଁ ରାମେଶ୍ୱରମରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ପହଞ୍ଚି ପାରିଥିଲେ । କଲାମ ସବୁବେଳେ କହୁଥିଲେ: 'ସ୍ୱପ୍ନ ଏପରି ଦେଖନି, ଯାହା ଶୋଇକରି ଦେଖାଯାଏ ବରଂ ଏପରି ସ୍ୱପ୍ନ ଦେଖ ଯାହାପାଇଁ ନିଦ ହଜିଯିବ ।' ସ୍ୱପ୍ନ କେତେ ଯେ ଶକ୍ତିଶାଳୀ, ତାହା କଲାମଙ୍କ ଜୀବନୀରୁ ସ୍ପଷ୍ଟ ହୁଏ ।

ଦେଶର ମିସାଇଲ୍ ମ୍ୟାନ୍ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ. ପି. ଜେ. ଅବଦୁଲ କଲାମ, ୨୦୧୫ ମସିହା ଜୁଲାଇ ୨୭ ତାରିଖ ଦିନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମେଘାଳୟର ସିଲଂରେ ଆଇଆଇଏମ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଉଥିବା ସମୟରେ ହୃଦଘାତରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ଅବଦୁଲ କଲାମ । ୮୩ ବର୍ଷ ବୟସରେ ସେ ଆରପାରିକୁ ଚାଲିଯାଇଥିଲେ । ତାଙ୍କ ଦେହାନ୍ତରେ ସ୍ତବ୍ଧ ହୋଇଯାଇଥିଲା ପୁରାଦେଶ । ଆଜି ସେହି ମହାନ ଆତ୍ମାଙ୍କ ଜୟନ୍ତୀ । କିନ୍ତୁ ଏବେବି ପ୍ରତ୍ୟେକ ଭାରତୀୟଙ୍କ ମନରେ 'ମିସାଇଲ ମ୍ୟାନ୍' ଭାବରେ ବଞ୍ଚି ରହିଛନ୍ତି ମହାମାନବ କଲାମ । ଭାରତବର୍ଷରେ ଏଭଳି ଅନେକ ମହାପୁରୁଷ ଜନ୍ମ ନେଇଛନ୍ତି ଯାହାଙ୍କ ଅତୁଳନୀୟ ତ୍ୟାଗ, କର୍ତ୍ତବ୍ୟପରାୟଣତା ତଥା ନିଃସ୍ୱାର୍ଥପର ସେବା ପାଇଁ ସେମାନଙ୍କ ଆଗରେ ଶ୍ରଦ୍ଧା ଓ ଭକ୍ତିରେ ମୁଣ୍ଡ ଆପେ ଆପେ ନଇଁ ଯାଏ । ଭାରତର ମାତାର ସେହି ସୁଯୋଗ୍ୟ ସନ୍ତାନଙ୍କ ମଧ୍ୟରେ ବୈଜ୍ଞାନିକ ଅବଦୁଲ କଲାମ ଅନ୍ୟତମ । ଆଜି ମିସାଇଲ୍ ମ୍ୟାନ୍ ଅବଦୁଲ କଲାମଙ୍କୁ ଝୁରୁଛି ସାରା ଦେଶ । ତାଙ୍କର ଜୀବନକାଳ ଭିତରେ ସେ ଯେଉଁ କର୍ମ କରିଯାଇଛନ୍ତି, ତାହା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ ।

ନିମାପଡା, ପୁରୀ
ମୋ–୯୭୭୮୧୭୭୫୦୧

## ଆନନ୍ଦ ଉଲ୍ଲାସର ପର୍ବ କୁମାର ପୂର୍ଣ୍ଣିମା

କୁମାର ପୂର୍ଣ୍ଣିମାକୁ, ଶରଦ ପୂର୍ଣ୍ଣିମା, କୋଜାଗିରି ପୂର୍ଣ୍ଣିମା, ନବନ୍ନ ପୂର୍ଣ୍ଣିମା ଏବଂ କଉମୁଦି ପୂର୍ଣ୍ଣିମା ମଧ୍ୟ କୁହାଯାଏ । କୁମାର ପୂର୍ଣ୍ଣିମା ଆଶ୍ୱିନ ମାସରେ ପାଳନ କରାଯାଏ । ବର୍ଷା ଋତୁ ସରିବା ପରେ ଶରତ ଋତୁ ଆସେ । ଏହି ସମୟରେ ଆକାଶ ପ୍ରାୟ ମେଘ ମୁକ୍ତ ହୋଇଥାଏ । ପୂର୍ଣ୍ଣଚନ୍ଦ୍ରର ସୁନ୍ଦରତା ବେଶ୍ ମନ ମୋହକ । କୁମାର ହେଲେ କାର୍ତ୍ତିକେୟ, କାର୍ତ୍ତିକେୟଙ୍କୁ ସୌନ୍ଦର୍ଯ୍ୟର ଦେବତା କୁହାଯାଏ । ଶରତ ପୂର୍ଣ୍ଣିମା ପର ଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଥାଏ । କାର୍ତ୍ତିକ ମାସ ହେଲା ଧର୍ମର ମାସ । ଏହି ସମୟରେ ଲୋକମାନେ ଉପବାସ କରି, ହବିଷ କରି ଏବଂ ଦାନ ଧର୍ମ କରି ପୂଣ୍ୟ ଅର୍ଜନ କରିଥାନ୍ତି । କୁମାର ପୂର୍ଣ୍ଣିମା ରେ ପୂର୍ଣ୍ଣିମା ଚନ୍ଦ୍ରକୁ ପୂଜା କରାଯାଏ । ତା ସହିତ ଯୁଗଳ ମୂର୍ତ୍ତି ରାଧା, କୃଷ୍ଣ, ଶିବ ପାର୍ବତୀ ଏବଂ ଲାକ୍ଷ୍ମୀନାରାୟଣଙ୍କୁ ହଳଦିଆ ଫୁଲ , କ୍ଷୀରି ଏବଂ ବିଭିନ୍ନ ପ୍ରକାରର ମିଷ୍ଟାନ୍ନ ଦେଇ ନିଷ୍ଠାରେ ଲୋକମାନେ ପୂଜା କରନ୍ତି । ହଳଦିଆ ଚାଉଳ , ଦୁବଚାଉଳରେ ଚନ୍ଦ୍ରଙ୍କ ଉପାସନା କରାଯାଇଥାଏ । କୁମାର ପୂର୍ଣ୍ଣିମା ସେପ୍ଟେମ୍ବର ଏବଂ ଅକ୍ଟୋବର ମାସରେ ପାଳନ କରାଯାଇଥାଏ । ଠାକୁର ମାନଙ୍କୁ ମନ୍ଦିରରେ ଧଳା ରଙ୍ଗ ଲୁଗା ବା ନୂଆ ଲୁଗା ପିନ୍ଧାଯାଇଥାଏ । ଠାକୁର ମାନେ ଚମକୁଥିବା ଚନ୍ଦ୍ର ପରି ଦେଖାଯାନ୍ତି । ଅନେକ ଲୋକ କୁମାରପୂର୍ଣ୍ଣିମା ଦିନ ଉପବାସ କରନ୍ତି। କୁମାର ପୂର୍ଣ୍ଣିମା ଭାରତର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବେ ପାଳନ କରାଯାଇଥାଏ । ଓଡ଼ିଶାରେ କେତେକ ଅଞ୍ଚଳରେ, ଅବିବାହିତ ଝିଅମାନେ କୁମାର ପରି ସୁନ୍ଦର ସ୍ୱାମୀ ପାଇବା ପାଇଁ ଉପବାସ କରନ୍ତି । ସୂର୍ଯ୍ୟ ଉଦୟ ହେବା ପରେ ସୂର୍ଯ୍ୟଙ୍କୁ କୁଲାରେ ଭର୍ତ୍ତି ହୋଇଥିବା ସାତ ପ୍ରକାରର ଫଳ ନଡିଆ, କଦଳୀ , କାକୁଡି, ଗୁଆ , ଆଖୁ ଏବଂ ପିଜୁଳି ସହ ଆଞ୍ଜୁଳି ଦେଇ, ଆଳତି କରନ୍ତି । ସକାଳେ ଉଦୟ ହୋଇଥିବା ସୂର୍ଯ୍ୟଙ୍କୁ ଆଞ୍ଜୁଳି ଦେଇଥାନ୍ତି । ସନ୍ଧ୍ୟାରେ ଝିଅମାନେ ଉଦୟ ହୋଇଥିବା ଚନ୍ଦ୍ରଙ୍କୁ ଖଇ, ଫଳ, ଦହି ଗୁଡ ଛେନା ଓ ମହୁ ସଜାଇ ତୁଳସୀ ଗଛ ପାଖରେ ପୂଜା କରିଥାନ୍ତି । ତୁଳସୀ ପାଖରେ ଉଦୟମାନ ଚନ୍ଦ୍ରଙ୍କୁ ଚାନ୍ଦ ଚକଟା କରି ପୂଜା କରିଥାନ୍ତି । ପରେ ପରେ ଚାନ୍ଦଙ୍କୁ ଆଞ୍ଜୁଳି ଦିଆଯାଇଥାଏ । ଏହା ପରେ ଅଭିଆଡୀ ଝିଅମାନେ ନିଜ ଉପବାସ ଭାଙ୍ଗି ଥାନ୍ତି । ଓଡ଼ିଶା ରେ ଅନ୍ୟ ପ୍ରାନ୍ତରେ 'ଜହ୍ନି ଓଷା'ର ଉଦ୍‌ଯାପନ ମଧ୍ୟ ଏହି ଦିନ ହୋଇଥାଏ । ମାସ ସାରା କୁମାରୀ ଝିଅମାନେ ଏକତ୍ରିତ ହୋଇ ଜହ୍ନିଓଷା କରିଥାନ୍ତି ଏବଂ କୁମାରପୂର୍ଣ୍ଣିମା ଦିନ ତୁଳସୀ ଏବଂ ଚନ୍ଦ୍ରଙ୍କୁ ପୂଜା କରି ପୂଜାର ସମାପନ କରିଥାନ୍ତି ।

ଆମ ଜୀବନରେ ଚନ୍ଦ୍ରଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ସୂର୍ଯ୍ୟ ସକଳ ଶକ୍ତିର ଆଧାର ହେଲେ ଚନ୍ଦ୍ର ଜୀବନୀଶକ୍ତିର ଆଧାର । ଚନ୍ଦ୍ରଙ୍କୁ କେନ୍ଦ୍ର କରି ଅନେକ କବିତା ଗୀତ ରହିଛି । ଓଡ଼ିଶାର ବିଭିନ୍ନ ସ୍ଥାନରେ, ଏହି ଦିନ ଗଜ ଲକ୍ଷ୍ମୀ ପୂଜା ମଧ୍ୟ ହୋଇଥାଏ । ସୌଭାଗ୍ୟ ଓ ସମ୍ପତ୍ତିର ଅଧିଷ୍ଠାତ୍ରୀ ଦେବୀ ହେଲେ ଲକ୍ଷ୍ମୀ । ଏହି ଦିନ ଭଗବାନ ଶ୍ରୀକୃଷ୍ଣ ରାସ ଆରମ୍ଭ କରିଥିଲେ । ବ୍ରହ୍ମ ପୁରାଣରେ ଲେଖା ଅଛି ଯେ ସ୍ୱୟଂ ଶିବ ରାଧା କୃଷ୍ଣଙ୍କର ଏହି ଅଲୌକିକ ରାସରେ ଯୋଗ ଦେବା ପାଇଁ ଗୋପୀ ହୋଇଥିଲେ । ସେଥିପାଇଁ ମହାଦେବଙ୍କୁ ଗୋପେଶ୍ୱର ମହାଦେବ ମଧ୍ୟ କୁହାଯାଏ । କୁମାର ପୂର୍ଣ୍ଣିମା ହର୍ଷ ଉଲ୍ଲାସର ପର୍ବ । ପରିବାର ର ସମସ୍ତେ ଏହି ଦିନ ନୂଆ ଲୁଗା ପିନ୍ଧି ବଡମାନଙ୍କ ପାଖରୁ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଘରେ ପାରମ୍ପରିକ ପିଠାପଣା, ଖେଳକୁଦର ଆସର ଜମିଥାଏ । ନବବିବାହିତ ଝିଅମାନଙ୍କ ପାଇଁ ବାପ ଘରୁ ପୁନିୟ ଭାର ଆସିଥାଏ । ଲୋକମାନେ ପରସ୍ପରକୁ ଅଭିନନ୍ଦନ ଜଣାଇଥାନ୍ତି ସଙ୍ଗୀତ, ନୃତ୍ୟ , ଖେଳ ମାଧ୍ୟମରେ । ଏହି ଦିନ ଠାରୁ ଆରମ୍ଭ ହୋଇଥିବା 'ଗଜଲକ୍ଷ୍ମୀ' ପୂଜା ଓଡ଼ିଶାର କେତେକ ସ୍ଥାନରେ ସପ୍ତାହ ବ୍ୟାପୀ ପାଳନ ହେଉଥିବା ଦେଖିବା କୁ ମିଳିଥାଏ ।

କାଳି ଦାସ ,
ଖୋଡ଼ାସିଙ୍ଗ, କଳିଙ୍ଗନଗର ,
ବ୍ରହ୍ମପୁର,ମୋ – ୭୨୦୫୧୦୦୮୩୯

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**



ଭୁବନେଶ୍ୱରରେ ଭସାଣୀ ଉତ୍ସବ



ବରମୁଣ୍ଡାରେ ରାବଣପୋଡି ଉତ୍ସବ

# ଡାଲା ଅଟୋ ସହ ବାଇକ ଧକ୍କା : ଜଣେ ମୃତ

ନିମାପଡା,(ସବ୍ୟୁ): ନିମାପଡା ଥାନା ଅନ୍ତର୍ଗତ ଅଣ୍ଡିଆ ସାହି ନଦୀବନ୍ଧ ରାସ୍ତାରେ ଏକ ବାଇକ ସହ ଡାଲା ଅଟୋ ମୁହାଁ ମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ଅନ୍ୟ ୨ଜଣ ଆହତ ହୋଇଥିବା ଜଣାପଡିଛି । ସୁଚନା ମୁତାବକ ସୋମବାର ଅପରାହ୍ନରେ ଡେଣୁଅଁ ଗ୍ରାମର ସହଦେବ ସାବୁତ ନିମାପଡା ବଜାରରୁ ତାଙ୍କ ଦେକାନ ବନ୍ଦକରି ତାଙ୍କର ଜଣେ ସାଙ୍ଗ ସହିତ ଅଣ୍ଡିଆସାହି ନଦୀବନ୍ଧ ରାସ୍ତାରେ ଚାଲିଚାଲି ଘରକୁ ଯାଉଥିଲେ। ପରେସେହି ବାଟଦେଇ ଆସୁଥିବା ଜଣେ ବାଇକ ଚାଳକକୁ ଲିଫ୍ଟମାଗି ୩ଜଣ ଯାକ ସେହି ବାଇକରେ ଘରକୁ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଡାଲା ଅଟୋ ସହ ବାଇକଟି ଧକ୍କା ହୋଇଥିଲା। ଫଳରେ ବାଇକରେ ଯାଉଥିବା ସହଦେବ ଓ ଅନ୍ୟ ଦୁଇଜଣ ସାଙ୍ଗ ରାସ୍ତା କଡକୁ ଛିଟିକି ପଡିଥିଲେ । ନିମାପଡା ଅଗ୍ନିଶମ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ଦୁର୍ଘଟଣା ସ୍ଥଳରୁ ୩ଜଣଙ୍କୁ ଉଦ୍ଧାରକରି ଚିକିତ୍ସାପାଇଁ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଡାକ୍ତର ସେଠାରେ ସହଦେବକୁ ମୃତ ଘୋଷଣା କରିଥିବା ବେଳେ ତାଙ୍କ ସଂପର୍କୀୟ ଅନ୍ୟ ୨ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଇ ଦିଆଯାଇଛି । ସହଦେବଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁକରି ସହଦେବଙ୍କ ଶବକୁ ବ୍ୟବଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଚଳାଇଛି ।

# ବିଓବି କଟକ କ୍ଷେତ୍ର ପକ୍ଷରୁ ହିନ୍ଦୀ ଦିବସ ପୁରସ୍କାର ବିତରଣ ସମାରୋହ

ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପୁରସ୍କାର ବିତରଣ ସମାରୋହ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦନ୍ନ ଚାନ୍ଦଙ୍କ ଭିଡିଓ ବାର୍ତ୍ତା ସହ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ରାଜଭାଷା ଅଧିକାରୀଙ୍କ ଦ୍ୱାରା ଗୃହ ମନ୍ତ୍ରଣାଳୟରୁ ପ୍ରାପ୍ତ ହିନ୍ଦୀ ଦିବସର ସନ୍ଦେଶ ସମ୍ପର୍କରେ କର୍ମଚାରୀମାନଙ୍କୁ ଅବଗତ କରାଯାଇଥିଲା। କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର କର୍ମଚାରୀମାନଙ୍କୁ ଉନ୍ନତ ରାଜଭାଷା କାର୍ଯ୍ୟାନ୍ୱୟନ ପାଇଁ ଅନୁରୋଧ କରିଥିଲେ। ରାଜଭାଷା କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଭାରତ ସରକାରଙ୍କ ପ୍ରତିଷ୍ଠିତ ରାଜଭାଷା କିର୍ତ୍ତୀ ପୁରସ୍କାର ଯୋଜନା ଅନ୍ତର୍ଗତ ୨୦୨୩-୨୪ ପାଇଁ ରାଷ୍ଟ୍ରାୟନ୍ନ ବ୍ୟାଙ୍କଗୁଡିକ ମଧ୍ୟରେ ବ୍ୟାଙ୍କ ଅଫ୍ ବରୋଦାକୁ ଶ୍ରେଷ୍ଠ ପୁରସ୍କାର ଦ୍ୱାରା ସମ୍ମାନୀତ କରାଯାଇଛି। ୧୪ ସେପ୍ଟେମ୍ବର ୨୦୨୪ରେ ନୂଆ ଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଅୟୋଜିତ ହିନ୍ଦୀ ଦିବସ ସମାରୋହ ଏବଂ ଚତୁର୍ଥ ଅଖିଳ



ଭାରତୀୟ ରାଜଭାଷା ସମ୍ମିଳନୀରେ କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ଦେବଦନ୍ନ ଚାନ୍ଦ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ରାଜଭାଷା ସଂଗୋଷ୍ଠୀ ଓ ହିନ୍ଦୀ ପ୍ରତିଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶାଖାଗୁଡିକୁ ସମ୍ମାନୀତ କରାଯାଇଥିଲା। ଉପ-କ୍ଷେତ୍ରୀୟ ମୁଖ୍ୟ ରାଜେଶ ପଶାୟତ ରାଜଭାଷା ସମ୍ବନ୍ଧୀୟ ପ୍ରତିଯୋଗିତାରେ ସମସ୍ତଙ୍କୁ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଥିଲେ। ରାଜଭାଷା ବିଭାଗର ବରିଷ୍ଠ ପ୍ରବନ୍ଧକ ମନିଷା ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଛ ଜାଲରେ ଥଣ୍ଟିଆ କୁମ୍ଭୀର

ବାରଙ୍ଗ .(ସବ୍ୟୁ): ମଙ୍ଗଳବାର ଦିନ ମୁଣ୍ଡଳୀ ବ୍ୟାରେଜ ନିକଟସ୍ଥ ମହାନଦୀ ରେ ମାଛ ଧରିବା ବେଳେ ଜଣେ ମତ୍ସଜୀବୀଙ୍କ ଜାଲରେ ପଡିଲା ଥଣ୍ଟିଆ କୁମ୍ଭୀର। ମତ୍ସଜୀବୀ ଜଣକ ଜାଲରେ କୁମ୍ଭୀର ଦେଖି ଭୟଭୀତ ହୋଇ ବନ ବିଭାଗକୁ ଖବର ଜଣାଇଥିଲେ ।ବନବିଭାଗ କୁମ୍ଭୀର ଛୁଆ କୁ ଉଦ୍ଧାର କରି ପୁଣି ମହାନଦୀ ରେ ଛାଡିଥିବା ଜଣାପଡିଛି । ସୂଚନା ମୁତାବକ , ମଙ୍ଗଳବାର ସକାଳେ ସାନ ମୁଣ୍ଡଳୀ ଗ୍ରାମର କୁମ୍ପ ଦଳେଇ ମହନଦୀ କୁ ଡଙ୍ଗା ନେଇ ମାଛ ଧରିବା ପାଇଁ ଯାଇଥିଲେ। ମାଛ ଧରିବା ସମୟରେ ଜାଲ ଉଠାଇବା ବେଳେ ପ୍ରାୟ ଦେଢ ଫୁଟର ଏକ ଥଣ୍ଟିଆ କୁମ୍ଭୀର ଛୁଆଟି ଜାଲରେ ପଡିବାର ଦେଖିବାକୁ ପାଇଥିଲେ। ପ୍ରଥମେ କୁମ୍ପ ଥଣ୍ଟିଆ କୁମ୍ଭୀର ଛୁଆଟିକୁ ଦେଖି ଭୟ କରିଥିଲେ। କୁମ୍ପ ଜାଲରେ ପଡ଼ିଥିବା ଥଣ୍ଟିଆ କୁମ୍ଭୀର ଛୁଆ ଟିକୁ ସୁରକ୍ଷିତ ଭାବରେ ମହାନଦୀ କୂଳକୁ ଫେରି ଆସିଥିଲେ। ପରେ ଭଗିପୁର ବନ ବିଭାଗର ଅଧିକାରୀ ଓ ମୁଣ୍ଡଳୀ ଗ୍ରାମର ମାନସ ବେହେରାଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ମାନସ ବେହେରାଙ୍କୁ ଥଣ୍ଟିଆ କୁମ୍ଭୀର ଛୁଆକୁ ସୁରକ୍ଷିତ ଭାବରେ ଜାଲରୁ କାଢ଼ିବା ପରେ ପୁନର୍ବାର ମହାନଦୀ ପାଣିରେ ଛାଡ଼ି ଦେଇଥିଲେ ।

# କୃଷକମାନଙ୍କୁ ଅତ୍ୟାଧୁନିକ କୃଷି ନିମନ୍ତେ ସକ୍ଷମ କରିବା ଲକ୍ଷ୍ୟରେ ସୋଆ ଏବଂ ହାଇଡେନ୍‌ମେଟ ସଲ୍ୟୁସନ୍ସ ମଧ୍ୟରେ ବୁଝାମଣା

ଭୁବନେଶ୍ୱର, (ସବ୍ୟୁ): କୃଷି କ୍ଷେତ୍ରରେ ଜ୍ଞାନ ଆହରଣ ଏବଂ କୃଷକମାନଙ୍କୁ ସହଜରେ କୃଷି ସମ୍ପର୍କିତ ତଥ୍ୟ ପ୍ରଦାନ କରିବା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ବେଙ୍ଗାଲୁରୁ ସ୍ଥିତ ହାଇଡେନ୍‌ମେଟ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ ମଧ୍ୟରେ ମଙ୍ଗଳବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ମି ବୁଣିବା ଠାରୁ ଆରମ୍ଭ କରି ଫସଲ ଅମଳ, ଫସଲର ପ୍ରକୃତ ସ୍ଥିତିର ତଦାରଖ ସହ ଜଳ ଓ ପୋଷଣର ନିଅଂଟ, ତଥା ରୋଗ ନିୟନ୍ତ୍ରଣ ସହ ଫସଲକୁ କୀଟ ଆକ୍ରମଣରୁ ରକ୍ଷା କରି ଉନ୍ନତମାନର ଫସଲ ଅମଳ କରିବାର ଜ୍ଞାନ ପ୍ରଦାନ କରିବା ହେଉଛି ଦୁଇ ଅନୁଷ୍ଠାନ ମଧ୍ୟରେ ଏହି ସହଭାଗିତାର ପ୍ରମୁଖ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଦୁଇ ଅନୁଷ୍ଠାନ ମଧ୍ୟରେ ମିଳିତ ଭାବେ ଗବେଷଣା ଏବଂ କର୍ମଶାଳା ଇତ୍ୟାଦି କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ହାଇଡେନ୍‌ମେଟ ସଲ୍ୟୁସନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କରନ୍ ରଙ୍ଗରାଜନଙ୍କ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ବୁଝାମଣା ଅନୁଯାୟୀ ହାଇଡେନ୍‌ମେଟ ସଲ୍ୟୁସନ୍ସ ସୋଆରେ ଏକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରିବା ସହ



ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀର ଫସଲ କିମ୍ବା ମୃତିକା ଇନ୍‌ଟରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ସେନ୍ସର୍ ମଧ୍ୟ ସ୍ଥାପନ କରିବ। ଏହିସବୁକୁ ହାଇଡେନ୍‌ମେଟ ସଲ୍ୟୁସନ୍ସର ସ୍ମାର୍ଟ ଟେକ୍ନୋଲୋଜି -ବେସ୍‌ଡ ଏଗ୍ରିକଲ୍‌ଚର ଏନାବ୍ଲର୍ (ଷ୍ଟେଜ୍) ପ୍ଲାଟଫର୍ମ ତଦାରଖ କରିବ। ଆବଶ୍ୟକତା ଅନୁଯାୟୀ ହାଇଡେନ୍‌ମେଟ ବୈଷୟିକ ମାନବ ସମ୍ବଳ ଏବଂ ଅନ୍ୟ ସୁବିଧା ମଧ୍ୟ ଯୋଗାଇବ। ଏତଦ୍ ବ୍ୟତୀତ ସୋଆର ଫ୍ୟାକଲ୍ଟି ଓ ଛାତ୍ରଛାତ୍ରୀମାନେ ହାଇଡେନ୍‌ମେଟ ସଲ୍ୟୁସନ୍ସର ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବା ସହ ପ୍ରଶିକ୍ଷଣ ପାଇପାରିବେ। ଉଭୟ ଅନୁଷ୍ଠାନ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନ୍ (ଏଫପିଓ) ଗୁଡ଼ିକ ସହ ମିଳିତ ଭାବେ ରାଜ୍ୟର କୃଷକ ସମାଜର ଉନ୍ନତି ନିମନ୍ତେ କାର୍ଯ୍ୟ କରିବେ। ଏହି ବୁଝାମଣା ସ୍ୱାକ୍ଷରିତ କରିବା କ୍ଷେତ୍ରରେ ହାଇଡେନ୍‌ମେଟ ସଲ୍ୟୁସନ୍ସର ସହପ୍ରତିଷ୍ଠାତା ତଥା ମୁଖ୍ୟ ବ୍ୟବସାୟିକ ଅଧିକାରୀ ଶ୍ରୀମତି ଗିରିଜା ପଟେଲ୍‌ଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହି ଅବସରରେ ହାଇଡେନ୍‌ମେଟ ସଲ୍ୟୁସନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଜୀବନ ସଂଗ୍ରାମ ଦାସ, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ସୋଆ ସେଂଟର ଫର କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚରର ନିର୍ଦ୍ଦେଶକ ପ୍ରଫେସର ଆର୍.କେ. ପଣ୍ଡା ଓ ସୋଆର ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ।

# ପାରିବାରିକ କଳହରୁ ଫୁଟିଲା ଗୁଳି: ନାବାଳକ ଆହତ, ୨ ଗିରଫ

ଟାଙ୍ଗୀ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧିନସ୍ଥ ଦିକ୍ଷିତିପଡାରେ ପାରିବାରିକ କଳହରୁ କରୁଣ ପରିସ୍ଥିତ ଉପୁଜିଥିବା ଦେଖିବାକୁ ମିଳିଛି । ଦେଶୀ ବନ୍ଧୁକ ଗୁଳିରେ ନାବାଳକ ଆହତ ହୋଇଥିବା ଖବର ମିଳିଛି । ଯାଯାବର ସଂପ୍ରଦାୟର ଦୁଇଭାଇଙ୍କ ମଧ୍ୟରେ କୌଣସି କାରଣକୁ ନେଇ ନିଜ ନିଜ ଭିତରେ ବଚସା ହୋଇଥିଲା । ସାନ ଭାଇ ରବି ନାୟକ (୧୯) ଏକ ଦେଶୀ ବନ୍ଧୁକରୁ ଗୁଳି ଚଳାଇଥିଲା ତାହାର ବଡଭାଇ ଶିବ ନାୟକ (୨୧)ଙ୍କ ଉପରେ । କିନ୍ତୁ ଗୁଳିଟି ଲକ୍ଷ୍ୟହୀନ ହୋଇ ବଡଭାଇ ଦେହରେ ନବାଜି ବାଜିଥିଲା ଘରର କାନ୍ଥରେ ଓ ପୁନଶ୍ଚ କାନ୍ଥରେ ବାଜି ଛିଟିକି ଯାଇ ପାଖରେ ଥିବା ନାବାଳକ ଦେହରେ ବାଜି ଥିଲା ।ଫଳରେ ନାବାଳକଟି ଗୁରୁତର ହୋଇଥିଲା। ସୂଚନା ଦେବା ବେଳକୁ ନାବାଳକଟି ସୁସ୍ଥ ଥିବା ଜଣାପଡିଛି ।ଖବର ପାଇ ଟାଙ୍ଗୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ରବି ଓ ଶିବକୁ କାବୁ କରିବା ସହିତ ଦେଶୀ ବନ୍ଧୁକ ଜବତ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡିଛି । ସୂଚନାଯୋଗ୍ୟ, ଏହି ସଂପ୍ରଦାୟରେ ବିଗତ ଦିନରେ ସ୍ଥାନୀୟ ଅଞ୍ଚଳରେ ଡକାୟତ,ଚୋରି ଠାରୁ ଆରମ୍ଭ କରି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥିବା ନଜିର ରହିଛି। ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କଲେ ଆହୁରି ଅନେକ ରହସ୍ୟ ପଦାକୁ ଆସିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି। ଅନୁସନ୍ଧାନରୁ ଜଣାପଡିଛି ଯେ, କେତେକ ପ୍ରଭାବଶାଳୀ ବ୍ୟକ୍ତି ସେମାନଙ୍କୁ ହାତବାରସି କରିଥିବା ଚର୍ଚ୍ଚା ଚାଲିଛିଛ ଏହି ପ୍ରଭାବଶାଳୀ ବ୍ୟକ୍ତିମାନେ ସେମାନଙ୍କୁ ଦେଶୀ ବନ୍ଧୁକ ଯୋଗାଇ ଦେଇ ସେମାନଙ୍କ ଦ୍ୱାରା ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର କରୁଥିବା ମଧ୍ୟ ଅଭିଯୋଗ ହେଉଛି।

# ଅଗ୍ନିପଥ ଯୋଜନା ଏବଂ ନିୟମିତ ସୈନିକମାନଙ୍କ ନିମନ୍ତେ ନିଯୁକ୍ତି ରାଲି

କଟକ ,(ସବ୍ୟୁ) କଟକ, ପୁରୀ, ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ଏବଂ ନୟାଗଡ ଜିଲ୍ଲାର ଅଗ୍ନିପଥ ଯୋଜନାରେ ଚୟନ ହୋଇଥିବା ପ୍ରାର୍ଥୀ ଏବଂ ନିୟମିତ ସୈନିକ ( ସିପାହୀ ଫାର୍ମା, ସୈନିକ ଟେକ ନର୍ସିଂ ସହାୟକ, ଏବଂ ଧାର୍ମିକ ଶିକ୍ଷକ କେବଳ ଜେସିଓ ବିଭାଗ) ଏବଂ ପଶ୍ଚିମବଙ୍ଗ, ଓଡ଼ିଶା ଓ ସିକିମର ମହିଳା ମିଲିଟାରି ପୋଲିସ୍ ଙ୍କ ନିମନ୍ତେ ୧୮ ଅକ୍ଟୋବର ୨୦୨୪ ଠାରୁ ୨୬ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ସେନା ନିଯୁକ୍ତି ରାଲି ଅନୁଷ୍ଠିତ ହେବ । ଏହି ନିଯୁକ୍ତି ରାଲି ସମୟରେ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ)ରେ ଚୟନ ହୋଇଥିବା ପ୍ରାର୍ଥୀମାନେ ଶାରିରୀକ ଫିଟନେଓ ପରୀକ୍ଷା ଏବଂ ମେଡିକାଲ ପରୀକ୍ଷା ଦେବେ । ଏଥିନିମନ୍ତେ ପ୍ରାର୍ଥୀମାନଙ୍କ ପଞ୍ଜିକୃତ ଇ ମେଲ୍ ଠିକଣାରେ ଆଡମିଟ କାର୍ଡଗୁଡିକ ପଠାଇ ଦିଆଯାଇଛି । ପ୍ରାର୍ଥୀମାନେ ଭାରତୀୟ ସେନାର ୱେବସାଇଟ୍ www.joinindianarmy.nic.in ରେ ନିଜ ପ୍ରୋଫାଇଲରେ ଲଗ ଇନ୍ କରି ଆଡମିଟ କାର୍ଡ ଡାଉନଲୋଡ କରିପାରିବେ । ଏଥିନିମନ୍ତେ କୌଣସି ପ୍ରଶ୍ନ ଥିଲେ କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟର ଫୋନ ନମ୍ବର ୦୬୭୧-୨୩୦୫୨୮୦ କିମ୍ବା ୯୪୩୭୧୬୨୨୮୦ରେ ଯୋଗାଯୋଗ କରିପାରିବେ । ନିଯୁକ୍ତି ପ୍ରକ୍ରିୟା ସମୟରେ ନିଜର କୌଣସି ଅରିଜିନାଲ ଡକ୍ୟୁମେଂଟ କାହାକୁ ନଦେବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ଏଭଳି କୌଣସି ଖବର ନଜରକୁ ଆସିଲେ ତୁରନ୍ତ ସ୍ଥାନୀୟ ପୋଲିସ୍ କିମ୍ବା ନିଯୁକ୍ତି ରାଲିର ଅଧିକାରୀମାନଙ୍କୁ ଜଣାଇବାକୁ ଅନୁରୋଧ କରାଯାଉଛି ।

# ଭୁବନେଶ୍ୱରରେ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା ୧୮ ରୁ

ଭୁବନେଶ୍ୱର (ସବ୍ୟୁ): ଗୁପ୍ତା ଇଭେଣ୍ଟ ଏବଂ ମ୍ୟାନେଜମେଣ୍ଟ ପକ୍ଷରୁ ଭୁବନେଶ୍ୱର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା -୨୦୨୪ ଆୟୋଜିତ ହେବ। । ଏହା ଚଳିତ ମାସ ଅକ୍ଟୋବର ୧୮ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜନତା ମଇଦାନ ଠାରେ ହେବାକୁ ଯାଉଛି । ଯେଉଁଥିରେ ୨୩ ଟି ରାଜ୍ୟ ଏବଂ ୧୫ ଟି ଦେଶରୁ ଅଂଶଗ୍ରହଣକାରୀ ଶିଳ୍ପ ଏବଂ ଉତ୍ପାଦଗୁଡିକ ଏହି ମେଳାରେ ପ୍ରଦର୍ଶନ ହେବ। । ଏହି ବାଣିଜ୍ୟ ମେଳାରେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଘରର ଆସବାବପତ୍ର, ଭିତର ଡିଜାଇନ୍, ଶିକ୍ଷା ଭଳି ବିଭିନ୍ନ ବିଭାଗ ଅଂଶ ଗ୍ରହଣ କରିବେ । ଏହା ଶୀତ ତାପ ନିୟନ୍ତ୍ରଣ ଯୁକ୍ତ ହଲରେ ଆୟୋଜିତ ହେବ । ଉନ୍ନତ ମାନର ଡିଜାଇନ୍ ହୋଇଥିବା ହ୍ୟାଙ୍ଗର ସଂରଚନା ସହିତ ଏକ ବିସ୍ତୃତ ଗ୍ରାଉଣ୍ଡ ପ୍ଲାନ୍ ମଧ୍ୟ ରହିବ ଘର ସାଜସଜ୍ଜା, ଘର ଉପକରଣ, ଇଲେକ୍ଟ୍ରୋନିକ୍ସ, କଳା ଏବଂ ହସ୍ତଶିଳ୍ପ ସେରାମିକ୍ସ, ବଦ୍ୟୁତିକ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ହର୍ବାଲ୍ ଆୟୁର୍ବେଦିକ, କ୍ଲିନିକ୍, ଡାକ୍ତରଖାନା, ଅଟୋମୋବାଇଲ୍, ନିର୍ମାଣ ଉପକରଣ, ଜୀବନଶୈଳୀ ଉତ୍ପାଦ, ପ୍ରସାଧନ ସାମଗ୍ରୀ, ଖାଦ୍ୟ ପ୍ରକ୍ରିୟାକରଣ ଯନ୍ତ୍ର, ପ୍ୟାକେଜିଂ ଯନ୍ତ୍ର, ଆଇଟି ଏବଂ ସଫ୍ଟୱେର୍ ସେକ୍ଟର ତତ୍ ସହିତ ସରକାରୀ କ୍ଷେତ୍ର, ଭ୍ରମଣ, ବିଦେଶୀ ଭିତ୍ତିକ କମ୍ପାନୀ, ବୁଟିକ୍, ସୌନ୍ଦର୍ଯ୍ୟ ଉତ୍ପାଦ, ଫ୍ୟାଶନେବଲ୍ ଅଳଙ୍କାର, ଫୁଲ, ଥାଇଲ୍ୟାଣ୍ଡ, ପାକିସ୍ତାନୀ ଏବଂ ରାଜସ୍ଥାନୀ ମାର୍ବଲ, ଆଫଗାନିସ୍ତାନ ଶୁଖିଲା ଫଳ, ବାଂଲାଦେଶ ଉତ୍ପାଦ, ଏବଂ ହସ୍ତତନ୍ତ ଉତ୍ପାଦ, ବିଭିନ୍ନ ପୁରୁଷ ଏବଂ ମହିଳା ପୋଷାକ ସହିତ ଆହୁରି ଅନେକ କିଛି ରହିବ । ପରିଦର୍ଶକମାନେ ସ୍ୱତନ୍ତ୍ର ଫୁଡ୍ ଜୋନ୍ ରୁ ବିଭିନ୍ନ ପ୍ରକାରର ଖାଦ୍ୟରେ ମଜା ମଧ୍ୟ ଉଠାଇପାରିବେ । ଏଠାରେ ବିଭିନ୍ନ ପ୍ରକାର ଖାଦ୍ୟର ଭୋଜନ କରିବାର ସୁଯୋଗ ପାଇପାରିବେ । ଏହି ଅବସରରେ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଏବଂ ଶ୍ରୀମତୀ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ଏହି ମେଳାର ଆୟୋଜିତ କରିବା ସହ ସଫଳତାର ସହ ଦର୍ଶଙ୍କ ତାଙ୍କ ଚାହିଦା ମୁତାବକ ଉତ୍ପାଦ ପୂରଣ କଲା ଭଳି ପ୍ରୟାସ ଆମ ତରଫରୁ କରାଯିବ ବୋଲି ସେ ଆଶା ରଖିଛନ୍ତି ।

# ଆଗାମୀ ୧୨ ମାସରେ ପ୍ଲାଟଫର୍ମରେ ୧୦୦ କୋଟି ଏଆରଆର ଟାର୍ଗେଟ ପୂରଣ କରିବ ମିଶୋ ଟାୟାର

ଭୁବନେଶ୍ୱର, (ସବ୍ୟୁ): ଭାରତର ଦ୍ରୁତ ବୃଦ୍ଧି ପାଉଥିବା ବ୍ରାଣ୍ଡ ମଧ୍ୟରୁ ମାମାର୍ଥ ମିଶୋ ସହିତ ସହଭାଗି ହୋଇଛି। ଏହି ସହଯୋଗ ଉଚ୍ଚ ଗୁଣାତ୍ମକ ବ୍ୟକ୍ତିଗତ ଯତ୍ନ ଉତ୍ପାଦକୁ ଅନୁପ୍ରବେଶକାରୀ ଅଂଚଳ ସହ ଉଦୀୟମାନ ଅଂଚଳରେ ଅଧିକ ଉପଲବ୍ଧ କରାଇବା ଲାଗି ସ୍ଥିର କରିଛି। ଇ-ବାଣିଜ୍ୟ ପାଇଁ ଟାୟାର ୩ ଓ ବାହାର ବଜାର ଗୁଡ଼ିକରେ ପ୍ରମୁଖ ଡ୍ରାଇଭର ଭାବରେ ଉଭା ହୋଇଥିବାରୁ ମାମାର୍ଥର ପ୍ରିମିୟମ, ପ୍ରାକୃତିକ ଓ ବ୍ୟକ୍ତିଗତ ଯତ୍ନ ଉତ୍ପାଦର ବଢୁଥିବା ଚାହିଦା ପୂରଣ ଲାଗି ମିଶୋ ସହ ବିସ୍ତୃତ ନେଟୱର୍କ ଜରୀଆରେ ବିଶେଷ କରି ଛୋଟ ଛୋଟ ସହରଗୁଡ଼ିକୁ ଟାର୍ଗେଟ କରିବାକୁ ଲକ୍ଷ୍ୟ ରଖିଛି। ମିଶୋ ବିକ୍ରୟ ଅବଧିରେ ଏହି ବ୍ରାଣ୍ଡ ପାଂଚଗୁଣ। ଅଭିବୃଦ୍ଧି କରିଛି। ମାମାର୍ଥ ମିଶୋରେ ଆସନ୍ତା ୧୨ ମାସରେ ୧୦୦ କୋଟି ଏଆରଆର ପହଁଚିବାକୁ ଲକ୍ଷ୍ୟ ରଖିଛି। ମିଶୋର ବ୍ୟାପକ ଉପସ୍ଥିତି ଦ୍ୱାରା ମାମାର୍ଥ ଭାରତର ବଜାରରେ ପ୍ରବେଶ କରି ବେଲଗାମ(କର୍ଣାଟକ), କାଶୀପୁର (ଉତରପ୍ରଦେଶ), ବୋକାରୋ, ଶିଭକାଶୀ ଓ କୁଶୀନଗରରେ ଗ୍ରାହକଙ୍କ ନିକଟରେ ନିଜକୁ ପରିଚିତ କରାଇପାରିଛି। ଅଧିକ ବିବିଧ ଗ୍ରାହକ ଆଧାର ସହିତ ବ୍ରାଣ୍ଡକୁ ସଂଯୋଗ କରିବାର ଇ କମର୍ସ ପ୍ଲାଟଫର୍ମର କ୍ଷମତା ମାମାର୍ଥର ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ଭସାଣ ଯାତ୍ରା ଶେଷ

କଣ୍ଟାପଡ଼ା, (ସବ୍ୟୁ) :କଣ୍ଟାପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଥିବା ଦୁର୍ଗାପୂଜା ଭସାଣ ଉତ୍ସବ ସହ ଉଦଯାପିତ ହୋଇଛି। ଗୋବିନ୍ଦପୁରଠାରେ ଆୟୋଜିତ ଭସାଣ ଯାତ୍ରାରେ ୧୨ଟି ମେଢ଼ ଅଂଶଗ୍ରହଣ କରିଥିଲା ବେଳେ ଏହାକୁ ଦେଖିବାକୁ ମେଳଣ ପଡ଼ିଆରେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ଏହାଛଡ଼ା ଅଡ଼ଶପୁର, କାପଡ଼ା, ନାହାଳପୁର, ପୋସ୍ତଳ, ଡିମିରି ଓ ବଡ଼ଝରିଲୋ ଆଦି ଅଞ୍ଚଳରେ ଅନୁଷ୍ଠିତ ଭସାଣ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ପ୍ରତେକ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଉପଲକ୍ଷେ ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯକ୍ରମ ଆୟୋଜନ ହୋଇଥିଲା। ଶାନ୍ତିଶୃଙ୍କଳା ରକ୍ଷା ପାଇଁ ଉଭୟ ଓଲଟପୁର ଥାନା ଓ ଗୋବିନ୍ଦପୁର ଥାନା ପକ୍ଷରୁ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା।

# ଏପିଏମ୍‌ଟି ଫାଉଣ୍ଡେସନ ପକ୍ଷରୁ ସବ୍ୟସାଚୀ ଭୂୟାଁଙ୍କୁ ସାଇକେଲ୍ ପ୍ରଦାନ



କଟକ, (ସ୍ୱପ୍ର): କଟକର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ସଙ୍ଗଠନ ଏପିଏମ୍‌ଟି ଫାଉଣ୍ଡେସନ ପକ୍ଷରୁ ସବ୍ୟସାଚୀ ଭୂୟାଁଙ୍କୁ ସାଇକେଲ୍ ପ୍ରଦାନ କରାଯାଇଛି। ସଙ୍ଗଠନ ପକ୍ଷରୁ ମାହାଙ୍ଗା ଅଞ୍ଚଳର ବାପା ମାଆ ଛେଉଣ୍ଡ ସବ୍ୟସାଚୀଙ୍କୁ ତାଙ୍କ ପାଠ ପଢିବାରେ ସହାୟତା ଲକ୍ଷ୍ୟରେ ଏହି ସାଇକେଲ୍ ପ୍ରଦାନ କରାଯାଇଥିବା ଫାଉଣ୍ଡେସନ୍ ଅଧକ୍ଷ ଶିବବ୍ରତ ରାଉତ ସୂଚନା ଦେଇଛନ୍ତି । ସବ୍ୟସାଚୀ ବର୍ତ୍ତମାନ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ବାଣିଜ୍ୟ ବିଭାଗରେ ଅଧ୍ୟୟନ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର କର୍ମକର୍ତ୍ତା ବିଚିତ୍ରାନନ୍ଦ ପଣ୍ଡା, ଜଗନ୍ନାଥ ରାଉତ, ଲବଙ୍ଗଲତା ରାଉତ, ଏମଡିଏ ସଭାପତି ରବିନ୍ଦ୍ର ପ୍ରସାଦ ତ୍ରିପାଠୀ, ନିର୍ମଳେନ୍ଦୁ ଗୁପ୍ତା, ପ୍ରହଲ୍ଲାଦ ମହାନ୍ତି, ବସନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବେଦାନ୍ତ ଏଚଆଇଏଲ ପ୍ଲେୟାର ନିଲାମକୁ ପ୍ରାଧାନ୍ୟ ଦେବାସହିତ କଳିଙ୍ଗ ଲାନ୍ସର୍ସ ପାଇଁ ଏକ ମଜଭୁତ ଟିମ ଗଠନ କରିଛି

ଭୁବନେଶ୍ୱର, (ସବ୍ୟୁ): ସାତ ବର୍ଷର ବ୍ୟବଧାନ ପରେ ବହୁ ପ୍ରତୀକ୍ଷିତ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ) ୨୦୨୪ ପ୍ରତ୍ୟାବର୍ତନ କରିଛି ବେଦାନ୍ତ ଲିମିଟେଡ୍ ଆଜି କଳିଙ୍ଗ ଲାନ୍ସର୍ସ ପାଇଁ ଅଫିସିଆଲ୍ ଲାଇନ୍‌ଅପ୍ ଉନ୍ମୋଚନ କରିଛି। ପ୍ଲେୟାର ନିଲାମରେ ପ୍ରାଧାନ୍ୟ ପ୍ରଦର୍ଶନ ପରେ ବେଦାନ୍ତ ସଫଳତାର ସହ ଏକ ଦୃଢ ଦଳ ଗଠନ କରି ଉଦୀୟମାନ ପ୍ରତିଭା ପ୍ରାପ୍ତ ଭେଟେରାନମାନଙ୍କୁ ମିଶ୍ରଣ କରି କଳିଙ୍ଗ ଲାନ୍ସର୍ସକୁ ଆଗାମୀ ଟୁର୍ନାମେଣ୍ଟ ପାଇଁ ଦୃଢ ପ୍ରତିଯୋଗୀ ଭାବରେ ସ୍ଥାନିତ କରିଛି । ନିଲାମ ସମୟରେ କମ୍ପାନୀର ଷ୍ଟ୍ରାଟେଜିକ୍ ପନ୍ଥା ଏକ ଭଲ ରାଉଣ୍ଡ ଲାଇନ୍‌ଅପ୍ କରିଥିଲା । ଏଥିରେ ଆରାନ୍ ଜାଲୁଭସ୍କି, ଆଲେକ୍ସଜାଣ୍ଡାର୍ ହେଣ୍ଡ୍ରିକ୍ସ ଏବଂ ଥିଏରି ବ୍ରିଙ୍କମ୍ୟାନ୍‌ଙ୍କ ଭଳି ପ୍ରମୁଖ ଖେଳାଳିମାନେ ଅଛନ୍ତି, ରୋଜାନ୍ କୁଜୁର ଏବଂ ମୁକେଶ ଟପ୍ପୋଙ୍କ ପରି ଉଦୀୟମାନ ଯୁବ ଭାରତୀୟ ତାରକାମାନେ ସମସ୍ତ ପଦବୀରେ ଦଳର ଶକ୍ତି ବୃଦ୍ଧି କରୁଛନ୍ତି । ଟିମର ଅଭିଜ୍ଞତା ଏବଂ ଯୁବ ଶକ୍ତିର ସନ୍ତୁଳନ ଲାନ୍ସର୍ସକୁ ଚଳିତ ବର୍ଷର ଏଚଆଇଏଲରେ ଅନ୍ୟତମ ପ୍ରତିଯୋଗୀ ଦଳ କରିପାରିଛି ।





କାଳିଙ୍ଗା ଲାନ୍ସର୍ସ ଫୁଲ୍ ଟିମର ଡିଫେଣ୍ଡର : ସଞ୍ଜୟ (୩୮ ଲକ୍ଷ ଟଙ୍କା), ମନଦୀପ ମୋର୍ (୧୯ ଲକ୍ଷ ଟଙ୍କା), ଆଲେକ୍ସଜାଣ୍ଡାର୍ ହେଣ୍ଡ୍ରିକ୍ସ (୨୩ ଲକ୍ଷ ଟଙ୍କା), ଆର୍ଥର୍ ୱାନ୍ ଡୋରେନ୍ (୩୨ ଲକ୍ଷ ଟଙ୍କା), ଆଂଟୋଏନ୍ କିନା (୧୬ ଲକ୍ଷ ଟଙ୍କା), ପାର୍ଟପ ଲକ୍ରା (୨ ଲକ୍ଷ ଟଙ୍କା), ସୁଶୀଲ ଧନୱାର (୨ ଲକ୍ଷ ଟଙ୍କା), ରୋହିତ କୁଲୁ (୨ ଲକ୍ଷ ଟଙ୍କା) ମିଡଫିଲ୍ଡରସ: ଆରାନ ଜାଲୁଭସ୍କି (୨୭ ଲକ୍ଷ ଟଙ୍କା), ମୋରିଆଙ୍ଗଥେମ ରାବିଚନ୍ଦ୍ର (୩୨ ଲକ୍ଷ ଟଙ୍କା), ଏର୍କ୍ଲିକ୍ ଗୋଲେଜ (୧୦ ଲକ୍ଷ ଟଙ୍କା), ମୁକେଶ ଟପ୍ପୋ (୫ ଲକ୍ଷ ଟଙ୍କା), ରୋଜାନ କୁଜୁର (୧୨.୫ ଲକ୍ଷ ଟଙ୍କା), ନିକୋଲାସ ବନ୍ଦୁରକ (୫ ଲକ୍ଷ ଟଙ୍କା) ଫରୱାଡସ: ବବି ସିଂ ଧାମି (୨୦ ଲକ୍ଷ ଟଙ୍କା), ଦିଲପ୍ରୀତ ସିଂ (୩୪ ଲକ୍ଷ ଟଙ୍କା), ଥିଏରି ବ୍ରିଙ୍କମ୍ୟାନ୍ (୩୮ ଲକ୍ଷ ଟଙ୍କା), ଅଙ୍ଗଦ ବୀର ସିଂ (୨୬ ଲକ୍ଷ ଟଙ୍କା), ରୋଶନ ମିଞ୍ଜ (୨ ଲକ୍ଷ ଟଙ୍କା), ଗୁରୁସାହିବଜିତ ସିଂ (୬ ଲକ୍ଷ ଟଙ୍କା) ), ଦୀପକ ପ୍ରଧାନ (୨ ଲକ୍ଷ ଟଙ୍କା) ଗୋଲକିପର: କୃଷ୍ଣ ପଠକ (୩୨ ଲକ୍ଷ ଟଙ୍କା), ଟୋବିୟସ୍ ରେନୋଲ୍ଡସ୍-କୋଟେରିଲ (୨ ଲକ୍ଷ ଟଙ୍କା), ସାହିଲ କୁମାର ନାୟକ (୨ ଲକ୍ଷ ଟଙ୍କା) କାଲିଙ୍ଗା ଲାନ୍ସର୍ସ ଦଳରେ ୨୪ ଜଣ ଖେଳାଳି ଅଛନ୍ତି, ସେମାନଙ୍କ ମଧ୍ୟରେ ୮ ଜଣ ବିଦେଶୀ ଖେଳାଳି ଅଛନ୍ତି, ଅବଶିଷ୍ଟଙ୍କ ପ୍ରତି୧୦.୫ ଲକ୍ଷ ଟଙ୍କା ରହିଛି। ଏହି ଅବସରରେ ଗଠିତ ନୂତନ ଦଳ ବିଷୟରେ ସୂଚନା ଦେଇ ସୁନୀଲ ଗୁପ୍ତା, ମୁଖ୍ୟ ପରିଚାଳନା ଅଧିକାରୀ, ବେଦା' ଆଲୁମିନିୟମ କହିଛଁ 'ହକି ଭାରତର ଖେଳ ସଂସ୍କୃତିରେ ଶିର୍ଷରେ ରହିଛି ଏବଂ କଳିଙ୍ଗ ଲାନ୍ସର୍ସ ମାଧ୍ୟମରେ ଏହାର ଅଭିବୃଦ୍ଧିରେ ଆମେ ଗର୍ବିତ। ପରବର୍ତୀ ପିଢିକୁ ପ୍ରେରଣା ଦେଇ ଦଳର ମାଲିକ ହେବା ଏବଂ ଖେଳକୁ ଆହୁରି ମଜବୁତ କରିବା ଏକ ସୌଭାଗ୍ୟ ଅଟେ। ହକି ବ୍ୟତୀତ ବେଦା' ତୃଣମୂଳ ସ୍ତରରେ ତୀରନ୍ଦାଜ, କରାଟେ, ଏବଂ ଫୁଟବଲ ସମେତ ବିଭିନ୍ନ କ୍ରୀଡାକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ, ସମଗ୍ର ଦେଶରେ ପ୍ରତିଭାର ବିକାଶ ପାଇଁ ଆମର ଉତ୍ସର୍ଗୀକୃତ ପ୍ରଦର୍ଶନ କରିଛୁ।

# ରାଇଟସ ଇସ୍ୟୁ ଜରିଆରେ ୪୯ କୋଟି ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ କରିବ ମୟୁଖ ଡିଲଟ୍ରେଡ ଲିମିଟେଡ

ଭୁବନେଶ୍ୱର (ସବ୍ୟୁ): ବିଭିନ୍ନ ପ୍ରକାର ବର୍ଣ୍ଣର ନିର୍ମାଣ କାର୍ଯ୍ୟରେ ନିୟୋଜିତ ମୁମ୍ବାଇସ୍ଥିତ ଏକ ବିଏସନ୍ଧଇ ତାଲିକାଭୁକ୍ତ ସଂସ୍ଥା (ବିଏସଇ: ୫୩୯୫୧୯) ମୟୁଖ ଡିଲଟ୍ରେଡ ଲିମିଟେଡର ବୋର୍ଡ ଅଫ ଡାଇରେକ୍ଟର୍ସ କମ୍ପାନୀର ଯୋଗ୍ୟ ଅଂଶଧାରକଙ୍କୁ ୨୦୨୪ ଅଗଷ୍ଟ ୩୦ରେ ରାଇଟ ଇସ୍ୟୁ ଦ୍ୱାରା ଇକ୍ୱିଟି ସେୟାର ଜାରି ଜରିଆରେ ୪୯ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହ ପ୍ରସ୍ତାବକୁ ଅନୁମୋଦନ କରିଛି। ବୋର୍ଡ ମଧ୍ୟଛ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଏଫଓଙ୍କୁ ରାଇଟ ଇସ୍ୟୁ ପ୍ରକ୍ରିୟା ଆରମ୍ଭ କରିବାକୁ କନସଲଟା ନିଯୁକ୍ତ କରିବାକୁ କ୍ଷମତା ପ୍ରଦାନ କରିଛି। ବୋର୍ଡ ଆଉ ମଧ୍ୟ ୫-ଫର-୧ ଷ୍ଟକ ବିଭାଜନ ପ୍ରସ୍ତାବକୁ ଅନୁମୋଦନ କରିଛି। ବୋର୍ଡ ପ୍ରତ୍ୟେକ ୫ଟଙ୍କା ଫେସ ଭାଲ୍ୟୁ ବିଶିଷ୍ଟ ୧ଟି ଇକ୍ୱିଟି ସେୟାରକୁ ପ୍ରତ୍ୟେକ ୧ଟଙ୍କା ଫେସ ଭାଲ୍ୟୁ ବିଶିଷ୍ଟ ଫୁଲି ପେଡ-ଅପ ଇକ୍ୱିଟି ସେୟାରରେ ବିଭାଜନ କରିବା ପ୍ରସ୍ତାବ ଉପରେ ଆଲୋଚନା ସହିତ ଅନୁମୋଦନ କରିଛି, ଯାହା କମ୍ପାନୀର ସାଧାରଣ ବୈଠକରେ ଅଂଶଧାରକଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେବ ।

# ବୁଢ଼ା ମହାବୀର ପ୍ରାଙ୍ଗଣରେ କନ୍ୟା ପୂଜନ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର): ପବିତ୍ର ଦୂର୍ଗାପୂଜା ଅବସରରେ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ୪୨ନଂ ୱାର୍ଡ ଚାଉଳିଆଗଞ୍ଜ ସ୍ଥିତ ବାବା ବୁଢ଼ା ମହାବିରଙ୍କ ପ୍ରାଙ୍ଗଣରେ ନବମୀ ଦିବସରେ ସମାଜସେୀ ସୁକାନ୍ତ ସାହାଣୀ ନେତୃତ୍ୱରେ କନ୍ୟା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କୁନୀ କୁନି କନ୍ୟାମାନଙ୍କୁ ନୂତନ ବସ୍ତ୍ରରେ ସୁସଜ୍ଜିତ କରି ବାବାଙ୍କ ପୀଠରେ ସେମାନଙ୍କର ପଦ ପ୍ରକ୍ଷାଳନ କରାଯାଇ ପାଛୋଟି ନିଆଯାଇଥିଲା। ପରେ ସେମାନଙ୍କୁ ମା' ଦୂର୍ଗାଙ୍କ ଦର୍ଶନ କରାଇ ହୋଇଥିବା ଖିରି ଭୋଗକୁ ପ୍ରଦାନ କରାଯାଇଥିଲା। ଏଥିସହିତ ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବୁଢ଼ା ମହାବୀର ସେବା ସଙ୍ଘର ସମସ୍ତ କର୍ମକର୍ତ୍ତାମାନେ ଏହି ସମସ୍ତ କାର୍ଯ୍ୟକୁ ପରିଚାଳନା



କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଦର୍ଶ ଶିଶୁ ଜ୍ଞାନ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ସଭାପତି, ଉପସଭାପତି, ସମସ୍ତ ଗୁରୁମା, ସମାଜସେବୀ ବିତିସ୍ମିତା ସାହାଣୀ, ଲକ୍ଷ୍ମୀଧର ସାହୁ(ମିଲନ), ସକୁଳା ପୃଷ୍ଟି, ଜଗନ ସାହୁ, ସାଗର ପାତ୍ର, ଟିଟୁ ସାହୁ, ଟିଟୁ ପାତ୍ର, ଦୁଷ୍ମନ୍ତ ସ୍ୱାଇଁ, ବିଶ୍ୱଜିତ୍ ନାୟକ, ସାଇ ସ୍ୱରୂପ, ଅମ୍ବି ପୃଷ୍ଟିଙ୍କ ସମେତ ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# କାନାଡାର ୬ କୂଟନୀତିଜ୍ଞ ବହିଷ୍କୃତ

ନୂଆଦିଲ୍ଲୀ:ଭାରତ ଓ କାନାଡା ମଧ୍ୟରେ ଆରମ୍ଭ ହୋଇଥିବା ବିବାଦ ଏବେ ଚରମ ସୀମାରେ ପହଞ୍ଚିଛିଛ ବିବାଦକୁ ଦୃଷ୍ଟିରେ ରଖି ଆଜି ଭାରତ ସରକାର କାନାଡାରେ ଅବସ୍ଥାପିତ ହାଇକମିଶନର ସଞ୍ଜୟ କୁମାର ବର୍ମା ଓ ଅନ୍ୟ କୂଟନୀତିକ ଅଧିକାରୀଙ୍କୁ ଫେରାଇ ଆଣିଛନ୍ତି ।ସେହିପରି ଭାରତରେ କାର୍ଯ୍ୟ କରୁଥିବା ୬ ଜଣ କାନାଡା କୂଟନୀତିଜ୍ଞଙ୍କ ବିରୋଧରେ ମଧ୍ୟ ଭାରତ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ସେମାନଙ୍କୁ ତତ୍କାଳ ଭାବେ ଭାରତରେ ବହିଷ୍କାର କରାଯାଇଛି। ଏମାନଙ୍କ ମଧ୍ୟରେ କାନାଡାର ଅସ୍ଥାୟୀ ହାଇକମିଶନର ରହିଛନ୍ତି । ସମସ୍ତଙ୍କୁ ଚଳିତ ସପ୍ତାହ ଶେଷ ସୁଦ୍ଧା ଦେଶ ଛାଡ଼ିବାକୁ କୁହାଯାଇଛି ।




ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନଜାରର ହତ୍ୟାକାଣ୍ଡକୁ ନେଇ ଭାରତ ଓ କାନାଡା ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା । କାନାଡାରେ ଏହାର ତଦନ୍ତ ଚାଲିଥିବା ବେଳେ ଭାରତୀୟ ହାଇକମିଶନ ଓ ଅନ୍ୟ କୂଟନୀତିକ ଅଧିକାରୀମାନେ ସମ୍ଭବତଃ ହତ୍ୟାକାଣ୍ଡରେ ସାମିଲ ଥିବା କାନାଡା ପକ୍ଷରୁ ଅଭିଯୋଗ ହୋଇଥିଲା । ଏହାକୁ ଭାରତ କଡ଼ା ବିରୋଧ କରିଛି ।ଏହାପୂର୍ବରୁ ଭାରତରେ ଅବସ୍ଥାପିତ କାନାଡାର ଚାର୍ଜ ଡିଆଫାୟାର୍ସଙ୍କୁ ନୂଆଦିଲ୍ଲୀ ପକ୍ଷରୁ ସମନ କରାଯାଇଥିଲା । ତାଙ୍କୁ ବୈଦେଶିକ ସଚିବ ଡାକିବା ସହ କାନାଡାରେ ଭାରତର ହାଇକମିଶନର ଓ କୂଟନୀତିକ ଅଧିକାରୀଙ୍କୁ ଅଯଥାରେ ବିବାଦ ମଧ୍ୟକୁ ଟାଣିବା ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଥିଲେ ।କାନାଡାର କ୍ଷମତାସୀନ ଜଷ୍ଟିନ ଟ୍ରୁଡୋ ସରକାର ବିଦ୍ରୋହୀ ଓ ହିଂସାତ୍ମକ ପରିବେଶକୁ ସୁରକ୍ଷା ଦେବା ଭଳି କାମରେ ଲିପ୍ତ ରହିଛନ୍ତି । ଆମର ବର୍ତ୍ତମାନ କାନାଡାର କ୍ଷମତାସୀନ ସରକାର ଉପରେ କୌଣସି ପ୍ରକାରର ଭରସା ନାହିଁ । ସେମାନେ ଆମ ଅଧିକାରୀମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବେ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ । ତେଣୁ ଭାରତ ସରକାର କାନାଡାରେ ଥିବା ହାଇକମିଶନ ଓ ଅନ୍ୟ ଅଧିକାରୀମାନଙ୍କୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିବା ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି ।

# ଆଜି ଶପଥ ନେବେ ଓମାର

ନୂଆଦିଲ୍ଲୀ: ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ସରିବା ପରେ ଏବେ ଏଠାରେ ନୂତନ ସରକାର ଗଠନ ପାଇଁ ଚାଲିଛି ପ୍ରସ୍ତୁତି । ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନରେ ନ୍ୟାସନାଲ କନଫରେନ୍ସ ମେଣ୍ଟ ବିଜୟୀ ହୋଇଛି ।ଏନ୍ସି ମେଣ୍ଟକୁ ନ୍ୟାସନାଲ କନଫରେନ୍ସକୁ ୪୯ଟି ଆସନ ମିଳିଥିବା ବେଳେ ବିଜେପିକୁ ୨୯ ଟି ଆସନ ମିଳିଛି । ଆସନ୍ତା୧୬ ତାରିଖରେ ଏନସି ମେଣ୍ଟ ସରକାର ଶପଥ ଗ୍ରହଣ କରିପାରେ । ନ୍ୟାସନାଲ କନ୍ଫରେନ୍ସର ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଜମ୍ମୁ-କଶ୍ମୀରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ।



ସେ ମିଳିତ ମେଣ୍ଟର ନେତା ଭାବରେ ନିର୍ବାଚିତ ହୋଇଛନ୍ତି । ବିଧାନସଭା ନିର୍ବାଚନରେ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିବା ନ୍ୟାସନାଲ କନଫରେନ୍ସକୁ ମଧ୍ୟ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ମିଳିବା ଆରମ୍ଭ ହୋଇଛି । ଜମ୍ମୁର ଚମ୍ବ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଜିତିଥିବା ସ୍ୱାଧୀନ ନେତା ସତୀଶ ଶର୍ମା ନ୍ୟାସନାଲ କନଫରେନ୍ସରେ ଯୋଗ ଦେଇଛନ୍ତି । ୧୦ ବର୍ଷ ତଳେ ୨୦୧୪ରେ ଜମ୍ମୁ-କଶ୍ମୀରରେ ଶେଷ ଥର ପାଇଁ ବିଧାନସଭା ନିର୍ବାଚନ ହୋଇଥିଲା । ନିର୍ବାଚନ ପରେ ବିଜେପି ଓ ପିଡିପି ମେଣ୍ଟ ସରକାର ଗଠନ କରିଥିଲେ । କିନ୍ତୁ ୨୦୧୮ରେ ବିଜେପି ସମର୍ଥନ ପ୍ରତ୍ୟାହାର କରିବା ଏବଂ ମେହବୁବା ମୁଫତି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ସରକାର ଭାଙ୍ଗିଯାଇଥିଲା । ସେବେଠାରୁ ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା ।

# ପାକିସ୍ତାନରେ ଏସ୍. ଜୟଶଙ୍କରଙ୍କୁ ସ୍ୱାଗତ

ଇସଲାମାବାଦ : ଦୁଇ ଦିନିଆ ପାକିସ୍ତାନ ଗସ୍ତରେ ଅଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର । ସେ ଆଜି ପାକିସ୍ତାନର ଇସଲାମବାଦ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ସ୍ୱାଗତ କରାଯାଇଛି । ପାକିସ୍ତାନରେ ସ୍ୱାଗତ ସମୟର ଫଟୋ ସୋଶାଲ ମିଡିଆରେ ପୋଷ୍ଟ କରିଛନ୍ତି ମନ୍ତ୍ରୀ ଜୟଶଙ୍କର । ପାକିସ୍ତାନରେ ଆୟୋଜିତ ହେଉଥିବା ସଙ୍ଘାଇ ସମ୍ମିଳନୀର ବାର୍ଷିକ ବୈଠକରେ ଯୋଗଦେବା ପାଇଁ ଏସ୍ ଜୟଶଙ୍କର ଇସଲାମବାଦ ଗସ୍ତ କରିଛନ୍ତି ।ପ୍ରତିବର୍ଷ ସଙ୍ଘାଇ କର୍ପୋରେସନ ଅର୍ଗାନାଇଜେସନର ବୈଠକ ବସିଥାଏ । ଏହାର ସଦସ୍ୟ ରାଷ୍ଟ୍ରମାନେ ବୈଠକର ଅଧ୍ୟକ୍ଷତା କରନ୍ତି । ଚଳିତ ବର୍ଷ ପାକିସ୍ତାନ ଅଧ୍ୟକ୍ଷତା କରୁଛି । ଏହି ବୈଠକରେ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଅର୍ଥନୈତିକ, ସାମାଜିକ-ସାଂସ୍କୃତିକ



ତଥା ମାନବିକ ସହଯୋଗ ଉପରେ ଆଲୋଚନା ହେବ ।୨୦୦୧ରେ ଋଷ, ଚୀନ୍, କିରଗିଜ୍ ରିପବ୍ଲିକ୍, କାଜାଖସ୍ତାନ, ତାଜିକିସ୍ତାନ ଏବଂ ଉଜବେକିସ୍ତାନର ରାଷ୍ଟ୍ରପତିଙ୍କ ଦ୍ୱାରା ସାଙ୍ଘାଇର ଏକ ଶିଖର ସମ୍ମିଳନୀରେ ଏସସିଓ ପ୍ରତିଷ୍ଠା କରାଯାଇଥିଲା । ୨୦୧୭ରେ ଭାରତ ଏବଂ ପାକିସ୍ତାନ ଏହାର ସ୍ଥାୟୀ ସଦସ୍ୟ ହୋଇଥିଲେ । । ଗତ ବର୍ଷ ଜୁଲାଇରେ ଇରାନ ଏହାର ସ୍ଥାୟୀ ସଦସ୍ୟ ଭାବେ ଯୋଗ ହୋଇଛି । ଏହି ସମୟରେ ଭାରତ ଅଧ୍ୟକ୍ଷତା କରିଥିଲା । କିନ୍ତୁ ଏହା ଭର୍ଚୁଆଲ ମୋଡରେ ଆୟୋଜିତ ହୋଇଥିଲା । ଭାରତ ଆୟୋଜିତ କରିଥିବା ବୈଠକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଭିଡିଓ କନଫରେନ୍ସିଂ ଯୋଗେ ଯୋଗଦେଇଥିଲେ ।

# ବିଷ୍ଣୋଇ ଗ୍ୟାଙ୍ଗର ହିଟଲିଷ୍ଟରେ ବାବା ସିଦ୍ଦିକିଙ୍କ ପୁଅ

ମୁମ୍ବାଇ : ମହାରାଷ୍ଟ୍ରର ଭେଟରାନ ରାଜନେତା ବାବା ସିଦ୍ଦିକିଙ୍କୁ ଶନିବାର ମୁମ୍ବାଇରେ ଗୁଳି କରି ହତ୍ୟା ଘଟଣା ପୂରା ଦେଶରେ ହଇଚଇ ସୃଷ୍ଟି କରିଛି । ତାଙ୍କୁ ହତ୍ୟା କରିଥିବା ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସମ୍ପର୍କରେ ବଡ଼ ତଥ୍ୟ ମିଳିଛି । ବାବା ସିଦ୍ଦିକିଙ୍କ ପୁଅ ତଥା ବିଧାୟକ ଜିଶାନ ସିଦ୍ଦିକି ମଧ୍ୟ ବିଷ୍ଣୋଇ ଗ୍ୟାଙ୍ଗର ହିଟଲିଷ୍ଟରେ ରହିଛନ୍ତି । ସିନିୟର ଓ ଜୁନିୟର ସିଦ୍ଦିକିଙ୍କୁ ଏକାଠି ଗୁଳି କରିବା ପାଇଁ ବିଷ୍ଣୋଇ ଗ୍ୟାଙ୍ଗ କଣ୍ଟ୍ରାକ୍ଟ ଦେଇଥିଲା ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି । ଗ୍ୟାଙ୍ଗର ପକ୍ଷରୁ ବାବା ସିଦ୍ଦିକିଙ୍କୁ ହତ୍ୟା କରାଯାଇଥିବା ବେଳେ ଆଗକୁ ଜିଶାନ ମଧ୍ୟ ଆକ୍ରମଣର ଶିକାର ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି ।ବାବା ସିଦ୍ଦିକିଙ୍କୁ ହତ୍ୟା କରିବା ଘଟଣାରେ ଗିରଫ ଶୁଟରମାନେ କହିଛନ୍ତି ଯେ ସେମାନଙ୍କୁ ବାବା ସିଦ୍ଦିକି



ଓ ପୁଅ ଜିଶାନଙ୍କୁ ହତ୍ୟା କରିବା ପାଇଁ କଣ୍ଟ୍ରାକ୍ଟ ମିଳିଥିଲା । ଶନିବାର ସଂଧ୍ୟାରେ ଉଭୟ ସିଦ୍ଦିକି ବାପ-ପୁଅ ଘଟଣାସ୍ଥଳରେ ଉପସ୍ଥିତି ରହିବେ ବୋଲି ସେମାନଙ୍କୁ ସୂଚନା ଦିଆଯାଇଥିଲା । କିନ୍ତୁ ଉଭୟ ବାପା-ପୁଅଙ୍କୁ ଏକାଠି ହତ୍ୟା କରିବାର ସୁଯୋଗ ଯଦି ସେମାନଙ୍କୁ ନ ମିଳିବ, ତା'ହେଲେ ଦୁଇ ଜଣଙ୍କ ମଧ୍ୟରୁ ଯାହାଙ୍କୁ ଆଗ ପାଇବେ ତାଙ୍କୁ ଗୁଳି କରି ହତ୍ୟା କରିଦେବାକୁ ମଧ୍ୟ ଦୁଇ ଶୁଟରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଶାନ ସିଦ୍ଦିକି ବାନ୍ଦ୍ରା ଇଷ୍ଟ ଆସନରୁ କଂଗ୍ରେସ ଟିକେଟରେ ନିର୍ବାଚନ ଜିତିଥିଲେ । ତେବେ ବିଧାନ ପରିଷଦ ନିର୍ବାଚନରେ ସେ କ୍ରସ ଭୋଟିଂ କରିବାରୁ ତାଙ୍କୁ ଦଳରୁ କିଛି ମାସ ତଳେ ବହିଷ୍କାର କରାଯାଇଥିଲା । ତାଙ୍କୁ ଏବେ ବିଷ୍ଣୋଇ ଗ୍ୟାଙ୍ଗ ହତ୍ୟା କରିବାକୁ ଯୋଜନା ରଖିଛ । ଶନିବାର ବାବା ସିଦ୍ଦିକିଙ୍କୁ ବାନ୍ଦ୍ରା ସ୍ଥିତ ଜିଶାନଙ୍କ ଅଫିସ ବାହାରେ ୩ ଜଣ ଯୁବକ ଗୁଳି କରି ହତ୍ୟା କରିଥିଲେ । ହତ୍ୟା ପୂର୍ବରୁ ସେମାନେ ଅଫିସ ବାହାରେ ମୁତୟନ କନଷ୍ଟେବଲଙ୍କ ଉପରକୁ ଲଙ୍କା ଗୁଣ୍ଡ ମଧ୍ୟ ପକାଇଥିଲେ । ଘଟଣାରେ ପୁଲିସ ଗୁରମୈଲ ବଲଜିତ ସିଂହ ଓ ଧର୍ମରାଜ ରାଜେଶ କଶ୍ୟପଙ୍କୁ ଗିରଫ କରିଛି । ତେବେ ଘଟଣାରେ ସାମିଲ ଥିବେ ଶିବ କୁମାର ଗୌତମ ଫେରାର ହୋଇ ଯାଇଛି । ତାକୁ ଧରିବା ପାଇଁ ଏକାଧିକ ଟିମ ଲାଗିଛନ୍ତି ।

# ୩୨,୦୦୦ କୋଟିର ଡ୍ରୋନ୍ ଆଣିବ ଭାରତ

ନୂଆଦିଲ୍ଲୀ : ଆମେରିକା ଯେଉଁ ଡ୍ରୋନ୍ ସାହାଯ୍ୟରେ ଓସମା ବିନ୍ ଲାଡେନର ସନ୍ଧାନ କରିଥିଲା, ସେହି ଡ୍ରୋନ୍ ଆଣିବାକୁ ଚୁକ୍ତି କରିଛି ଭାରତ । ଆହୁରି ଦୃଢ ହେବ ତିନି ସେନାର ଶକ୍ତି । ଭାରତ ସରକାର ଆମେରିକା ସହ ଏକ ବଡ଼ ଚୁକ୍ତି କରିଛନ୍ତି । ଦେଶକୁ ଆସିବ ଆମେରିକାର ଶକ୍ତିଶାଳୀ ପ୍ରିଡେଟର -୯ଇ ଡ୍ରୋନ୍ । ଏଥିପାଇଁ ଭାରତ ସରକାର ଆମେରିକା ସହ ୩୨ ହଜାର କୋଟି ଟଙ୍କାର ଡିଲ୍ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଛି ଦିନ ତଳେ ଆମେରିକା ଗସ୍ତ କରି ଫେରିବା ପରେ ଏହି ଖବର ସାମ୍ନାକୁ ଆସିଛି । ୩୧ଟି ପ୍ରିଡେଟର ଆଣିବା ପାଇଁ ଭାରତ ଏବଂ ଆମେରିକା ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି । ଆମେରିକାର ସାମରିକ ଏବଂ କର୍ପୋରେଟ୍ ଅଧିକାରୀଙ୍କ ଟିମ୍ ଭାରତ ସରକାରଙ୍କଗ ସହ ଆଜି ଏହି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏହା ବ୍ୟତୀତ ଡ୍ରୋନର ରକ୍ଷଣାବେକ୍ଷଣା ଏବଂ ମରାମତି ପାଇଁ ଭାରତରେ



କେନ୍ଦ୍ର ସ୍ଥାପନ ପାଇଁ ମଧ୍ୟ ଚୁକ୍ତି ହୋଇଛି ।

ମୋଟ ୩୧ଟି ଡ୍ରୋନ୍ ମଧ୍ୟରୁ ୧୫ ଟି ନୌସେନାକୁ, ଆଠଟି ଡ୍ରୋନ୍ ସ୍ଥଳସେନା ଏବଂ ବାୟୁସେନାକୁ ଦିଆଯିବ । ବିଶେଷ ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ଏହି ଡିଲ୍ ଆଉ ୨,୫୦୦ କୋଟି ଟଙ୍କା ବୃଦ୍ଧି ପାଇପାରେ । ଅଥାତ୍_ ୩୪,୫୦୦ କୋଟି ଟଙ୍କାର ଡ୍ରୋନ୍ ଆସିବାର ସମ୍ଭାବନା ରହିଛି ।ଏସବୁ ଡ୍ରୋନ୍ ଚେନ୍ନାଇ ନିକଟ ରାଜଲି, ଗୁଜରାଟର ପୋରବନ୍ଦର, ଉତ୍ତରପ୍ରଦେଶର ସରସବା ଏବଂ ଗୋରଖପୁର ସମେତ ଚାରିଟି ସ୍ଥାନରେ ନିୟୋଜିତ ହୋଇପାରେ । ତେବେ ଏହି ଡ୍ରୋନ୍ ଖୁବ୍ ଶକ୍ତିଶାଳୀ ।ଏହା ୧୯୦୦ କିଲୋମିଟର ଉପରୁ ନଜର ରଖିବାର କ୍ଷମତା ରଖିଛି । ଏଥିସହ ଘଣ୍ଟା ପ୍ରତି ୪୮୦ କିଲୋମିଟର ବେଗରେ ମଧ୍ୟ ଉଡିପାରେ । ଏହା ସବୁଠାରୁ ଅତ୍ୟାଧୁନିକ ଡ୍ରୋନ୍ । ଆମେରିକା ଏହି ଡ୍ରୋନ୍ ସାହାଯ୍ୟରେ ଓସମା ବିନ୍ ଲାଡେନର ସନ୍ଧାନ କରିଥିଲା । ଏହି ଡ୍ରୋନ୍ ଆକ୍ରମଣରେ ମଧ୍ୟ ଅଲ କାଏଦା ଲିଡର୍ ଅଲ ଜାୱାହାରୀ ନିପାତ ହୋଇଥିଲା ।

## ଇସିଙ୍କ ଉପରେ ବର୍ଷିଲା ଜେଏମ୍ଏମ୍

ରାଞ୍ଚି: ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଦଳ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ନିର୍ବାଚନ ଆୟୋଗକୁ ଟାର୍ଗେଟ କରିଛ ।ପୂର୍ବରୁ ବିଜେପି ନେତାମାନେ ନିର୍ବାଚନ ଆୟୋଗ ଆଜି ତାରିଖ ଘୋଷଣା କରିବା କଥା ଜାଣିଥିଲେ ବୋଲି ଜେଏମ୍ଏମ୍ ନେତା ମନୋଜ ପାଣ୍ଡେ ଅଭିଯୋଗ ଆଣିଛନ୍ତି । ଏଥିସହ ସେ ନିର୍ବାଚନ ଆୟୋଗଙ୍କୁ ବିଜେପି ହାତର କାଠ କଣ୍ଢେଇ କହି ଟାର୍ଗେଟ୍ କରିଛନ୍ତି ।ଗତକାଲି ବିଜେପିର ଶୀର୍ଷ ନେତୃତ୍ୱ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନକୁ ନେଇ ବିଳମ୍ବିତ ରାତି ଯାଏ ବୈଠକ କରିଥିଲେ । ଆଉ ଏହି ବୈଠକରେ ନିର୍ବାଚନ ସଂକ୍ରାନ୍ତୀୟ ରଣନୀତି ପ୍ରସ୍ତୁତି ହୋଇଛି । ମନୋଜ ପାଣ୍ଡେ କହିଛନ୍ତି, 'ଆମେ ସବୁବେଳେ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛ । କିନ୍ତୁ ଆଜି ନିର୍ବାଚନ ଘୋଷଣା ହେବାକୁ ଯାଉଛି ଏବଂ ଗତକାଲି ବିଜେପି ନେତାମାନେ ଏହି ବିଷୟରେ ଜାଣିଥିଲେ । ଏହା ଏକ ଗୁରୁତର ବିଷୟ ।




ଜେନେଭାରେ ଅନୁଷ୍ଠିତ ଆନ୍ତଃସଂସଦୀୟ ସଂଘର ୧୩୯ତମ ସମ୍ମିଳନୀରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ବୋଧନ ଦେଉଛନ୍ତି

# ଭାରତର ଡାଟା ଭାରତୀୟ ଡାଟା ସେଣ୍ଟରରେ ରହୁ

ନୂଆଦିଲ୍ଲୀ : ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀ ଭାରତର ଡାଟା କେବଳ ଭାରତୀୟ ଡାଟା ସେଣ୍ଟରରେ ରଖାଯିବା ସପକ୍ଷରେ ମତ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଭାରତରେ ଡାଟା ସୃଷ୍ଟି ହେବାର ଆକାର ଏବଂ ଗତି ବେଶ ଦ୍ରୁତ ଗତିରେ ବୃଦ୍ଧି ପାଇଛି ଏବଂ ଏଆଇ ସହିତ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇବ । ତେଣୁ ଦେଶରେ ଏଆଇ ଓ ମେସିନ୍ ଲର୍ନିଂ ଡାଟା ସେଣ୍ଟର ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ଭାରତୀୟ କମ୍ପାନୀଗୁଡିକ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମିଳିବା ଉଚିତ ।

ଏଥିସହିତ ଡାଟା ସେଣ୍ଟର ନୀତି ୨୦୨୦ ର ଡ୍ରାଫ୍ଟକୁ ଶୀଘ୍ର ଅପଡେଟ କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି । ଦିଲ୍ଲୀରେ ଆଜିଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୪ ରେ ଆକାଶ




ଅମ୍ବାନୀ ଏହା କହିଛନ୍ତି ।ଆକାଶ ଅମ୍ବାନୀ କହିଛନ୍ତି ଯେ, ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଏଆଇ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ । ଏବଂ ଜିଓ ପ୍ରତ୍ୟେକ ଭାରତୀୟଙ୍କ ପର୍ଯ୍ୟନ୍ତ ଏଆଇ ର ଲାଭ ପହଞ୍ଚାଇବାର ଉଦ୍ୟମ ଆରମ୍ଭ କରିଛ । ଠିକ ସେହିଭଳି ଯେପରି ଆମେ ମୋବାଇଲ୍ ବ୍ରଡବ୍ୟାଣ୍ଡ ସହିତ କରିଥିଲୁ । ସୁଲଭ ମୂଲ୍ୟରେ ଶକ୍ତିଶାଳୀ ଏଆଇ ମଡେଲ ଏବଂ ସେବା ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ । ଏଥିପାଇଁ ଆମେ ଏକ ଜାତୀୟ ଏଆଇ ଭିତ୍ତିଭୂମିର ଆଧାର ପ୍ରସ୍ତୁତ କରୁଛୁ ।

ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି ଆକାଶ ଅମ୍ବାନୀ କହିଛନ୍ତି, ଆଜି ଭାରତୀୟ ମୋବାଇଲ୍ କମ୍ପାନୀ ଏବଂ ସଫଳ ଷ୍ଟାର୍ଟ ଅପ୍ ଇକୋସିଷ୍ଟମ୍ ବଳରେ ଭାରତ ବିକଶିତ ଦେଶ ସମେତ ସମଗ୍ର ବିଶ୍ୱକୁ ଏଆଇ ସମାଧାନ ପ୍ରଦାନ କରିପାରିବ । ସରକାରଙ୍କ ଦ୍ୱାରା ଉଦ୍ୟୋଗ ଏବଂ ନବସୃଜନ ବା ଇନୋଭେସନକୁ ଆଗକୁ ବଢ଼ାଯିବା ଯୋଗୁଁ ଭାରତରେ ସବୁଠାରୁ ବଡ ଡିଜିଟାଲ୍ କ୍ରାନ୍ତି ଆସିଛି । ନୂତନ ଭାରତରେ ବ୍ୟବସାୟ ଏବେ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି । ୧୪୫ କୋଟି ଭାରତୀୟଙ୍କ ଆବଶ୍ୟକତା ଏବଂ ଆକାଂକ୍ଷା ପୂରଣ କରିବା ପାଇଁ ସରକାର ଏବଂ ଶିଳ୍ପଜଗତ ସମନ୍ୱୟରେ ଏକାଠି କାର୍ଯ୍ୟ କରୁଛନ୍ତି । ଇଣ୍ଡିଆ ମୋବାଇଲ୍ କଂଗ୍ରେସର ମଞ୍ଚରୁ ଆକାଶ ଅମ୍ବାନୀ କହିଛନ୍ତି ଯେ ଭାରତ କେବଳ ମୋବାଇଲ୍ ଇନୋଭେସନରେ ଅଗ୍ରଣୀ ହେବ ନାହିଁ ବରଂ ଏକ ସଂଯୁକ୍ତ ତଥା ବୁଦ୍ଧିମାନ ଭବିଷ୍ୟତ ପାଇଁ ଏଆଇ ର ଶକ୍ତିକୁ ବ୍ୟବହାର କରିବଛ ଏହା ଦ୍ୱାରା ମଧ୍ୟ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ଆସିବା ସମୟରେ ଘଟିଥିବା ପରି ନିଯୁକ୍ତି କ୍ଷେତ୍ରରେ ମଧ୍ୟ ବୃଦ୍ଧି ଘଟିବ ।

# ଭାରତ ସହିତ କାହିଁକି ବିବାଦ ବଢ଼ାଉଛି କାନାଡା

ନୂଆଦିଲ୍ଲୀ: କାନାଡା ଓ ଭାରତ ମଧ୍ୟରେ କୂଟନୈତିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । କାନାଡା ଯେମିତି ଭାରତ ଉପରେ ଅଭିଯୋଗ ଆଣିଛି, ଭାରତ ମଧ୍ୟ ନିଜ ଭାଷାରେ ଜବାବ ଦେଇଛି । ବିଶେଷଜ୍ଞମାନେ କହିଛନ୍ତି ଯେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ଭାଷା ଏବଂ ସାର୍ବଜନୀନ ବୟାନ ସଂପର୍କକୁ ଦିନକୁ ଦିନ ଅତି ଖରାପ କରୁଛି । କିନ୍ତୁ ଏହି ବିବାଦର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିପାରେ । ଭିସା ହେଉ, ଛାତ୍ରଛାତ୍ରୀଙ୍କ ସମସ୍ୟା ହେଉ କିମ୍ବା ବ୍ୟବସାୟ ସବୁ କ୍ଷେତ୍ରରେ ଏହି ଉତ୍ତେଜନାର ପ୍ରଭାବ ଅନୁଭୂତ ହେବ । ବିଶେଷଜ୍ଞଙ୍କ ମତରେ ସେ ନିଜ ଘରୋଇ ରାଜନୀତିରୁ ଧ୍ୟାନ ହଟାଇବା ପାଇଁ ଏବଂ ନିଜ ରାଜନୈତିକ ସ୍ଥିତିକୁ ବଞ୍ଚାଇବା ପାଇଁ ଏପରି କରୁଛନ୍ତି, ଯାହାଦ୍ୱାରା ତାଙ୍କ ଜନସାଧାରଣଙ୍କ ଧ୍ୟାନ ହଟାଇ ହେବ । ଅନ୍ତର୍ଜାତୀୟ ବ୍ୟାପାର ବିଶେଷଜ୍ଞ ପ୍ରଫେସର ସ୍ୱର୍ଣ୍ଣ ସିଂହ କହିଛନ୍ତି ଯେ କାନାଡାରେ ଟ୍ରୁଡୋଙ୍କ ଲୋକପ୍ରିୟତା ହ୍ରାସ ପାଇଛି ଏବଂ ସେ ପ୍ରଧାନମନ୍ତ୍ରୀ ଭାବେ ରହିବେ କି ନାହିଁ ତାକୁ ନେଇ କ୍ରମାଗତ ପ୍ରଶ୍ନ ଉଠୁଛି । କେବଳ ପ୍ରଧାନମନ୍ତ୍ରୀ ଭାବରେ ନୁହେଁ, ତାଙ୍କ ଦଳର ନେତା ଭାବରେ ମଧ୍ୟ । ଗତ ମାସରେ ଶିଖ୍ ସମ୍ପ୍ରଦାୟର ପ୍ରମୁଖ ନେତା ଜଗମିତ୍ ସିଂହ ମେଣ୍ଟ ସରକାରରୁ ନ୍ୟୁ ଡେମୋକ୍ରାଟିକ୍ ପାର୍ଟିର ସମର୍ଥନ ପ୍ରତ୍ୟାହାର କରିନେଇଥିଲେ । ଆସନ୍ତା ବର୍ଷ ଅକ୍ଟୋବରରେ କାନାଡାରେ ନିର୍ବାଚନ ହେବାକୁ ଥିବା ବେଳେ ଏହା ପୂର୍ବରୁ ହୋଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ଏହି ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏବଂ ନିଜକୁ ବଞ୍ଚାଇବା ପାଇଁ ଟ୍ରୁଡୋ ଏସବୁ କରୁଛନ୍ତି ।

# ବାବା ସିଦ୍ଦିକିଙ୍କ ହତ୍ୟା ଘଟଣା, ଭିଡିଓ ଭାଇରାଲ

ନୂଆଦିଲ୍ଲୀ: ଏନସିପି ନେତା ବାବା ସିଦ୍ଦିକିଙ୍କୁ ଗତ ଶନିବାର ଗୁଳି କରି ହତ୍ୟା କରାଯିବା ଘଟଣାକୁ ନେଇ ପ୍ରତିଦିନ ନୂଆନୂଆ ତଥ୍ୟ ସାମ୍ନାକୁ ଆସୁଛି । ୧୨ ଅକ୍ଟୋବର ରାତିରେ ତିନିଜଣ ସୁଟର ବାବା ସିଦ୍ଦିକିଙ୍କ ଉପରେ ୬ ରାଉଣ୍ଡ ଗୁଳି ଚଳାଇଥିଲେ । ଯେଉଁଥିରେ ଗୋଟିଏ ଗୁଳି ତାଙ୍କ ଛାତିରେ ବାଜିଥିଲା ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ସିଦ୍ଦିକିଙ୍କୁ ମୃତ ଘୋଷଣା କରିଥିଲେ ।

ସୂଚନାଯୋଗ୍ୟ, ଏନ୍ସିପି ନେତା ବାବା ସିଦ୍ଦିକିଙ୍କ ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତ ଗୁରୁମେଲ୍ ବଲଜିତ ସିଂହ ଏବଂ ଧର୍ମରାଜ ରାଜେଶ କାଶ୍ୟପଙ୍କୁ ଗିରଫ କରାଯାଇଥିବା ବେଳେ ତୃତୀୟ ଅଭିଯୁକ୍ତ ଶିବ କୁମାର ଫେରାର୍ ଅଛି । ଏହି କ୍ରମରେ ଅଭିଯୁକ୍ତ ଧର୍ମରାଜ ରାଜେଶ କାଶ୍ୟପର ଏକ ଭିଡିଓ ସାମ୍ନାକୁ ଆସିଛି । ଯାହାକୁ ମୁମ୍ବାଇ ପୁଲିସ ଏହି ଗୁଳିକାଣ୍ଡ ଘଟଣାରେ ପ୍ରଥମେ ଗିରଫ କରିଥିଲା । ଭିଡିଓରେ ଦେଖିବାକୁ ମିଳୁଛି, ଧର୍ମରାଜ ରାଜେଶ କାଶ୍ୟପକୁ ପୁଲିସ କାବୁ କରିବାକୁ ପହଞ୍ଚିଥିବା ବେଳେ ସେ ଭୟଭୀତ ହୋଇ ପ୍ରଥମେ ହାତ ଉପରକୁ କରି ଦେଇଥିଲା । ପୁଲିସ ତାକୁ କେଣସି ଏକ ପାର୍କ ଭଳି ସ୍ଥାନରୁ ଗିରଫ କରୁଥିବା ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି । ଧର୍ମରାଜ କଶ୍ୟପ ଉତ୍ତରପ୍ରଦେଶର ବହରାଇଜରେ ବସବାସ କରେ । ଧରାପଡ଼ିବା ପରେ କଶ୍ୟପ ନାବାଳକ ବୋଲି କୁହାଯାଉଥିଲା ।

# ଆଜି କୋଣାର୍କ ସୂର୍ଯ୍ୟସ୍-ସର୍ଦ୍ଦନ ସୁପରଷ୍ଟାର ଫାଇନାଲ

## ଲିଜେଣ୍ଡସ୍ ଲିଗ କ୍ରିକେଟ୍
### ସୂର୍ଯ୍ୟସର ଧମାକାଦାର ବିଜୟ

ଶ୍ରୀନଗର: ଶ୍ରୀନଗରର ବକ୍ସୀ ଷ୍ଟାଡିୟମରେ ଏକ ରୋମାଞ୍ଚକ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ୍ ୧ରନ୍ ବ୍ୟବଧାନରେ ତୋୟମ୍ ହାଇଦ୍ରାବାଦକୁ ପରାସ୍ତ କରିଥିଲା । ଏହି ବିଜୟ ସହ କେଏସଓ ଫାଇନାଲରେ ପ୍ରବେଶ କରିଛି ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା ତୋୟମ ହାଇଦରାବାଦ ଦଳ । କେଏସଓ ପାଇଁ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲେ ରିଚାର୍ଡ ଲେଭି ଏବଂ ଦିଲ୍‌ଶାନ୍ ମୁନାୱୀରା । ଲେଭି ୯ ବଲରେ ୬ ରନ୍ କରି ଆଉଟ ହେଇଥିବା ବେଳେ ମୁନାୱୀରା ୧୮ ବାଲ୍ ରେ ୧୮ ରନ୍ କରିଥିଲେ । ୟୁସୁଫ ପାଠାନ ୪ ବଲ୍ ରେ ୧୨ ରନ୍ କରିଥିଲେ । କେଭିନ୍ ଓବ୍ରାଇନ୍ ଏବଂ ଅଧିନାୟକ ଇରଫାନ୍ ପାଥାନ୍ ପଞ୍ଚମ ୱିକେଟ ପାଇଁ ୭୯ ରନ୍ ଯୋଡିଥିଲେ । କେଭିନ୍ ୩୯ ବଲ୍ ରେ ୫୦ ରନ୍ କରି ଆଉଟ ହେଇଥିଲେ । ଇରଫାନ୍ ୩୫ ବାଲ୍ ରେ ୪୯* କରି ଅପାଜିତ ରହିଥିଲେ । ଇନିଂସ ଶେଷରେ କେଏସଓ ଦଳ ୧୫୬/୫ ସ୍କୋର କରିଥିଲା ।

ତୋୟମ୍ ହାଇଦରାବାଦ ପାଇଁ ଷ୍ଟୁଆର୍ଟ ବିନି ୪ ଓଭର୍ ରେ ୨/୧୯ ନେଇଥିଲେ । ନୁୱାନ୍ ପ୍ରଦୀପ୍, ଇସୁରୁ ଉଦାନା ଏବଂ ମଣ୍ଟି ପାନେସର୍ ଗୋଟିଏ କରି ୱିକେଟ ନେଇଥିଲେ । ୧୫୭ ରନ୍‌ର ବିଜୟଲକ୍ଷ୍ୟକୁ ତୋୟମ୍ ହାଇଦରାବାଦ ପିଛା କରିଥିଲା । ଜର୍ଜ୍ ଓକର୍ଜ୍ ୱାଲ୍ଟନ୍ ୧୩ ବଲ୍ ରେ ୧୦ ରନ୍ ଏବଂ ଓକର୍ଜ୍ ୧୦ ବଲ୍ ରେ ୮ ରନ୍ କରିଥିଲେ । ପିଟର୍ ଟ୍ରେଗୋ ୧୨ ବଲ୍ ରେ ୧୫ ରନ୍ ଯୋଡିଥିଲେ । ରିକ୍କି କ୍ଲାର୍କ୍ ୪୪ ବଲ୍ ରେ ୬୭ ରନ୍ । ଅଧିନାୟକ ଗୁରକିରାତ ସିଂହ ମାନ୍ ୨୫ ବଲ୍ ରେ ୨୭ କରି ଅପାଜିତ ରହିଥିଲେ । ସାମିଉଲ୍ଲାହ୍ ସେନୱାରୀ ୭ ବଲ୍ ରେ ୧୧ ରନ୍ କରିଥିଲେ । ଅନ୍ତିମ ଓଭର୍‌ରେ ୧୨ ରନ୍ ଅବଶ୍ୟକଥିଲା। ଇରଫାନ୍ ପାଠାନ୍ କେବଳ ୧୦ ରନ୍ ଦେଇଥିଲେ । ଟୋୟମ୍ ହାଇଦରାବାଦ ୨୦ ଓଭର୍ ଖେଳି ୧୫୫/୬ କରିପାରିଥିଲେ ।

କୋଣାର୍କ ସୂର୍ଯ୍ୟସ୍ ଓଡିଶା ପାଇଁ ବୋଲିଂ ଦିୱେଶ୍ ପଠାନିଆ (୧/୩୦), ୱିନୟ କୁମାର (୧/୧୫), ବେନ୍ ଲଉଘଲିନ୍ (୧/୨୪), ଶାହବାଜ୍ ନାଦୀମ୍ (୧/୨୧), କେପି ଆପ୍ପନା (୧/୩୯), ଏବଂ ଇରଫାନ୍ ପାଠାନ୍ (୧/୧୦) ୱିକେଟ୍ ସଫଳତା ହାସଲ କରିଥିଲେ ।

ଶ୍ରୀନଗର,୧୫।୧୦(ସବ୍ୟୁ): ଶ୍ରୀନଗରର ବକ୍ସୀ ଷ୍ଟାଡିୟମରେ ବୁଧବାର ଲିଜେଣ୍ଡସ୍ ଲିଗ୍ କ୍ରିକେଟର ମହାମୁକାବିଲା ହେବ । ଇରଫାନ୍ ପଠାନଙ୍କ ନେତୃତ୍ୱାଧିନ କୋଣାର୍କ ସୂର୍ଯ୍ୟସ୍ ଓ ସର୍ଦ୍ଦନ ସୁପର ଷ୍ଟାର ଫାଇନାଲରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ମ୍ୟାଚ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ଅତ୍ୟନ୍ତ ଭାଗ୍ୟଶାଳୀ ସୂର୍ଯ୍ୟସ୍ ଦଳ ଲିଜେଣ୍ଡସ୍ ଲିଗରେ ପ୍ରଥମ ଥର ସାମିଲ ହୋଇ ଫାଇନାଲରେ ପ୍ରବେଶ କରିଛି। ସୋମବାର ଏକ ରୋମାଞ୍ଚକ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ୍ ୧ରନ୍ ବ୍ୟବଧାନରେ ତୋୟମ୍ ହାଇଦ୍ରାବାଦକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଲିଗ୍ ପର୍ଯ୍ୟାୟରୁ ଫାଇନାଲ ପର୍ଯ୍ୟନ୍ତ କୋଣାର୍କ ସୂର୍ଯ୍ୟସର ଯାତ୍ର ବେସ ଚାଲେଞ୍ଜ ପୂର୍ଣ୍ଣ ଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ଦଳ ପ୍ଲେଅଫସ୍‌କୁ ପ୍ରବେଶ କରିବା ସନ୍ଦେହ ଉପଜିଥିଲା। ହେଲେ ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଥିଲା ଇରଫାନ୍‌ଙ୍କ ଦଳ ସୂର୍ଯ୍ୟସ୍ । ଲିଗ୍ ପର୍ଯ୍ୟାୟରେ ସୂର୍ଯ୍ୟସ୍ ଦଳ ପ୍ରଥମ ମ୍ୟାଚରେ ଗତ ସଂସ୍କରଣର ବିଜେତା ମଣିପାଲ ଟାଇଗର୍ସକୁ ୨ରନ୍ ବ୍ୟବଧାରେ ପରାଜିତ କରି ଅଭିଯାନ ଆରମ୍ଭ କରିଥିଲା। ମ୍ୟାଚ ରାଜସ୍ଥାନର ଯୋଦ୍ଧପୁରରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଦଳ ପରବର୍ତ୍ତୀ ମ୍ୟାଚ୍ ପାଇଁ ସୁରଟ ଯାଇଥିଲା। କିନ୍ତୁ ବର୍ଷା କାରଣରୁ ମଣିପାଲ ଟାଇଗର୍ସ ଓ ଇଣ୍ଡିଆ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ଧୋଇଯିବାରୁ ଦଳ ପାଇଁ ପ୍ଲେଅଫ୍ ଆଶା ମଉଳି ଯାଇଥିଲା। ସର୍ଦ୍ଦନ ସୁପର ଷ୍ଟାର ନିକଟରୁ ଦଳ ଚତୁର୍ଥ ମ୍ୟାଚରେ ୮ୱିକେଟରେ ପରାଜିତ ହେବା ତଥା ଇଣ୍ଡିଆ କ୍ୟାପିଟାଲକୁ ୫ ୱିକେଟରେ ପରାଜିତ କରି ଆଗକୁ ବଢ଼ିଥିଲା ଦଳ । ୬ଷ୍ଠ ମ୍ୟାଚରେ ହାଇଦ୍ରାବାଦ ନିକଟରୁ ୪ ୱିକେଟରେ ହାରିଥିବା ବେଳେ ୭ମ ମ୍ୟାଚରେ ଗୁଜରାଜକୁ ୭ ୱିକେଟରେ ପରାଜିତ କରି ପ୍ଲେଅଫସ୍‌ରେ ଦଳ ପ୍ରବେଶ କରିଥିଲା। କ୍ୱାଲିଫାୟର ୧ରେ ସର୍ଦ୍ଦନ ସୁପର ଷ୍ଟାର ନିକଟରୁ ୭ ୱିକେଟରେ ପରାଜିତ ହୋଇଥିବା ବେଳେ କ୍ୱାଲିଫାୟର-୨ରେ ତୋୟମ ହାଇଦ୍ରାବାଦକୁ ୧ ରନରେ ପରାଜିତ କରି ଫାଇନାଲରେ ପ୍ରବେଶ କରିଥିଲା । ସେହିଭଳି ସର୍ଦନ ସୁପର ଷ୍ଟାର ପ୍ରଥମ ମ୍ୟାଚରେ ଗୁଜରାଟ, ଦ୍ୱିତୀୟ ମ୍ୟାଚରେ ଇଣ୍ଡିଆ କ୍ୟାପିଟାଲ, ତୃତୀୟ ମ୍ୟାଚରେ ଗୁଜରାଟ, ଚତୁର୍ଥ ମ୍ୟାଚରେ ମଣିପାଲ ଟାଇଗର୍ସ, ୫ମ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ୍, ଷଷ୍ଠ ମ୍ୟାଚରେ ହାଇଦ୍ରାବାଦ ନିକଟରୁ ପରାଜିତ, ୭ମ ମ୍ୟାଚରେ ହାଇଦ୍ରାବାଦ ନିକଟରୁ ପରାଜିତ, କ୍ୱାଲିଫାୟର୍ସ-୧ରେ କୋଣାର୍କ ସୂର୍ଯ୍ୟସ୍‌କୁ ପରାଜିତ କରି ସିଧାସଳଖ ଫାଇନାଲରେ ପ୍ରବେଶ କରିଛି। ତେଣୁ ବୁଧବାର କୋଣାର୍କ ସୂର୍ଯ୍ୟସ୍ ଦଳ କ୍ୱାଲିଫାୟର-୧ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିବ ।




# ଆଜିଠୁ ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ଶୃଙ୍ଖଳା





ବେଙ୍ଗାଲୁରୁ,୧୫।୧୦(ଏଜେନ୍ସି): ବୁଧବାରଠୁ ଆରମ୍ଭ ହେବାକୁ ଯାଉଛି ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ଶୃଙ୍ଖଳା । ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ପ୍ରଥମ ମୁକାବିଲା ବେଙ୍ଗାଲୁରୁରେ ହେବ । ଏଥିପାଇଁ ଉଭୟ ଦଳ ଜୋରଦାର ଅଭ୍ୟାସ କରିଛନ୍ତି । ଅଧୁନା ଜମାଣିଆ ଫର୍ମରେ ଅଛି ଟିମ୍ ଇଣ୍ଡିଆ । ନିକଟରେ ବାଂଲାଦେଶକୁ ଉଭୟ ଟେଷ୍ଟ ଏବଂ ଟି-୨୦ ଶୃଙ୍ଖଳାରେ ମାତ୍ ଦେଇଥିଲା । ଏବେ ନ୍ୟୁଜିଲାଣ୍ଡର ପାଳି । ତେବେ ପ୍ରଥମ ମ୍ୟାଚରେ ପ୍ଲେଇଙ୍ଗ ଇଲେଭନକୁ ନେଇ ଟିମ୍ ଇଣ୍ଡିଆରେ ଚାଲିଛି ମାନସମନ୍ଥନ । ବାଂଲାଦେଶ ବିରୋଧରେ ଖେଳିଥିବା ଟିମ୍ ହିଁ ସମାନ ରହିବା ବୋଲି ଆଶା କରାଯାଉଛି। ଯଦି ଯଶପ୍ରୀତ ବୁମରା ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳୁଛନ୍ତି, ତେବେ ଆକାଶ ଦୀପ୍‌ଙ୍କୁ ବସିବାକୁ ପଡିବ । ଏହାବ୍ୟତୀତ ଦ୍ୱିତୀୟ ବୋଲର ଭାବେ ମହମ୍ମଦ ସିରାଜ ସାମିଲ ହୋଇପାରନ୍ତି । ବେଙ୍ଗାଲୁରୁରେ ଦୁଇ ଦ୍ରୁତ ବୋଲରଙ୍କୁ ନେଇ ପଡିଆକୁ ଓହ୍ଲାଇବ ଟିମ୍ ଇଣ୍ଡିଆ । ବାକି ତିନି ଜଣ ସ୍ପିନରଙ୍କୁ ଟିମରେ ସାମିଲ ହୋଇପାରନ୍ତି । ରବିନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନୀ, ଅକ୍ଷର ପଟେଲ୍ କିମ୍ବା କୁଲଦୀପ ଯାଦବ ସାମିଲ ହୋଇପାରନ୍ତି ।

ପ୍ରଥମ ଟେଷ୍ଟ ପାଇଁ ସମ୍ଭାବ୍ୟ ଭାରତୀୟ ଦଳ: ଯଶସ୍ୱୀ ଜୈସୱାଲ୍, ରୋହିତ ଶର୍ମା (ଅଧିନାୟକ), ଶୁଭମନ୍ ଗିଲ୍, ବିରାଟ କୋହଲି, ରିଷଭ ପନ୍ଥ (ୱିକେଟ୍ କିପର) , କେଏଲ୍ ରାହୁଲ, ରବିନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନୀ, ଅକ୍ଷର ପଟେଲ।/ କୁଲଦୀପ ଯାଦବ, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ ।

ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ଶୃଙ୍ଖଳା
୧୬ ଅକ୍ଟୋବର : ପ୍ରଥମ ଟେଷ୍ଟ-ବେଙ୍ଗାଲୁରୁ
୨୪ ଅକ୍ଟୋବର : ଦ୍ୱିତୀୟ ଟେଷ୍ଟ-ପୁଣେ
୧ ନଭେମ୍ବର : ତୃତୀୟ ଟେଷ୍ଟ-ମୁମ୍ବାଇ

## ଡ୍ରିମ୍‌ସରେ ଶାରଦୀୟ କ୍ରିକେଟ ଧମାକା



କଟକ, ୧୫।୧୦ (ସ୍ୱପ୍ର) : ଶାରଦୀୟ ପାର୍ବଣର ଶୁଭ ଅବସରରେ ଡ୍ରିମ୍‌ସ ଟାଇଟନ୍ ଓ ଟାଙ୍ଗୀ ସୁପର କିଙ୍ଗସ୍ ମଧ୍ୟରେ କ୍ରିକେଟ ଧମାକା ଅନୁଷ୍ଠିତ ହୋଇଥିଲା । ଏଥିରେ ଟାଙ୍ଗୀ ସୁପରକିଙ୍ଗସ୍ ୪୫ରନ୍‌ରେ ଡ୍ରିମ୍‌ସ ଟାଇଟନକୁ ହରାଇ ଚମ୍ପିୟନ୍ ଆଖ୍ୟା ହାସଲ କରିଥିଲେ । ଡ୍ରିମ୍‌ସ ଗ୍ରାଉଣ୍ଡରେ ଆୟୋଜିତ ୨୦ଟ୍ୱେଣ୍ଟିର ଏହି ମ୍ୟାଚ୍‌ରେ ଡ୍ରିମ୍‌ସ ଟାଇଟନ୍ ଟସ୍ ଜିଣି ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ନିର୍ଦ୍ଧାରିତ ୨୦ଓଭରରେ ଟାଙ୍ଗୀ ସୁପର କିଙ୍ଗସ୍ ୮ଉଇକେଟ୍ ବିନିମୟରେ ୧୨୫ ରନ୍ ସଂଗ୍ରହ କରିଥିଲେ। ଏହାର ବିପକ୍ଷରେ ଡ୍ରିମ୍‌ସ ଟାଇଟନ୍ ୧୯ ଓଭରରେ ୮୦ରନ୍ କରି ସମସ୍ତ ଖେଳାଳୀ ଆଉଟ୍ ହୋଇଯାଇଥିଲେ ଏବଂ ଇଂ ଦୁର୍ଗାପ୍ରସାଦ ରଥଙ୍କ ଅଧିନାୟକତ୍ୱରେ ଟାଙ୍ଗୀ ସୁପରକିଙ୍ଗସ୍ ୪୫ରନ୍‌ରେ ବିଜୟୀ ହୋଇଥିଲେ । ଏଥିରେ ଇଂ ଶକ୍ତି ପ୍ରସାଦ ରଥ ମ୍ୟାନ୍ ଅଫ ଦ ମ୍ୟାଚ୍ ଘୋଷିତ ହୋଇଥିଲାବେଳେ ଇଂ ବୈଭବ ଷଡଙ୍ଗୀ କ୍ୟାଚ୍ ଅଫ ଦ ମ୍ୟାଚ୍, ଇଂ ଶିବପ୍ରସାଦ ରଥଙ୍କୁ ପରପର୍ଲ କ୍ୟାପ୍ ଓ ରଣଜିତ୍ ସାହୁ ଅରେଞ୍ଜ କ୍ୟାପ୍ ହାସଲ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡ. ରୁଦ୍ର ନାରାୟଣ ମିଶ୍ର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ରଙ୍କ ସମେତ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ବରିଷ୍ଠ ପଦାଧିକାରୀ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳ ଓ ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଡା. ଜୁବେନ୍ ମହାନ୍ତିଙ୍କ ମୁଖ୍ୟ ସଂଯୋଜନାରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା ।

## ୧୯ରୁ ରାଜ୍ୟ ଚେସ୍ ଚାମ୍ପିଅନସିପ

ଭୁବନେଶ୍ୱର,୧୫।୧୦(ସବ୍ୟୁ): ଆଗାମୀ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମ ସ୍ଥିତ ହର୍ଷ ଗେଟ୍ ହଲ ପରିସରରେ ରାଜ୍ୟ ୧୫ ବର୍ଷରୁ କମ୍ ଚେସ ପ୍ରତିଯୋଗିତା ଆୟୋଜିତ ହେବ । କଟକ ଜିଲ୍ଲା ଚେସ ସଂଘ ଏବଂ ନିଖିଳ ଓଡ଼ିଶା ଚେସ ସଂଘ ଆନୁକୂଲ୍ୟରେ ୩ ଦିନିଆ ଏହି ପ୍ରତିଯୋଗିତା ଉଭୟ ଓପନ ଏବଂ ବାଳିକା ବର୍ଗରେ ଖେଳାଯିବ । ୨୦୦୯ ଜାନୁଆରୀ ୧ କିମ୍ବା ତା ପରେ ଜନ୍ମ ଗ୍ରହଣ କରିଥିବା ଓଡ଼ିଶା ରାଜ୍ୟର ପଞ୍ଜିକୃତ ଖେଳାଳି ଏଥିରେ ଅଂଶଗ୍ରହଣ କରିପାରିବେ । ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ୬୦୦ ଟଙ୍କା ପ୍ରବେଶିକା ଦେୟ ଧାର୍ଯ୍ୟ ହୋଇଛି । ପ୍ରତିଯୋଗିତାରେ ମୋଟ ୪୪ଟି ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଉଭୟ ବର୍ଗରେ ପ୍ରଥମ ୧୦ଟି ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କ ବ୍ୟତୀତ ୭,୯,୧୧ ଏବଂ ୧୩ ବର୍ଷରୁ କମ୍ ବୟସ ବର୍ଗରେ ପ୍ରଥମ ୩ଟି ସ୍ଥାନ ଅଧିକାର କରିଥିବା ଉଭୟ ବାଳକ ଓ ବାଳିକାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ । ଆଗ୍ରହୀ ପ୍ରତିଯୋଗୀ ଆଗାମୀ ୧୭ ତାରିଖ ସୁଦ୍ଧା ପ୍ରବେଶିକା ଦେୟ ସହ ଜନ୍ମ ପ୍ରମାଣପତ୍ର ଦାଖଲ ପୂର୍ବକ ନାମ ପଞ୍ଜିକରଣ କରିବା ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ।

## କେନ୍ଦୁଝର ଓପନରେ ଭାଗ ନେଲା ଭୁବନେଶ୍ୱର ହ୍ୟାଣ୍ଡବଲ ଦଳ



ଭୁବନେଶ୍ୱର,୧୫।୧୦(ସବ୍ୟୁ): ଚଳିତ ମାସ ୧୫-୧୬ ଦୁଇ ଦିନ ଧରି କେନ୍ଦୁଝର ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ ଆମନ୍ତ୍ରଣ ହ୍ୟାଣ୍ଡବଲ ପ୍ରତିଯୋଗିତା ଆୟୋଜିତ ହୋଇଛି । ଏହି ପ୍ରତିଯୋଗିତାରେ ମୋଟ ଆଠଟି ଦଳ ଭାଗ ନେଇଛନ୍ତି । ଓଡ଼ିଶାର ଏକମାତ୍ର ଅନ୍ତର୍ଜାତୀୟ ତାରକା ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନଙ୍କ ନେତୃତ୍ୱରେ ଭୁବନେଶ୍ୱରର ବାର ଜଣିଆ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ଖେଳାଳିମାନେ ହେଲେ ଅଧିନାୟକ ଆର୍ଯ୍ୟନ ବ୍ରାହ୍ମୀନ, ଅଂଶୁମାନ ଦାସ, ଅନିଶ ମୁସ୍ତଫା, ଅମ୍ଳାନ ସାନ ମହାନ୍ତି, ଅମ୍ରିତ ରାଜ ମହାନ୍ତି, ପ୍ରତ୍ୟୁଷ କୁମାର ଦାସ, ବିକାଶ ମହାପାତ୍ର, କୁଲଦୀପ ସାମନ୍ତ, ଚିନ୍ମୟ ବେହେରା, ସୁପ୍ରଜିତ ବେହେରା, ସତ୍ୟବ୍ରତ ମହାନ୍ତି କୋଚ ଗୌରୀ ଶଙ୍କର ମିଶ୍ର ଦଳ ଯାତ୍ରା କରିଛନ୍ତି । ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

ତାଳଚେର, ୧୫।୧୦(ସବ୍ୟୁ) : ଓଡ଼ିଶାର ଏକମାତ୍ର ତାଳଚେର ରାଇଫଲ କ୍ଲବରେ ୫୯ତମ ବାର୍ଷିକ ବନ୍ଧୁକ ଚାଳନା ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥ ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନୀୟ ଅତିଥିଭାବେ ପୂର୍ବତନ ସାଂସଦ ତଥା ପୂର୍ବତନ ମୁଖ୍ୟସଚେତକ ରବିନାରାୟଣ ପାଣି ଓ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରିଣୀ ପ୍ରତିଭା ବାରିକ ଯୋଗ ଦେଇଥିଲେ । କ୍ଲବର ଯୁଗ୍ମ ସମ୍ପାଦକ ଶରତଚନ୍ଦ୍ର ଦେବ୍ ଅତିଥି ପରିଚୟ ପ୍ରଦାନ କରିବା ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । କ୍ଲବର ସଭାପତି ପ୍ରବୀର ଚନ୍ଦ୍ର ଧିରଦେବ ବାର୍ଷିକପାଠ ବିବରଣୀ କରିଥିଲେ ଓ ପରେ ଅତିଥିମାନଙ୍କ ଦ୍ୱାରା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ବନ୍ଧୁକ ଚାଳନା ପ୍ରତିଯୋଗିତାରେ ରାଜ୍ୟରୁ ପ୍ରାୟ ୨ଶହ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିମଧ୍ୟରୁ ୧୨୦ଜଣ ସ୍ୱର୍ଣ୍ଣପଦକ, ୪୦ ରୌପ୍ୟପଦକ ଓ ବ୍ରୋଞ୍ଜପଦକ ପାଇଥିଲେ । ଏହି କ୍ରୀଡ଼ାରେ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ରେଞ୍ଜ ଅଫିସର ଭାବେ ପରେଶ ପଟ୍ଟନାୟକ, ପ୍ରମୋଦ ସାହୁ, ପରେଶ ଷଡଙ୍ଗୀ, ମନୋରଞ୍ଜନ ଦାସ ଖେଳକୁ ପରିଚାଳନା କରିଥିଲେ ।

# ସାମିଙ୍କୁ ଅଷ୍ଟ୍ରେଲିଆ ନେବାକୁ ଚାହୁଁ ନାହାନ୍ତି ରୋହିତ



ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି) : ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ବଡ଼ ବୟାନ ଦେଇଛନ୍ତି । ବେଙ୍ଗାଲୁରୁରେ ମ୍ୟାଚ୍ ଆରମ୍ଭ ହେବାକୁ ଥିବା ବେଳେ ଦିନକ ଆଗ ରୋହିତ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏହି ସମୟରେ ତାଙ୍କୁ ଦିନିକିଆ ବିଶ୍ୱକପ ଠାରୁ ଆହତ ସମସ୍ୟା ଦେଇ ଗତି କରୁଥିବା ଷ୍ଟାର ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା ।



ଏହାର ଉତ୍ତରରେ ସେ ନିଶ୍ଚିତ କରିଛନ୍ତି ଯେ, ସାମି ନଭେମ୍ବର ୨୨ରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁ ଥିବା ୫ ଟିକିଆ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜରେ ମଧ୍ୟ ନଜର ଆସିବେ ନାହିଁ । ୨୦୨୩ ବିଶ୍ୱକପ ପରଠାରୁ ଟିମରୁ ବାହାରେ ରହିଥିବା ସାମି ବାରମ୍ବାର କମବ୍ୟାକ କରିବାକୁ ଚେଷ୍ଟା କରିଥିଲେ ହେଁ ଏହା ସମ୍ଭବ ହୋଇ ପାରିନାହିଁ । ଏବେ ରୋହିତ ତାଙ୍କୁ ଅଷ୍ଟ୍ରେଲିଆ ଟୁରରେ ନେବାକୁ ଚାହୁଁ ନଥିବା ମଧ୍ୟ ସ୍ପଷ୍ଟ କରିଛନ୍ତି ।

ଯଦି ବି ସେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ବେଳକୁ ଫିଟ ହୋଇ ସାରିଥିବେ, ତଥାପି ରୋହିତ ତାଙ୍କୁ ସ୍କ୍ୱାଡରେ ନେବାକୁ ଅରାଜି ହୋଇଛନ୍ତି । ଏହା ପଛର କାରଣ ହେଲା ସାମି ଏବେ ମ୍ୟାଚ୍ ଖେଳିବାକୁ ପୂରା ପ୍ରସ୍ତୁତ ହୋଇ ନାହାନ୍ତି । କାରଣ ସେ ୨୦୨୩ ଡିସେମ୍ବରରୁ ହିଁ କୌଣସି କ୍ରିକେଟ ମ୍ୟାଚ୍ ଖେଳିନାହାନ୍ତି ।

ସେ କହିଛନ୍ତି, ଅଷ୍ଟ୍ରେଲିଆ ସିରିଜ ପାଇଁ ତାଙ୍କ ଉପରେ ନିଷ୍ପତ୍ତି ନେବା ଅତ୍ୟନ୍ତ କଷ୍ଟକର । ତାଙ୍କର ଆହତ ସମସ୍ୟା ରହିଥିଲା ଓ ଆଣ୍ଠୁ ମଧ୍ୟ ଫୁଲିବା ଭଳି ସମସ୍ୟା ଦେଖାଯାଇଥିଲା । ଏହା ତାଙ୍କୁ ସମାନ୍ୟ ପଛକୁ ନେଇ ଯାଇଛି ଓ ତାଙ୍କୁ ପୁଣି ସବୁ କିଛି ଆରମ୍ଭ କରିବାକୁ ପଡ଼ିଛି । ଏବେ ସେ ଏନସିଏର ଡାକ୍ତର ଓ ଫିଜୋଓଙ୍କ ତତ୍ତ୍ୱାବଧାନରେ ରହିଛନ୍ତି ।

ଆମେ ସାମିଙ୍କୁ ଅଷ୍ଟ୍ରେଲିଆ ନେବାକୁ ଚାହୁଁନାହୁଁ । ସେ ଫିଟ ହେବା ପ୍ରକ୍ରିୟାରେ ରହିଥିଲେ । ସେ ପ୍ରାୟ ୧୦୦% ଫିଟ ହୋଇଯାଇଥିଲେ । ହେଲେ ତାଙ୍କ ଆଣ୍ଠୁରେ ପୁଣି ଫୁଲା ଦେଖାଯାଇଥିଲା । ଏହା ତାଙ୍କୁ ଫିଟ ହେବାରେ ପୁଣି ପଛକୁ ନେଇ ଯାଇଛି । ତେଣୁ ତାଙ୍କୁ ପୁଣି ସବୁକିଛି ଆରମ୍ଭ କରିବାକୁ ପଡ଼ିଥିଲା ।

ଜାତୀୟ ଟିମକୁ ଆସିବା ପୂର୍ବରୁ ସାମିକୁ ପୁଣି ପୂର୍ଣ୍ଣମାତ୍ରାରେ ଫିଟ ହେବାକୁ ପଡ଼ିବ ବୋଲି ଟିମ ମ୍ୟାନେଜମେଣ୍ଟ ଚାହୁଁଛି । ଆମେ ତାଙ୍କୁ ୧୦୦% ଫିଟ ଦେଖିବାକୁ ଚାହୁଁଛୁ । ଜଣେ ଦ୍ରୁତ ବୋଲରଙ୍କ ପାଇଁ ଅନେକ ସମୟ ଧରି କ୍ରିକେଟରୁ ଦୂରେଇ ରହିବା ଗୋଟିଏ ଗମ୍ଭୀର ବିଷୟ । ଏପରି ସ୍ଥିତିରେ ହଠାତ୍ ଆସିବା ଓ ଶତ ପ୍ରତିଶତ ଦେବା ସମ୍ଭବ ନୁହେଁ । ଫିଜିଓ, ଟ୍ରେନର୍ସ ଓ ଡାକ୍ତରମାନେ ତାଙ୍କ ପାଇଁ ପୂରା ରୋଡ ମ୍ୟାପ ପ୍ରସ୍ତୁତ କରିଛନ୍ତି । ସେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ପୂର୍ବରୁ କିଛି ଅଭ୍ୟାସ ମ୍ୟାଚ୍ ମଧ୍ୟ ଖେଳିବାର ସମ୍ଭାବନା ରହିଛି ।

ଜାତୀୟ କ୍ରିକେଟ ଏକାଡେମୀର କର୍ମଚାରୀମାନେ ନିୟମିତ ଭାବେ ସାମିଙ୍କ ସହ କାମ କରୁଛନ୍ତି । ନିଜ ଫିଟନେଶର ପ୍ରମାଣ ଦେବା ପାଇଁ ସାମିଙ୍କୁ କିଛି ମ୍ୟାଚ୍ ମଧ୍ୟ ଖେଳିବାକୁ ପଡ଼ିବ ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Rakesh Chandra Mohanty: ମୁଖ୍ୟ ସମ୍ପାଦକ: ରାକେଶ ଚନ୍ଦ୍ର ମହାନ୍ତି। Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି